

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com


ବାଲେଶ୍ୱର ■ ସୋମବାର ୨୬ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 26 JULY 2021
Vol.No. 32 ■ No. 190 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



## ପଞ୍ଜାବ ପରେ ରାଜସ୍ଥାନରେ ଘନଉଛି କଂଗ୍ରେସ କନ୍ଦଳ

- ୨୮ ହୋଇପାରେ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ
- ସଚିନ ପାଇଲଟଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ବଢୁଛି ଦାବି



ନୂଆଦିଲ୍ଲୀ,୨୫/୦୭: ରାଜସ୍ଥାନ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ ଆଜି କଂଗ୍ରେସ ବିଧାୟକ ଦଳର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପରେ ରାଜସ୍ଥାନ କଂଗ୍ରେସ ପ୍ରଭାରୀ ତଥା ଏଆଇସିସି ସଦସ୍ୟ ଅଜୟ ମାକେନ କହିଛନ୍ତି କି ମନ୍ତ୍ରୀମଣ୍ଡଳ ବିସ୍ତାର ଓ ରାଜନୈତିକ ପଦରେ ନିଯୁକ୍ତି ନେଇ କେନ୍ଦ୍ର ନେତୃତ୍ୱଙ୍କ ନିଷ୍ପତ୍ତିକୁ ସମସ୍ତେ ସ୍ୱିକାର କରିବେ । ଅନ୍ୟପଟେ କ୍ୟାବିନେଟ୍ ବିସ୍ତାର କଥା ଉଠିବା ପରେ ରାଜସ୍ଥାନ କଂଗ୍ରେସ ୨ ଭାଗରେ ବିଭକ୍ତ ହୋଇଛି । ବୈଠକ ପୂର୍ବରୁ ପାଇଲଟଙ୍କ ସମର୍ଥକମାନେ ଜୋରଦାର ନାରାବାଜି କରିବା ସହ ସଚିନ ପାଇଲଟଙ୍କୁ ମୁଖ୍ୟମନ୍ତ୍ରୀ କରାଯାଉ ବୋଲି ଦାବି କରିଛନ୍ତି । ଅନ୍ୟପଟେ ଅଜୟ ମାକେନ କହିଛନ୍ତି କି ସେ ଖୁବଶୀଘ୍ର ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ସମ୍ବନ୍ଧରେ ନିଷ୍ପତ୍ତି ଘୋଷଣା କରିବେ । ଜିଲ୍ଲା ଓ ବ୍ଲକ ସ୍ତରରେ ଦଳର ନେତୃତ୍ୱ ନିଯୁକ୍ତି ନେଇ ସ୍ଥାନୀୟ ବିଧାୟକଙ୍କ ପରାମର୍ଶ ଗ୍ରହଣ କରାଯିବ । ଏନେଇ ଜୁଲାଇ ୨୮ ଓ ୨୯ ତାରିଖରେ ସେ ପୁଣି ରାଜସ୍ଥାନ ଆସିବେ ବୋଲି କହିଛନ୍ତି । ରାଜସ୍ଥାନର ଆସନ୍ତା ସପ୍ତାହରେ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ହୋଇପାରେ ବୋଲି ଆଶା କରାଯାଉଛି । ଏହାସହ ରାଜ୍ୟରେ ରାଜନୈତିକ ନିଯୁକ୍ତି ବି କରାଯିବ । ଏହାପରେ ସଚିନ ପାଇଲଟ ଓ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ମଧ୍ୟରେ ଚାଲିଥିବା ବିବାଦ ତୁଟାଇବାକୁ ବି ଦଳ ହାଇକମାଣ୍ଡ ଓ ରାଜ୍ୟ ପ୍ରଭାରୀ ନିଷ୍ପତ୍ତି ନେବେ । କହିରଖୁ କି, ରାଜସ୍ଥାନରେ ଦଳ ଭିତରେ ଚାଲିଥିବା କନ୍ଦଳ ମେଣ୍ଟାଇବାକୁ ଶନିବାର ଦିନ ଅଜୟ ମାକେନ ଓ କେ.ସି ବେଣୁଗୋପାଳ ରାଜସ୍ଥାନରେ ପହଂଚିଥିଲେ । ସେଠାରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ବାସଭବନରେ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ଓ ରାଜନୈତିକ ନିଯୁକ୍ତି ନେଇ ବିଶେଷ ଆଲୋଚନା ହୋଇଥିବା କୁହାଯାଇଛି ।

## କେଉଁ ପରିସ୍ଥିତିରେ ଆସିବ କରୋନାର ତୃତୀୟ ଲହର ?



ଭୁବନେଶ୍ୱର,୨୫/୦୭(ନି.ପ୍ର): କେବେ ଆସିବ କରୋନାର ତୃତୀୟ ଲହର ? କେଉଁ ପରିସ୍ଥିତିରେ ଆସିବ ତୃତୀୟ ଲହର ? ଯଦି ଆସିବ ଏହା କେତେ ଭୟଙ୍କର ହେବ ? ଏଭଳି କିଛି ଆକଳନ ଭିତରେ ଏକ ବଡ଼ ବୟାନ ରଖିଛନ୍ତି ଦିଲ୍ଲୀ ସବଦରଜଙ୍ଗ ହସ୍ପିଟାଲର ବରିଷ୍ଠ ଡାକ୍ତର ଜୁଗଲ କିଶୋର । ସେ କହିଛନ୍ତି ମୁଖ୍ୟତଃ ଦୁଇଟି ପରିସ୍ଥିତିରେ କରୋନାର ତୃତୀୟ ଲହରର ପ୍ରଭାବ ଦେଖିବାକୁ ମିଳିବ । ପ୍ରଥମରେ ବର୍ତ୍ତମାନ ଥିବା କରୋନା ଭୂତାଣୁ ଲୋକଙ୍କୁ କ୍ରମାଗତ ଭାବେ ସଂକ୍ରମଣ କରି ଚାଲିବ, ଯେପର୍ଯ୍ୟନ୍ତ ଲୋକଙ୍କ ଦେହରେ ଆଂଟିବଡ଼ି ତିଆରି ନହୋଇଛି । ଯାହାର ପ୍ରଭାବରେ ତୃତୀୟ ଲହର ଆସିବାର ସମ୍ଭାବନା ରହିଛି । ଦ୍ୱିତୀୟରେ ଯଦି କରୋନାର ଏକ ନୂଆ ଭାରିଆଂଟ ଆସିବ ଏବଂ କ୍ରମାଗତ ଭାବେ ସଂକ୍ରମଣ ବଢ଼ାଇବ, ତାଦ୍ୱାରା କରୋନାର ତୃତୀୟ ଲହର ଆସିବାର ସମ୍ଭାବନା ରହିଛି । କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଜୁଗଲ କିଶୋରଙ୍କ କହିବା କଥା ହେଲା, ତୃତୀୟ ଲହର ଦ୍ୱିତୀୟ ଲହର ଭଳି ଏତେ ଭୟଙ୍କର ହୋଇନପାରେ । କିନ୍ତୁ ଏସବୁ ବାହରେ ଯଦି କୌଣସି ନୂଆ ଭାରିଆଂଟ ଆସିଲା ଏବଂ ତାହା ଟିକାର ସୁରକ୍ଷା ଏବଂ ଆଂଟିବଡ଼ିର ସୁରକ୍ଷାକୁ ପ୍ରତିହତ କରିପାରିଲା ତାହା ଭୟଙ୍କର ରୂପ ନେଇପାରେ ବୋଲି ସବଦରଜଙ୍ଗ ହସ୍ପିଟାଲର କମ୍ୟୁନିଟି ମେଡ଼ିସିନ୍ ବିଭାଗର ମୁଖ୍ୟ ଡାକ୍ତର ଜୁଗଲ କିଶୋର କହିଛନ୍ତି । ଏସବୁ ଭିତରେ ସେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି । ତାଙ୍କ ଆକଳନ ଅନୁସାରେ ଡେଲଟା ଭାଇରସ୍ ଏବଂ ଡେଲଟା ପ୍ଲସ୍ ଭାଇରସ୍ ଭିତରେ ବେଶି ବଡ଼ ପ୍ରଭେଦ ନାହିଁ ।

## ଆଜିଠୁ ଖୋଲିବ ସ୍କୁଲ

ଭୁବନେଶ୍ୱର,୨୫/୦୭ (ନି.ପ୍ର): ଆସନ୍ତାକାଲି (ସୋମବାର)ଠାରୁ କୋଭିଡ୍ କଟକଣା ମଧ୍ୟରେ ଖୋଲିବ ସ୍କୁଲ। ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଠ ପଢା ଆରମ୍ଭ ହେବ। ଏହା ପୂର୍ବରୁ ସ୍କୁଲ ଗୁଡିକରେ ସାନିଟାଇଜେସନ୍ କରାଯାଇଛି। ଏହା ସହ ଘରୋଇ ସଂସ୍ଥା ପରିଚାଳିତ ଇଂଲିଶ ମିଡିୟମ ସ୍କୁଲ, ଗଣଶିକ୍ଷା, ଏସସି/ଏସଟି ଓ ପଛୁଆ ବର୍ଗ ପରିଚାଳିତ ହଷ୍ଟେଲ ଖୋଲିବ । ହଷ୍ଟେଲ ଖୋଲିବା ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଏସଓପି ଜାରି କରାଯାଇଥଲା। ନିର୍ଦ୍ଧିଷ୍ଟ ବ୍ୟବଧାନରେ ମେସ୍ ଓ ଶୌଚାଳୟ ▶▶ପୃଷ୍ଠା ୭

## ୨୦୨୨ ଜୁନ୍ ମାସ ସୁଦ୍ଧା ସରିବ ବରମୁଣ୍ଡା ଇଣ୍ଟର ଷ୍ଟେଟ୍ ବସ୍ ଟର୍ମିନାଲ କାମ

### ପ୍ରକଳ୍ପ ସ୍ଥାନ ବୁଲି ଦେଖିଲେ ୫-ଟି ସଚିବ



ଭୁବନେଶ୍ୱର,୨୫/୦୭(ନି.ପ୍ର): ୨୦୨୨ ଜୁନ ମାସ ସୁଦ୍ଧା ସରିବ ଭୁବନେଶ୍ୱର ବରମୁଣ୍ଡାରେ ହେବାକୁ ଥିବା ଇଣ୍ଟର ଷ୍ଟେଟ ବସ୍ ଟର୍ମିନାଲର କାମ । ଆଜି ଏନେଇ ପ୍ରକଳ୍ପ ସ୍ଥାନ ବୁଲି ଦେଖିଛନ୍ତି ୫-ଟି ସଚିବ ଭି.କେ ପାଣ୍ଡିଆନ୍ । ଏହାସହ ସେ ଇଣ୍ଟର ଷ୍ଟେଟ ବସ୍ ଟର୍ମିନାଲର ଅଗ୍ରଗତିର ସମୀକ୍ଷା ମଧ କରିଛନ୍ତି । ୧୮୦ କୋଟି ଟଙ୍କା ବ୍ୟୟରେ ୧୫.୫ ଏକର ଜାଗାରେ ଏହି ବସ୍ ଟର୍ମିନାଲ ନିର୍ମାଣ କରାଯାଉଛି । ଜୁନ୍ ୨୦୨୨ ସୁଦ୍ଧା ଏହି ପ୍ରକଳ୍ପ ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଖଣ୍ଡଗିରିରେ ୩୦୦ ବସ୍ ପାର୍କିଂ କ୍ଷମତା ବିଶିଷ୍ଟ ବସ୍ ଡିପୋ ମଧ ଏହାର ଏକ ଅଂଶ । ତେବେ ଠିକ୍ ସମୟରେ କାମ ଶେଷ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ୫-ଟି ସଚିବ । ଏହାସହ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି ୫-ଟି ସଚିବ ଭି.କେ ପାଣ୍ଡିଆନ୍ । ଜୟଦେବ ବିହାର-ପଟିଆ ରାସ୍ତାରେ ଟ୍ରାଫିକ୍ କମ୍ କରିବା ପାଇଁ ସମାନ୍ତରାଳ ରୋଡ୍ ପ୍ରକଳ୍ପ ପିଡବ୍ଲୁଡି ଦ୍ୱାରା କରାଯାଉଛି । ଏହି ରାସ୍ତା ସିଆରପିଏଫ୍ ସ୍କୋୟାରରୁ ଇନଷ୍ଟିଚ୍ୟୁଟ୍ ଅଫ୍ ମେଥମେଟିକ୍ସକୁ ସଂଯୋଗ କରିବ । ୯୨ କୋଟି ଟଙ୍କା ବ୍ୟୟରେ ୧୩.୬ କିଲୋମିଟର ରାସ୍ତା ନିର୍ମାଣ କରାଯାଉଛି । ବର୍ତ୍ତମାନ ଜାଭିୟର ସ୍କୋୟାରରୁ ଇନଫୋସିଟି ସ୍କୋୟାର ପର୍ଯ୍ୟନ୍ତ ୬ ଲେନ୍ ବିଶିଷ୍ଟ ୫.୧୭ କିଲୋମିଟର ରାସ୍ତା ନିର୍ମାଣ କରାଯାଉଛି । ଏହି ପ୍ରକଳ୍ପ କାମ ୨୦୨୨ ଫେବ୍ରୁଆରୀ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ସେହିପରି ଚନ୍ଦ୍ରଶେଖରପୁରରେ ପିପିପି ମୋଡରେ ବିଡିଏ ପକ୍ଷରୁ ସୁଲଭ ଗୃହ ନିର୍ମାଣ କାମ ଚାଲିଛି । ୨୦.୨୧ ଏକ ଜାଗାରେ ୨୬ ଶହ ଘର ନିର୍ମାଣ କରାଯାଉଛି । ଏହି କଲୋନୀରେ ପ୍ରାଥମିକ ସ୍କୁଲ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସପିଂ ଏରିଆ ଓ ଖେଳିବା ପାଇଁ ବ୍ୟବସ୍ଥା ରହିବ ।

## ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର ହାଇଦରର ମୃତଦେହ

### ପୁଲିସ ହତ୍ୟା କରିଥିବା ନେଇ ପରିବାର ଲୋକଙ୍କ ଅଭିଯୋଗ



ବାଲେଶ୍ୱର,୨୫/୦୭ (ନି.ପ୍ର): ପୁଲିସ ଏନକାଉଣ୍ଟରରେ ମୃତ କୁଖ୍ୟାତ ଗ୍ୟାଙ୍ଗଷ୍ଟାର ହାଇଦର୍‌ର ମୃତଶରୀରକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି । ତେବେ ଗତକାଲି ଭଳି ଆଜି ମୃତ ଶରୀର ହସ୍ତାନ୍ତର ବେଳେ ବି ଲୋକଭିଡ଼ ପରିଲକ୍ଷିତ ହୋଇଥିଲା। କେନ୍ଦ୍ରାପଡ଼ାରୁ ହାଇଦରର ପତ୍ନୀ, ଦୁଇ ଝିଅ ଓ ଦୁଇ ବୋହୂ ଆଜି ସକାଳେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ପୁଲିସ ମୃତଶରୀର ପଞ୍ଚନାମା କରିବା ପରେ ବ୍ୟବଚ୍ଛେଦ ହୋଇଥିଲା। ସକାଳ ପ୍ରାୟ ୧୦ଟା ବେଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ହାଇଦର ପିନ୍ଧିଥିବା ପୋଷାକରୁ ଗୋଟିଏ ନାଲି ରଙ୍ଗର ପକେଟ ଡାଇରୀ ପଞ୍ଚନାମା ବେଳେ ପୁଲିସ ପାଇଥିଲା। ସେଥିରେ ଥିବା ଫୋନ ନମ୍ବରରୁ ତାର ଅପରାଧ ଜଗତର ଲିଙ୍କ ମିଳିବାରେ ସହାୟକ ହେବ ବୋଲି ଆଶା କରାଯାଇଛି। ହାଇଦର ଶରୀରରେ ଗୁଳି ରହିଥିବାରୁ ପ୍ରଥମେ ଏକ୍ସ-ରେ ଓ ସିଟି ସ୍କାନ କରାଯାଇଥିଲା। ତାଙ୍କ ଶରୀରରେ ୪ ଗୋଟି ଗୁଳି ବାଜିଥିବା ▶▶ପୃଷ୍ଠା ୭

## ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୦ରୁ ଅଧିକ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା



ଭୁବନେଶ୍ୱର,୨୫/୦୭(ନି.ପ୍ର): ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୦ରୁ ଅଧିକ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି । ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ପ୍ରକାଶ ପାଇଛି । ତେବେ ଏଥିରେ ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ମୟୁରଭଞ୍ଜ, ମାଲକାନଗିରି, କୋରାପୁଟ, ଖୋର୍ଦ୍ଧା, ପୁରୀ, କନ୍ଧମାଳ ଓ ନୟାଗଡ଼ ରହିଛି । ଏହି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି ବୋଲି କୁହାଯାଇଛି । ଏଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପଟେ ୨୬ରୁ ୨୭ ତାରିଖ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, କେନ୍ଦୁଝର, ମୟୁରଭଞ୍ଜ, ସମ୍ବଲପୁର,ବରଗଡ଼, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ବୌଦ୍ଧ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି । ଏଥିସହିତ ୨୭ରୁ ୩୦ ତାରିଖ ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଯାବତ ଚାନ୍ଦବାଲିରେ ସର୍ବାଧିକ ୩୩.୭ଡିଗ୍ରି ସେଲସିୟସ ତାପମାତ୍ରା ରହିଥିବା ବେଳେ ଫୁଲବାଣୀରେ ସର୍ବନିମ୍ନ ୧୯.୦ ଡିଗ୍ରି ସେଲସିୟସ ତାପମାତ୍ରା ରହିଛି।

## ମନ୍ କି ବାତ୍ କାର୍ଯ୍ୟକ୍ରମରେ ଇଷାକ୍ ମୁଣ୍ଡାଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ




ଭୁବନେଶ୍ୱର,୨୫/୦୭ (ନି.ପ୍ର): ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଷାକ୍ ମୁଣ୍ଡାଙ୍କୁ ପ୍ରଶଂସା କରିଛନ୍ତି । ଉଲ୍ଲେଖନୀୟ ଯେ ୟୁଟ୍ୟୁବରେ ବିଶେଷ କରି ଓଡ଼ିଶାର ପଖାଳ ନେଇ ଇସାକ୍ ଭିଡିଓ କରିଥିଲେ । ଯାହା ଅନ୍ୟ ସମସ୍ତ ପ୍ରକାର ଖାଦ୍ୟ ବ୍ୟଞ୍ଜନ ଠାରୁ ଅଲଗା ଅନୁଭବ ହୋଇଥିଲା। ଆଜି ଇଷାକ ମୁଣ୍ଡା ନିଜ ଉଦ୍ୟମରେ ଜଣେ ଲୋକପ୍ରିୟ ୟୁଟ୍ୟୁବର ହୋଇପାରିଛନ୍ତି। ସଂସ୍କୃତି ଓ ପର୍ଯ୍ୟଟନକୁ ଏକାଠି କରି ଆମ ସମସ୍ତଙ୍କୁ ପ୍ରେରଣା ଆଣି ଦେଇଛନ୍ତି ବୋଲି ମୋଦି କହିଛନ୍ତି।

## ହିମାଚଳ କିନ୍ନୋରରେ ବଡ ଦୁର୍ଘଟଣା : ମାଟି ଅତଡା ଖସି ୯ ଜଣଙ୍କର ମୃତ୍ୟୁ

### ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା



ନୂଆଦିଲ୍ଲୀ,୨୫/୦୭: ହିମାଚଳପ୍ରଦେଶ କିନ୍ନୋରରେ ବଡ ଦୁର୍ଘଟଣା ଘଟିଛି । ସାଗଲା – ଚିତ୍ରକୁଲ ଭୂସ୍ଖଳନ ଘଟିବା ଫଳରେ ପଥରଗୁଡିକ ଏକ ପୋଲ ଉପରେ ପଡିଥିଲା । ଏହି ସମୟରେ ପୋଲ ଉପରେ ଯାଉଥିବା ଏକ ଟେମ୍ପୋ ପୋଲ ତଳକୁ ଖସିପଡିବାରୁ ୯ ଜଣଙ୍କର ମୃତ୍ୟୁ ହୋଇଛି । ଏହାସହ ୪ ଜଣ ଲୋକ ଗୁରୁତର ହୋଇଛନ୍ତି । ଏହି ସୂଚନା ପାଇବା ପରେ ପ୍ରଧାନମନ୍ତ୍ରୀ ଦୁଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ଆହତ ମାନଙ୍କ ଚିକିତ୍ସା ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ସୂଚନା ମୁତାବକ ଏହି ଦୁର୍ଘଟଣା ରବିବାର ଦିନ ୧.୩୦ ମିନିଟ୍ ସମୟରେ ଘଟିଛି । ପୋଲ ଉପରେ ଏକ ଟେମ୍ପୋରେ ୧୧ ଜଣ ଲୋକ ଯାଉଥିବା ବେଳେ ପାହାଡରୁ ବଡ ବଡ ପଥର ଖସି ପୋଲଟି ଭାଙ୍ଗିଯାଇଥିଲା । ଫଳରେ ଟେମ୍ପୋରେ ଥିବା ୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି । ମୃତକଙ୍କ ପରିବାରକୁ ସହାୟତା ସହ ଆହତମାନଙ୍କ ଚିକିତ୍ସାର ସମସ୍ତ ବନ୍ଦୋବସ୍ତ ସରକାରୀ ▶▶ପୃଷ୍ଠା ୭


## ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ଶୀଘ୍ର କରାଇବା ପାଇଁ ବିଜେପିର ଦାବି

### ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାର ଓ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କଲା ଦଳ

ନୂଆଦିଲ୍ଲୀ,୨୫/୦୭: ପଞ୍ଚାୟତ ଓ ପୌର ନିର୍ବାଚନ ଶୀଘ୍ର କରାଇବା ପାଇଁ ଦାବି କଲା ବିଜେପି । ରାଜ୍ୟ ସରକାର ଓ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କଲା ଦଳ । ଆଜି ବିଜେପି ନେତା ପିତାମ୍ବର ଆଚାର୍ଯ୍ୟ କହିଛନ୍ତି, ଟାଳଟୁଳ ନୀତି ବିରୋଧରେ ହାଇକୋର୍ଟ ଯିବୁ । ରାଜ୍ୟ ନିର୍ବାଚନ କମିଶନଙ୍କୁ ହଟାଇବାକୁ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଚେତାବନୀ ଦେଇଛି ବିଜେପି । ସେ ଆହୁରି ମଧ କହିଛନ୍ତି ଭାରତୀୟ ନିର୍ବାଚନ କମିଶନଙ୍କୁ ମହାଅଭିଯୋଗ ପ୍ରସ୍ତାବରେ ବହିଷ୍କାର କରାଯାଏ, ସେମିତି ରାଜ୍ୟ ନିର୍ବାଚନ କମିଶନଙ୍କୁ ମଧ ବହିଷ୍କାର କରାଯାଇପାରିବ । ଲୋକସଭା ଓ ବିଧାନସଭା ନିର୍ବାଚନ ୫ ବର୍ଷ ପୂରିବା ପରେ ଯେମିତି ନିର୍ବାଚନ କରିବାକୁ ବାଧ୍ୟ, ସେମିତି ପଞ୍ଚାୟତ ଓ ପୌର ସମୟ ଅବଧି ଶେଷ ହେଲେ ରାଜ୍ୟ ନିର୍ବାଚନ କମିଶନ ନିର୍ବାଚନ କରିବାକୁ ବାଧ ।

# 'ସାଫ୍ରନ୍ ସୋର୍ଡସ' ପୁସ୍ତକର ଓଡ଼ିଆ ଅନୁବାଦ ଉନ୍ମୋଚିତ

ବାସୁଦେବପୁର,୨୫/୭ (ନି.ପ୍ର): ଇଂରାଜୀ ଭାଷାରେ ପ୍ରକାଶ ପାଇଥିବା ଇତିହାସ ପୁସ୍ତକ ସାଫ୍ରନ ସୋର୍ଡ଼ସ ଇତି ମଧ୍ୟରେ ଚର୍ଚ୍ଚାର ପରିସରକୁ ଆସିଛି । ଏହି ପୁସ୍ତକର ମୂଳ ଇଂରାଜୀ ଲେଖକ ହେଉଛନ୍ତି ମାନସୀ ସିହ୍ନା ରାଓଲ । ଏହାକୁ ଓଡ଼ିଆରେ ଅନୁବାଦ କରିଛନ୍ତି ଓଡ଼ିଶାର ବିଶିଷ୍ଟ ଯୁବ ଲେଖକ ଅନ୍ତର୍ଯାମୀ ମହାରଣା । ଏହି ପୁସ୍ତକ ନିକଟରେ ଉନ୍ମୋଚିତ ହୋଇଯାଇଛି । ଏହି ପୁସ୍ତକ ଉନ୍ମୋଚନ ଓ ଆଲୋଚନା ଚକ୍ରରେ ଯୋଗ ଦେଇଥିଲେ ମୁଖ୍ୟ ଅତିଥି ମେଜର ଜେନେରାଲ ଜି.ଡି. ବକ୍ସି, ମାନସୀ ସିହ୍ନା ରାଓଲ । ସାହିତ୍ୟିକ ଡକ୍ଟର ବିବୁଧ ରଂଜନ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ପ୍ରାବନ୍ଧିକ ଅସିତ କୁମାର ପଣ୍ଡା, କବି ଚିତ୍ତ ରଂଜନ ନାୟକ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ସ୍ତମ୍ଭକାର ଉପେନ୍ଦ୍ର ବିଶ୍ୱାଳ, ଲିପ୍ସା ପଣ୍ଡା, ଐତିହାସିକ ଓ ଗବେଷକ ଅଜୟ ପଣ୍ଡା, କବି କମଳ କୁମାର ମହାନ୍ତି, କବି ସୁଧୀର ପଣ୍ଡା ପ୍ରମୁଖ ଯୋଗଦେଇ ମତାମତ ରଖିଥିଲେ । ବିକ୍ରମ ପରିଜା ସଭା ପରିଚାଳନା କରିଥିଲାବେଳେ ମାନସୀ ସିହ୍ନା ଇତିହାସର ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ସଂର୍ପକରେ ଆଲୋକପାତ କରିଥିଲେ । ଲକ୍ଷ୍ମଣ ଦେହୁରୀ ଓ ସଂଯୋଜକ ବିକ୍ରମ ପରିଜା ଶାନ୍ତି ମନ୍ତ୍ର ପାଠ କରିଥିଲେ । ନୂଆଦିଲ୍ଲୀର ଗରୁଡ଼ ପ୍ରକାଶନ ସଂସ୍ଥା ଏହି ପୁସ୍ତକକୁ ପ୍ରକାଶ କରିଛନ୍ତି । ଗରୁଡ଼ ପ୍ରକାଶନ ପକ୍ଷରୁ ରାହୁଲ କୌଶିକ ଭର୍ଚୁଆଲ ଗୁଗ୍ଲ ମିଟ୍‌କୁ ପରିଚାଳନା କରିଥିଲେ । ଗତ ୨୦୧୯ରେ ଏହି ଇଂରାଜୀ ପୁସ୍ତକ ପ୍ରକାଶ ପାଇଥିଲା । ଏହି ପୁସ୍ତକ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଖୁବ୍ ପ୍ରଶଂସା ଲାଭ କରିଛି । ଦୀର୍ଘ ୧୩୦୦ବର୍ଷ ଧରି ବିଦେଶୀ ଆକ୍ରମଣକାରରୀଙ୍କ ପ୍ରତି ଆମର ପୂର୍ବଜମାନେ ଯେଉଁ ବୀରତ୍ୱ ଦେଖାଇଛନ୍ତି ଓ ଦେଶପାଇଁ ପ୍ରାଣବଳି ଦେଇଛନ୍ତି ସେହି ଦେଶପ୍ରେମର । ଦସ୍ତାବିଜ ହେଉଛି ଏହି ପୁସ୍ତକ ସାଫ୍ରନ ସୋର୍ଡ଼ସ । ବେଷ୍ଟ ସେଲରର ମାନ୍ୟତା ହାସଲ କରିଥିବା ଏହି ପୁସ୍ତକକୁ ଓଡ଼ିଆରେ ଅନୁବାଦ କରି ଲେଖକ ଅନ୍ତର୍ଯାମୀ ମହାରଣା ପାଠକ ମହଲରେ ଖୁବ୍ ଆଦରଲାଭ କରିଛନ୍ତି । ବହୁ ସାହିତ୍ୟିକ ଓ ସାହିତ୍ୟ ଅନୁଷ୍ଠାନ ଏଥିପାଇଁ ଶ୍ରୀ ମହାରଣାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।




# ଦୋକାନ ପୋଡି ଘଟଣାରେ ଜଣେ ଗିରଫ

ଧର୍ମଶାଳା,୨୫/୭ (ନି.ପ୍ର): ଯାଜପୁର ଜିଲା ବୈରୀ ଥାନା ସୋଲର ଛକରେ ଥିବା ଜଗନ୍ନାଥ ଭେରାଇଟ ଷ୍ଟୋରରେ ଚଳିତ ମାସ ୧୯ ତାରିଖରେ ହଠାତ ଅଗ୍ନିକାଣ୍ଡ ଘଟି ଦୋକାନଟି ସଂପୁର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା । ଦୋକାନ ମାଲିକ ରଂଜିତ ନାଥ ଏ ନେଇ ଛତିଆ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିଲେ । ସ୍ଥାନୀୟ ଅଂଚଳର ଧନେଶ୍ୱର ସାମଲ(ଧନୁଆ) ତାଙ୍କ ଦୋକାନକୁ ପୂର୍ବଶତୃତାରୁ ପୋଡି ଦେଇଥିବା ନେଇ ଅଭିଯୋଗ କରିଥିଲେ । ବୈରୀ ଥାନାଧିକାରୀ ସଂଘମିତ୍ରା ନାୟକ ଓ ଛତିଆ ଫାଣ୍ଡି ଅଧିକାରୀ ଗୋବର୍ଦ୍ଧନ ନାୟକ ଘଟଣାସ୍ଥଳରେ ପଂହଚି ତଦନ୍ତ କରିଥିଲେ । ୫ଦିନ ପରେ ପୁଲିସ ଏହି ପୋଡି ଘଟଣାରେ ସଂପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ସୋଲର ଗ୍ରାମର ଧନେଶ୍ୱର ସାମଲ(୫୦)କୁ ଗିରଫ କରିଛି । ପୁଲିସ କେସ ନମ୍ବର ୧୪୪/୨୧ରେ ଆଜି କୋର୍ଟ ଚାଲାଣ କରିଛି । ଧନେଶ୍ୱର ନାମରେ ବଡଚଣା ଓ ବୈରୀ ସମେତ ବହୁ ଥାନାରେ ଅପରାଧିକ ମାମଲା ରହିଥିବା ଜଣାପଡିଛି ।

# ଟ୍ରେନରୁ କୋଇଲା ଚୋରି ଅଭିଯୋଗରେ ୪ କୋର୍ଟ ଚାଲାଣ

କେନ୍ଦ୍ରାପଡା,୨୫/୭ (ନି.ପ୍ର): ହରିଦାସପୁର-ପାରାଦ୍ୱୀପ ରେଲପଥରେ ଚଳାଚଳ କରୁଥିବା ମାଲବାହୀ ଟ୍ରେନ୍ ରୁ କୋଇଲା ଚୋରି କରି ୪ଜଣ କୋର୍ଟ ଚାଲାଣ ହୋଇଛନ୍ତି । ପାରାଦ୍ୱୀପରୁ ଆସୁଥିବା ଟ୍ରେନ ଯୋଗେ ମୂଲ୍ୟବାନ୍ କୋଇଲା କେନ୍ଦ୍ରାପଡା ଦେଇ ରାଜ୍ୟର ବିଭିନ୍ନ ଅଂଚଳକୁ ଚାଲାଣ କରାଯାଇ ଥାଏ । ଏହି ଚଳନ୍ତା ଟ୍ରେନ ଉପରକୁ ଚଢି କୋଇଲା ଚୋରି କରୁଥିବା ବେଳେ ମାର୍ଶାଘାଇ ଥାନା ଅନ୍ତର୍ଗତ ସାନଗାଁ ଗ୍ରାମର ସୁରେଶ ବେହେରା, ଅଜିତ୍ ନାଥ ଶର୍ମା, ମନୋରଞ୍ଜନ ବେହେରା, ସୁଶାନ୍ତ ବେହେରାଙ୍କୁ ପାରାଦ୍ୱୀପ ରେଲୱେ ପୋଲିସ ଚୋରା କୋଇଲା ସହ ଧରି ୬/୨୧ରେ ଏକ ମାମଲା ରୁଜୁ କରି ଏହି ୪ଜଣଙ୍କୁ କେନ୍ଦ୍ରାପଡା କୋର୍ଟ ଚାଲାଣ କରିଥିବା ରେଲୱେ ଥାନା ଅଧିକାରୀ ସିଭି ରମଣା ସୂଚନା ଦେଇଛନ୍ତି । ଅଭିଯୁକ୍ତ ମାନଙ୍କର ଜାମିନ୍ ନାମଞ୍ଜୁର ହେବାରୁ ଏମାନଙ୍କୁ ଜେଲକୁ ପଠାଯାଇଛି ।

# ଉଦୀୟମାନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଚାରାରୋପଣ

ଧର୍ମଶାଳା,୨୫/୭ (ନି.ପ୍ର): ବନମହୋତ୍ସବ ସପ୍ତାହ ଅବସରରେ ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପବିତ୍ର ଗୁରୁପୂର୍ଣ୍ଣମୀରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଧର୍ମଶାଳା ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ, ସୁସାହିତ୍ୟିକ ମହେଶ୍ୱର ପାଢୀ, ସମାଜସେବୀ କାହ୍ନୁଚରଣ ଦାଶଙ୍କ ସମେତ ବହୁ ସାମ୍ବାଦିକ ଯୋଗ ଦେଇ ବହୁ ଔଷଧୀୟ ବୃକ୍ଷ ଲଗାଇଥିଲେ । ସଂଗଠନର ସମସ୍ତ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବିଜେପି ଜିଲ୍ଲା ପରିଷଦ ସଭ୍ୟ ବିଜେଡିରେ

ଧର୍ମଶାଳା,୨୫/୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅନ୍ତର୍ଗତ ୩୪ ନଂ ଜୋନର ଜିଲା ପରିଷଦ ସଭ୍ୟ ରଶ୍ମିରଂଜନ ନାୟକ ଆଜି ଆନୁଷ୍ଠାନିକଭାବେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ଦଳ ପରିତ୍ୟାଗ କରି ଶତାଧିକ କର୍ମୀ ସହ ବିଜେଡିରେ ଯୋଗଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ,ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ବରୀ ବିଧାୟିକା ସୁନନ୍ଦା ଦାସ ଉପସ୍ଥିତ ରହି ରଶ୍ମିରଂଜନଙ୍କୁ ଦଳୀୟ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

# ମୋଦୀ ସରକାରଙ୍କ ସଫଳତାକୁ ନେଇ ଇ-ଚିନ୍ତନ ପ୍ରଶିକ୍ଷଣ ବର୍ଗ

କେନ୍ଦ୍ରାପଡା,୨୫/୭ (ନି.ପ୍ର): ବାରତୀୟ ଜନତା ପାର୍ଟି ତରଫରୁ ମୋଦୀ ସରକାରଙ୍କ ୭ ବର୍ଷର ଶାସନରେ ବିଦେଶ ନୀତି ଓ ଆମ ଉପଲବ୍ଧି ଶୀର୍ଷକ ବିଷୟରେ ୫ମ ଇ-ଚିନ୍ତନ ପ୍ରଶିକ୍ଷଣ ବର୍ଗ ଭର୍ଚୁଆଲ ମାଧମରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଶାଖା ବିଜେପି ପକ୍ଷରୁ ଅନୁଷ୍ଠିତ ଏହି ବୈଠକରେ ସଭାପତି କିଶୋର କୁମାର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବର୍ଗ ସଂଯୋଜକ ବୈଦନାଥ ଚାଟାର୍ଜୀ, ମାର୍ଗ ଦର୍ଶକ ପୂର୍ବତନ ରାଜ୍ୟ ଉପ ସଭାପତି କିଶୋର ମହାନ୍ତି ଯୋଗ ଦେଇ ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଆସିବା ପରେ ପଡୋଶି ରାଷ୍ଟ୍ର ମାନଙ୍କ ସହ ସୁସଂପର୍କ, ବିଦେଶୀ ନୀତି, ସାମରିକ, ଅର୍ଥନୈତିକ, ସଂସ୍କୃତିଗତ ଓ ପ୍ରତିରକ୍ଷା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ କରିବା ସହ ଦେଶର ଅନ୍ତରୀଣ ଓ ବାହ୍ୟ ସୁରକ୍ଷା ଦେଶ ବିରୋଧରେ ଶତୃତା ଆଚରଣ କରୁଥିବା ଦେଶ ମାନଙ୍କ ଉପରେ ବିଶ୍ୱ ସମୁଦାୟ ଚାପ, ଆତଙ୍କବାଦୀ କୁ ଦମନ କରିବା ପ୍ରଭୃତି ଉପରେ ଗୁରୁତ୍ୱ ଦିଆଯାଇଛି ।

ଏହି ବୈଠକରେ ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ, ବିଜୟ ପ୍ରଧାନ, ସୁନାକର ବେହେରା, ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ, କଳ୍ପନା ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଙ୍ଗଲ ଜମି ପଟ୍ଟା ପାଇଁ ତାତିଲେ ବନବାସୀ : ହକ୍ ନ ମିଳିବା ଯାଏ ବନ କର୍ମଚାରୀଙ୍କୁ ଗାଁ ମନା

ନୂଆପଡ଼ା,୨୫/୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସ୍ଥିତ ମାଓ ଅଧ୍ୟୁଷିତ ନଗଲବୋର୍ଡ଼ ଠାରେ ଜମିଜଙ୍ଗଲ ମୁକ୍ତି ଆନ୍ଦୋଳନ ତରଫରୁ ଏକ ବିରାଟ ଜନଆନ୍ଦୋଳନ କରିବା ପାଇଁ ବନବାସୀ ମାନେ ଏକଜୁଟ ହୋଇଥିଲେ । ଆଜି ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଉପସ୍ଥିତ ରହିଥିବା ବେଳେ ସିନାପାଲି ରେଞ୍ଜର ବିମଳ ପ୍ରକାଶ ଟପ୍ପୋ, ଖଡିଆଳ ରେଞ୍ଜର ସଂସ୍କୃତି ଗଡ଼ନାୟକ ଉପସ୍ଥିତ ରହି ଜଙ୍ଗଲ ଜମି ୨୦୦୬ ଆଇନ କାର୍ଯ୍ୟକାରିତା ଉପରେ ବିଶେଷ ଆଲୋଚନା ହୋଇଥିଲା । ଏହି ନିୟମ ଅନୁଯାୟୀ ଗୋଷ୍ଠିଗତ ଅଧିକାର ପାଇଁ ବନବାସୀ ମାନେ ଦୀର୍ଘ ଦିନ ହେଲା ଆବେଦନ କରିବା ସହ ସବିଶେଷ ଫର୍ମ ଦାଖଲ କରି ସାରିଛନ୍ତି ହେଲେ ବନବିଭାଗ ଟାଳଟୁଲ ନୀତି ଅବଲମ୍ବନ କରି ଦସ୍ତଖତ କରୁନାହିଁ । ଏହି ଘଟଣାକୁ ନେଇ ଖଡିଆଳ ଡିଏଫଓ ବିବେକ କୁମାରଙ୍କୁ ଗତ କିଛି ଦିନ ତଳେ ନଗଲବୋଡ ଠାରେ ବନବାସୀ ମାନେ ୨ଘଣ୍ଟା ଧରି ଅଟକ ରଖି ଥିଲେ । ସେହିଦିନ ଡିଏଫଓ ୨୪ତାରିଖ ଦିନ ବୈଠକ ବସି ସମାଧାନ କରିବାକୁ କହିଥିଲେ । କିନ୍ତୁ ଆଜି ଡିଏଫଓ ଆସି ନଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଥଲେ । ଆଗାମୀ ଦିନରେ ବନ ବିଭାଗ ଆମର ହକ ନ ଦେବା ଯାଏଁ ଗ୍ରାମକୁ ବନ କର୍ମଚାରୀ ମାନଙ୍କୁ ଗାଁକୁ ପୁରାଇ ନ ଦେବାକୁ କହି ପୋଷ୍ଟର ଲଗାଇ ପ୍ରତିବାଦ ଜଣାଇଥିଲେ । ବାରମ୍ବାର ପ୍ରଶାସନ ନିକଟରେ ହାରି ଗୁହାରି କରିବା ସତ୍ତ୍ୱରେ ମଧ୍ୟ ପ୍ରଶାସନ ଶୁଣୁ ନ ଥିବରୁ ବନବାସୀ ତତିଛନ୍ତି । ଆଗାମୀ ଦିନରେ କୋଭିଡ କଟକଣାକୁ ନ ମାନି ଡିଏଫଓ ଅଫିସ ସହିତ ଜିଲାପାଳ ଅଫିସ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଡିଏଫଓ ସିନ୍ଦୂରଶିଲ ଗ୍ରାମକୁ ଗତ ୧୯ ତାରିଖ ଦିନ ଯାଇଥିବା ବେଳେ ସେହି ଗ୍ରାମର ଲୋକ ମାନଙ୍କ ସହିତ ଆଲୋଚନା କରି ଆଦିବାସୀ ବ୍ୟତୀତ ଅନ୍ୟ ଜାତିର ଲୋକ ମାନଙ୍କୁ ଜଙ୍ଗଲ ଜମି ପଟ୍ଟା ଦିଆଯିବ ନାହିଁ ବୋଲି କହିବା ପରେ ଅସନ୍ତୋଷ ବୃଦ୍ଧି ପାଇଛି । ସରକାରଙ୍କ ଜଙ୍ଗଲ ନିୟମ ଅନୁଯାୟୀ କୌଣସି ବ୍ୟକ୍ତି ଯଦି ୨୦୦୫ ମସିହା ଡିସେମ୍ବର ସୁଦ୍ଧା ଜଙ୍ଗଲ ଜମି ଦଖଲ କରିଥିଲେ ସେହି ବ୍ୟକ୍ତି ପଟ୍ଟା ପାଇବା ପାଇଁ ହକ ରହିଛି ହେଲେ ପ୍ରଶାସନ ତରଫରୁ କେବଳ କିଛି ଆଦିବାସୀ ମାନଙ୍କୁ ପଟ୍ଟା ଦେଇ ଅଣ ଆଦିବାସୀ ମାନଙ୍କୁ ଆଜି ପର୍ଯ୍ୟନ୍ତ ପଟ୍ଟା ଦିଆଯାଇନାହିଁ ବୋଲି ଆଜିର ବନବାସୀ ମେଲି ରେ ଯୋର ବର୍ଷୀ ଥିଲେ । ଆଗାମୀ ଦିନରେ ଆନ୍ଦୋଳନ କୁ ଯୋର୍ଦାର କରିବାକୁ ପ୍ରସ୍ତୁତି ଚଳାଇଥିବା ବେଳେ ପ୍ରଶାସନ ଆଗାମୀ ଦିନରେ କିଭଳି ପଦକ୍ଷେପ ନେଉଛି ତାହାକୁ ଅପେକ୍ଷା କରିଛନ୍ତି । ଆଜିର ଏହି ମେଲି ରେ ଡବ୍ଲ୍ୟୁଇଓ ସୂର୍ଯ୍ୟକାନ୍ତ ଭୋଇ, ଜିଲ୍ଲାପରିଷଦ ସଦସ୍ୟ ଗିରିରଜ ମାଝି ଆନ୍ଦୋଳନର ସଂଯୋଜକ ଖୁଟୁରାମ ସୁନାନୀ, ହିରାଧର ମାଝି, ମେଘନାଥ ଖର୍ସେଲ, ହନୁରମ୍ ମାଝି, ଗଣେଶ ପୋଡ଼, ଜଗଦିଶ ମାଝି, ତୁଳସିରାମ ମାଝି, ସଉଦାଗର ସାହୁ,ସମେତ ଅନେକ ଉପସ୍ଥିତ ଥିଲେ ।

# ବକେୟା ବିଜୁଳି ବିଲ ପୈଠ ନ ହେବାରୁ ବିଏସଏନଏଲ ଅଫିସର ବିଜୁଳି କାଟିଲେ ବିଜୁଳି ବିଭାଗ

ମାଲକାନଗିରି,୨୫/୭ (ନି.ପ୍ର): ବର୍ତ୍ତମାନ ରାଜ୍ୟ ସରକାର ବିଜୁଳି ବିଭାଗ କୁ ଟାଟା କମ୍ପାନୀକୁ ହସ୍ତାନ୍ତର କଲା ପରେ ଟାଟା ଦେଖାଇଲା ତାର ପାୱାର !ସୂଚନା ଅନୁଯାୟୀ ମାଲକାନଗିରି ଡିଭିଜନ ଅଧୀନରେ ଥିବା ବିଭିନ୍ନ ସରକାରୀ ଅଫିସ ର ବକେୟା ବିଦ୍ୟୁତ ବିଲ ଆଦାୟ ପାଇଁ ଟାଟା କମ୍ପାନୀ ନେଇଛି ଏକ ଦୃଢ ପଦକ୍ଷେପ !ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କ୍ରୀଡା ଛାତ୍ରା ବାସରେ ଟାଟା କମ୍ପାନୀ ସର୍ବ ପ୍ରଥମେ ମାଲକାନଗିରି ଜିଲ୍ଲାର କ୍ରୀଡା ଛାତ୍ରା ବାସର ବକେୟା ପଡିରହିଥିବା ୩୭ ଲକ୍ଷ ବିଦ୍ୟୁତ ବିଲ ପୈଠ ନ ହେଇ ଥିବାରୁ ବିଜୁଳି ବିଭାଗ ପକ୍ଷରୁ ବିଦ୍ୟୁତ ଛିନ୍ନ କରାଯାଇଥିଲା ! କ୍ରୀଡା ଛାତ୍ରାବାସ ପରେ ଭାରତ ସଂଚାର ନିଗମ ଅଫିସ ର ବକେୟା ବିଲ ଉପରେ !ଅଫିସ ର ବକେୟା ବିଜୁଳି ବିଲ ଯୋଗୁଁ ଆଜି ବିଏ ସଏ ନଏ ଲ ଅଫିସରୁ ବିଦ୍ୟୁତ ସଂଯୋଗକୁ ଛିନ୍ନ କରି ଦିଆଯାଇଛି । ଅଧୀନରେ ଥିବା ଜିଲ୍ଲା ସଦର ମହକୁମାର ସମସ୍ତ ଟାୱାର ଓ ଏକ ମାତ୍ର ଏକ୍ସଚେଞ୍ଜ ରୁ ବିଦ୍ୟୁତ ସଂଯୋଗକୁ ଛିନ୍ନ କରିଛି ବିଜୁଳି ବିଭାଗ । ଦୀର୍ଘଦିନ ଧରି ଜିଲ୍ଲା ସଦର ମହାକୁମାରେ ଥିବା ଅଫିସର ୭ଲକ୍ଷ ୩୬ହଜାର ୨୧୧ ଟଙ୍କାର ବିଦ୍ୟୁତ ବିଲ ବକେୟା ଥିବା ବେଳେ ସଦର ମହକୁମାର ମାଇକ୍ରୋ ଟାୱାର ର ୧ ଲକ୍ଷ ୪୬ ହଜାର ୩୪୪ଟଙ୍କା, ମାଉଲିମନ୍ଦିର ସାହି ଟାୱାର ର ୫ ଲକ୍ଷ ୭୦ ହଜାର ୪୭୨ ଟଙ୍କା, ରିକ୍ଲାମେସନ କଲୋନୀ ଟାୱାର ର ୧ ଲକ୍ଷ ୩୬ ହଜାର ୯୭୦ ଟଙ୍କା ଓ ଚାଲାଣଗୁଡା ଟାୱାର ର ୧ ଲକ୍ଷ ୨୫ ହଜାର ୮୨୬ ଟଙ୍କା ବକେୟା ରହିଛି । ଯେଉଁଥି ପାଇଁ ଆଜି ବିଜୁଳି ବିଭାଗ ଏଭଳି ପଦକ୍ଷେପ ନେଇଛି । ତେବେ ଏ ନେଇ ଆମେ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିବା ବେଳେ ତାଙ୍କ ସହ ଯୋଗାଯୋଗ ହୋଇ ପାରିନାହୀ । ଅନ୍ୟ ପଟେ ଜିଲ୍ଲାର ଅନ୍ୟ ବ୍ଲକ ଗୁଡିକରେ ମଧ ଏହି ସମାନ ସ୍ଥିତି ଥିବା ବିଜୁଳି ବିଭାଗର ଅଧିକାରୀ କହିଛନ୍ତି । ଏହାସହ ଜିଲ୍ଲାର ବହୁ ସରକାରି କାର୍ଯ୍ୟାଳୟ ଗୁଡିକର ବିଦ୍ୟୁତ ବିଲ ବକେୟା ରହିଛି ଓ ଆଗାମୀ ଦିନରେ ଏହି ସରକାରୀ କାର୍ଯ୍ୟାଳୟ ଗୁଡିକରୁ ମଧ ବିଦ୍ୟୁତ ସଂଯୋଗ ଛିନ୍ନ କରାଯିବାର ସମ୍ଭାବନା ଥିବା ସୂଚନା ମିଳିଛି ।

# ହତ୍ୟା ମାମଲାର ପର୍ଦ୍ଦାଫାସ : ୨ ଗିରଫ

ଜୟପୁର ,୨୫/୭ (ନି.ପ୍ର): କୋରାପୁଟ ଜିଲା ବୌପାରିଗୁଡା ଥାନା ରାମଗିରି ଫାଣ୍ଡି ଅନ୍ତର୍ଗତ କିର୍ଷାଲ ଗ୍ରାମରେ ଘଟିଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାସ ହୋଇଥିବା ନେଇ ଏସଡିପିଓ ଅରୁପ ଅଭିଷେକ ବେହେରା ସୁଚନା ଦେଇଛନ୍ତି । ଆଜି ଏକ ସାମ୍ବାଦିକ ସମ୍ମିଳନି ରେ ଉପସ୍ଥିତ ରହି ଏସଡିପିଓ ଅରୁପ ଅଭିଷେକ ବେହେରା ସୁଚନା ଦେଇ କହିଛନ୍ତି ଯେ ଗତ ୨୦ ତାରିଖରେ ବୈପାରିଗୁଡା ଥାନା କିର୍ଷାଲ ଗ୍ରାମରେ ଅର୍ଜୁନ କିର୍ଷାନି (୩୫) କୁ ୪ ଜଣ ମିଶି ଗଳାକାଟି ହତ୍ୟା କରିଛନ୍ତି । ଏନେଇ ବୈପାରିଗୁଡା ଥାନାରେ ଲିଖିତ ଅଭିଯୋଗ ହେବାରୁ ପୋଲିସ ୧୧୪/୨୧ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ତଦନ୍ତ ରେ ଜାଣି ଘାସି କିର୍ଷାନି (୪୫) ଓ ଘଡୁଆ କିର୍ଷାନି (୨୫) କୁ ଗିରଫ କରିଛି । ଏହି ମାମଲାରେ ଅନ୍ୟ ୨ ଜଣ ମଧ ଫେରାର ଅଛନ୍ତି । ସେ ମାନଙ୍କୁ ମଧ ଖୁବ ଶିଘ୍ର ଗିରଫ କରାଯିବ ବୋଲି ପୋଲିସ ସୁଚନୀ ଦେଇଛନ୍ତି । ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି କୁ ମଧ ଜବତ କରିଛି । ପୁବ ଶତ୍ରୁତା କୁ କେନ୍ଦ୍ର କରି ଜମି ବିବାଦକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପୋଲିସ ତଦନ୍ତ ରୁ ଜାଣିବାକୁ ପାଇଛି । ମୃତକ ଅର୍ଜୁନ କିର୍ଷାନି ଙ୍କ ଅଭିଯୁକ୍ତ ଘାସି ଦାଦା ହୋଇ ଥିବା ବେଳେ ଘଡୁଆ ସମ୍ପର୍କିୟ ଭାଇ । । ୨ ଅଭିଯୁକ୍ତକୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଏସଡିପିଓ ବେହେରା ସୁଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନିରେ ବୈପାରିଗୁଡା ଥାନା ଅଧିକାରି ଇଶ୍ୱର ତାଣ୍ଡି ଉପସ୍ଥିତ ଥିଲେ ।

# ଫେରାର ଅପହରଣକାରୀ ତଥା ମୁଖ୍ୟ ଅଭିଯୁକ୍ତ ସୂର୍ଯ୍ୟ ଖଣ୍ଡି ଗିରଫ

ଖୋର୍ଦ୍ଧା,୨୫/୭ (ନି.ପ୍ର): ରସାନନ୍ଦ କଳସଙ୍କ କମ୍ପାନୀ କର୍ମଚାରୀ ସତ୍ୟ ନାରାୟଣ ବେହେରାଙ୍କୁ ଅପହରଣ କରିଥିବା ଫେରାର ଥିବା ତଥା ମୁଖ୍ୟ ଅଭିଯୁକ୍ତ ଦେଉଳଟାଙ୍ଗୀର ସୂର୍ଯ୍ୟ ପ୍ରଧାନ(ଖଣ୍ଡି)କୁ ଶନିବାର ପୋଲିସ୍ ଖୋର୍ଦ୍ଧା ଅଂଚଳରୁ ଗିରଫ କରିଛି । ତେବେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ପୂର୍ବରୁ ସୁଶୀଲ ବଳିଆରସିଂ, ଶିବସୁନ୍ଦର ଦାଶ, ଆଦିତ୍ୟ ସାହୁଙ୍କୁ ପୋଲିସ୍ ଗିରଫ କରିଥିଲା । ସୂଚନାଯୋଗ୍ୟ ଚଳିତ ମାସ ୧୧ ତାରିଖରେ ରସାନନ୍ଦ କଳସଙ୍କ କମ୍ପାନୀ କର୍ମଚାରୀ ସତ୍ୟ ନାରାୟଣ ବେହେରାଙ୍କୁ ଦେଉଳଟାଙ୍ଗୀର ସୂର୍ଯ୍ୟ ପ୍ରଧାନ(ଖଣ୍ଡି) ଓ ତା'ର ସହଯୋଗୀମାନେ ଗୋଟିଏ କାର୍‌ରେ ଅପହରଣ କରି ନେଇଥିବା ନେଇ ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗରେ ମଧ ରସାନନ୍ଦ ଉଲ୍ଲେଖ କରିଥିଲେ ଯେ ସତ୍ୟନାରାୟଣଙ୍କୁ ଛାଡ଼ିବା ପାଇଁ ପାଂଚଲକ୍ଷ ଟଙ୍କା ଡିମାଣ୍ଡ କରୁଛନ୍ତି । ତେବେ ରସାନନ୍ଦଙ୍କ ଅଭିଯୋଗ କ୍ରମେ ଜଙ୍କିଆ ପୋଲିସ୍ କେସ୍ ନମ୍ବର ୧୪୬/୨୧ରେ ଏକ ମାମଲା ରୁଜୁ କରାଗଲା । ଏସ୍.ପି. ଖୋର୍ଦ୍ଧାଙ୍କ ନିର୍ଦ୍ଦେଶରେ ଆଇଆଇସି, ଜଙ୍କିଆଙ୍କ ନେତୃତ୍ୱରେ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଗଲା । ଏକ ବିଶେଷ ସୂତ୍ରରୁ ଖବର ପାଇ ପୋଲିସ୍ ଟିମ୍ ହରିରାଜପୁର, ଜଟଣୀ ପାଖରେ ଥିବା ଏକ ଜଙ୍ଗଲରେ ଜଙ୍କିଆ ଥାନା ଜଟଣୀ ଥାନା ପୋଲିସ୍ ମିଳିତ ଚଢ଼ାଉ କରିଥିଲେ । ଚଢ଼ାଉବେଳେ ଅପହୃତ ସତ୍ୟ ନାରାୟଣ ବେହେରାଙ୍କୁ ଉଦ୍ଧାର କରାଯାଇଥିଲା ଓ ଅପହରଣରେ ବ୍ୟବହୃତ କାର୍ ଓଡି୦୫-୮୯୭୯ ନମ୍ବର ବିଶିଷ୍ଟ ହୁଣ୍ଡାଇ ଇଓନ୍ କାର୍ ଜବତ କରାଯାଇଥିଲା । କିନ୍ତୁ ଘଂଚ ଜଙ୍ଗଲର ସୁଯୋଗ ନେଇ ସୂର୍ଯ୍ୟ ଖଣ୍ଡି ପୋଲିସ୍ ଆଖିରେ ଧୂଳି ଦେଇ ଫେରାର୍ ହୋଇଯାଇଥିଲା । ତେବେ ସୂର୍ଯ୍ୟକୁ ଧରିବାକୁ ଗଠିତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ । ମାତ୍ର ଆଜି ତାକୁ ପୋଲିସ୍ ଗିରଫ କରିଥିଲା ।

# ଅନାଥ ପିଲାଙ୍କ ପାଇଁ ଆଶ୍ରୟସ୍ଥଳ ପ୍ରତିଷ୍ଠା ନିମନ୍ତେ ଚୟନ ହେଲା ଭିତ୍ତିଭୂମି

ମାଲକାନଗିରି,୨୪ ଜୁଲାଇ (ହି. ସ.)ମାଲକାନଗିରି ଜିଲା ଶିଶୁ ସୁରକ୍ଷା ସମିତି ଅଧକ୍ଷ ଅଶୋକ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ତିନିଜଣିଆ ଦଳ ଅନାଥ ପିଲାଙ୍କ ନିମନ୍ତେ ଭିତ୍ତିଭୂମି ପରଖିବା ସହ ଅନ୍ୟାନ୍ୟ ସମସ୍ତ ବିଷୟରେ ସମୀକ୍ଷା କରିଛନ୍ତି । ଏହା ପୂର୍ବରୁ ଅନାଥ ଶିଶୁଙ୍କୁ ଥ ଇଥାନ ନିମନ୍ତେ କୋରାପୁଟ ପଠା ଯାଉଥିବା ବେଳେ ମାଲକାନଗିରି ଜିଲ୍ଲାରେ ଏହି ଅନାଥ ଗୃହ ହେବାପରେ ଏଠାରେ ସେମାନଙ୍କୁ ରଖାଯିବ ବୋଲି ସୂଚନା ମିଳିଛି । ଆଜି ପ୍ରଥମ ପର୍ଯ୍ୟାୟରେ ୫୦ ଜଣ ଅନାଥ ପିଲାଙ୍କୁ ଏଠାରେ ରହିବାର ସୁଯୋଗ ଥିବାବେଳେ, ଏହି ଶିଶୁ ମାନଙ୍କ ଖାଇବା ପାଇଁ ପୁଷ୍ଟିକର ଆହାର, ଶୋଇବା ପାଇଁ ଆସବାବ ପତ୍ର, ଖେଳନା ସାମଗ୍ରୀ , ଶିକ୍ଷାଦାନ ବ୍ୟବସ୍ଥା, ପରିଚାଳିକା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତାଲିକା ଏହି ତିନିଜଣିଆ ଦଳ ସଂଗ୍ରହ କରିଛି । ଏହି ଅବସରରେ ଅନ୍ୟମାନଙ୍କ ମଧରେ ଶିଶୁ ସୁରକ୍ଷା ସମିତିର କର୍ମକର୍ତ୍ତା ଚୁମୁକି ବେହେରା, ଦୀନବନ୍ଧୁ ଦାସ, ସୁନାକାର ପ୍ରମୁଖ ଉପସ୍ଥିତ ଥିବାବେଳେ ପରିବର୍ତ୍ତନ ସ୍ୱେଚ୍ଛାସେବୀ ସଙ୍ଗଠନ ଅଧକ୍ଷ ନିତ୍ୟାନନ୍ଦ ପ୍ରଧାନ ସହଯୋଗ କରିଥିଲେ ।

# ଓଡିଶା ବିଦ୍ୟାଳୟ ଶିକ୍ଷା କାଯ୍ୟକ୍ରମ ପ୍ରାଧିକରଣର ଅତିରିକ୍ତ ନିର୍ଦ୍ଦେଶକ କୋରାପୁଟ ଜିଲ୍ଲା ଗସ୍ତ

ଜୟପୁର ,୨୫/୭ (ନି.ପ୍ର): ଓଡିଶା ବିଦ୍ୟାଳୟ ଶିକ୍ଷା କାଯ୍ୟକ୍ରମ ପ୍ରାଧିକରଣ ଭୁବନେଶ୍ୱରର ଅତିରିକ୍ତ ନିଦ୍ଦେଷକ ପ୍ରଦୀପ କୁମାର ନାୟକ ଙ୍କ କୋରାପୁଟ ଜିଲା ଗସ୍ତ ଆସିଛନ୍ତି । ଓଡିଶାର ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ କୋରାପୁଟ ଜିଲାର ନୋଡାଲ ଅଫିସର ଭାବେ ନିଯୁକ୍ତି ପାଇବା ପେର ନାୟକ କୋରାପୁଟ ଜିଲା ଗସ୍ତ କରି ବିଦ୍ୟାଳୟ ଖୋଲିବା ନେଇ ସରକାର ଙ୍କ ଦ୍ୱାରା ଜାରି ହୋଇଥିବା ଏସଓପି ଠିକ ଭାବେ ପାଳନ କରାଯାଇଛି କି ନାହିଁ ତାର ପୁବ ପ୍ରସ୍ତୁତିକୁ ପତ୍ୟକ୍ଷ ଭାବେ ତଦାରଖ କରିବା ସହ ଜିଲାର ବିଭିନ୍ନ ବିଦ୍ୟାଳୟ ବୁଲି ସ୍ଥିତି ସମିକ୍ଷା କରିଥିଲେ । ସେହି କ୍ରମ ଅନୁଯାଇ ଜୟପୁର ସ୍ଥିତ ସରକାରି ଉଚ୍ଚ ବିଦ୍ୟାଳୟ ରେ ପହଞ୍ଚି ବିଦ୍ୟାଳୟର ପୁବ ପ୍ରସ୍ତୁତିକୁ ନେଇ ସନ୍ତୋଷ ପ୍ରକଟ କରିଥିଲେ । ଜିଲା ଶିକ୍ଷା ଅଧିକାରି ରାମ ଚନ୍ଦ୍ର ନାହାକ, ବିଜ୍ଞାନ ପରିଦର୍ଶକ ଆର. ଶିବ ସଙ୍କର ପଟ୍ଟନାୟକ ଉପସ୍ଥିତ ରହି ବିଦ୍ୟାଳୟର ପ୍ରସ୍ତୁତକି ବୁଲି ଦେଖିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଓମ ପ୍ରକାଶ ମିଶ୍ର, ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ । ଏହି ସମୟରେ ବିଦ୍ୟାଳୟର ଶିକ୍ଷକ ଦିଲ୍ଲିପ କୁମାର ପଣ୍ଡା, ଯଜ୍ଞେଶ୍ୱର ପଣ୍ଡା ପ୍ରମୁଖ ଶକ୍ଷକ ଉପସ୍ଥିତ ଥିଲେ ।

# ଚାଷୀଙ୍କ ନାମ ପଞ୍ଜିକରଣରେ ଠିକ୍ ତଥ୍ୟ ଦିଆଯାଉ : ଅଖିଳ ଭାରତ କୃଷକ ସଭା

କେନ୍ଦ୍ରାପଡା,୨୫/୭ (ନି.ପ୍ର): ଅଖିଳ ଭାରତ କୃଷକ ସଭା କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ସରକାରଙ୍କ ଠାରେ ଦୃଢ ଦାବି ଉପସ୍ଥାପନ କରାଯାଇ ଚାଷୀ ମାନଙ୍କ ନାମ ଓ ଅନ୍ୟାନ୍ୟ ତଥ୍ୟ ସଠିକ୍ ଭାବେ ପଞ୍ଜିକରଣ କରିବାକୁ ଦାବି କରାଯାଇଛି । ଗତବର୍ଷ ସରକାର ଟୋକନ୍ ଦେଇଥିବା ଚାଷୀଙ୍କ ଠାରୁ ଧାନକ୍ରୟ କରିପାରି ନଥିଲେ । ଏବର୍ଷ ମଧ ଚାଷୀଙ୍କ ନାମ ପଞ୍ଜିକରଣ କରାଯାଉଛି । ରାଜ୍ୟରେ ଭାଗଚାଷୀ ମାନଙ୍କ ସଂଖ୍ୟା ସର୍ବାଧିକ ଥିବାବେଳେ ସେମାନଙ୍କ ଚିହ୍ନଟ ପ୍ରକ୍ରିୟା କରାଯାଉ ନାହିଁ । ଯେଉଁମାନେ ଭାଗ ଚାଷ କରୁଛନ୍ତି, ସେମାନେ ଜମି ମାଲିକ ଠାରୁ ଲେଖି ଆଣିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯାହାକି ଏକ ଅବାସ୍ତବ ପରିକଳ୍ପନା । ତେଣୁ ନାମ ପଞ୍ଜିକରଣ ସମୟରେ ସଠିକ ତଥ୍ୟ ଓ ନାମ ଉପସ୍ଥାପନ କରି ନାମ ପଞ୍ଜିକରଣ କରିବାକୁ ଦାବି କରାଯାଇଛି । ଏହା ସହ ସାର, ଔଷଧ, ବିହନ ଚଢା ଦରରେ ବିକ୍ରି ହେଉ ଥିବାରୁ ଏହାକୁ ସରକାର ଚାଷୀ ମାନଙ୍କୁ ଯୋଗାଇ ଦେବାକୁ କୃଷକ ସଂଘ ପକ୍ଷରୁ ରମଣି ରଞ୍ଜନ ରାଉତରାୟ, ଦିବାକର ସାହୁ, ଆଦିକନ୍ଦ ରାଉଳ, ସୁହାନା ବେଗମ, ସୁରେଶ ସାହୁ, ଚିତ ରଞ୍ଜନ ମହାନ୍ତି, ବାବାଜୀ ଧଳ ପ୍ରମୁଖ ଦାବି କରିଛନ୍ତି ।

## ୨୪ ଘଂଟା ମଧ୍ୟରେ ବରଗଡ଼ରେ ମାସ୍କ ନପିନ୍ଧିବା କାରଣରୁ ୨୩ ହଜାର ୪୦୦ ଟଙ୍କା ଜରିମାନା ଆଦାୟ

ବରଗଡ,୨୫/୭ (ନି.ପ୍ର): ଗତ ୨୪ଘଂଟା ମଧରେ ବରଗଡ଼ ଜିଲ୍ଲାରେ ମାସ୍କ ନପିନ୍ଧିଥିବା କାରଣରୁ ୨୩ହଜାର ୪୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ସେହିପରି ସାମାଜିକ ଦୂରତ୍ୱ ରକ୍ଷା କରୁନଥିବା କାରଣରୁ ୩ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବରଗଡ଼ ଏସ୍‌ପିଙ୍କ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ଏହି ଅବଧି ମଧରେ ବିଭିନ୍ନ ଯାନବାହନରୁ ଜରିମାନା ବାବଦରେ ୧୫ହଜାର ଟଙ୍କା ଆଦାୟ କରାଯାଇଥିବାବେଳେ ୪ଟି ଅବକାରୀ ମାମଲା ରୁଜୁ କରାଯାଇଛି ।

# ବିଦ୍ୟୁତ୍ ଆଘାତରେ ଯୁବକଙ୍କର ମୃତ୍ୟୁ ଘଟଣାରେ ୩ କୋର୍ଟ ଚାଲାଣ

କେନ୍ଦ୍ରାପଡା,୨୫/୭ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅଧିନ ବାଲିଆ ଚଣ୍ଡି ବଜାର ଠାରେ ବିଦ୍ୟୁତ୍ ଆଘାତରେ ଭ୍ରମରବର ରାଉତ ଓରଫ ପପୁଙ୍କ ମୃତ୍ୟୁ ଘଟଣାରେ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ମଦ ଦୋକାନ ମାଲିକ କେନ୍ଦ୍ରାପଡା ଟାଉନ ଭଗବାନପୁର ର ପ୍ରକାଶ କୁମାର କର, ସଦର ଥାନା ଅଧିନ ସୋରିଶିଆ ଗ୍ରାମର ମହେଶ୍ୱର ନାୟକ ଓ ଭରତପୁର ହରିଡାଦଣ୍ଡା ଗ୍ରାମର ପ୍ରକାଶ ସାମଲ ପ୍ରମୁଖ ୩ ଜଣଙ୍କୁ ସଦର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।


ଘଟଣାରୁ ପ୍ରକାଶ ଯେ ଚଣ୍ଡିବଜାର ନିକଟରେ ଥିବା ଏକ ଗ୍ୟାରେଜ ରୁ ମାଟି ତଳେ ତାର ବିଛାଇ ବେଆଇନ ଭାବେ ବିଦ୍ୟୁତ୍ ଚୋରା ସଂଯୋଗ ଆଣି ବ୍ୟବହାର କରା ଯାଉଥିଲା । ଏହି ବିଦ୍ୟୁତ୍ ସଂଯୋଗରେ ଆସି ଭ୍ରମର ରାଉତ ମୃତ୍ୟୁ ବରଣ କରିଥିଲେ । ଏନେଇ ସଦର ଥାନା ରେ ଅଭିଯୋଗ ହେବା ସହ କେସ୍ ନଂ-୪୧୦/୨୧ ରେ ଏକ ମାମଲା ରୁଜୁ କରାଯାଇ ଥିଲା ।

# ଅମରନାଥ ଗୁମ୍ଫା



ଅମରନାଥ ଗୁମ୍ଫା ଭଗବାନ ଶିବଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ମଧ୍ୟରୁ ଅନ୍ୟତମ । ସେଠାରେ ପ୍ରାକୃତିକ ଶିବଲିଙ୍ଗ ତିଆରି ହୋଇଥାଏ । ତାଙ୍କୁ 'ଅମରେଶ୍ୱର' ବୋଲି ମଧ୍ୟ କୁହାଯାଏ ।







ଅମରନାଥ ଗୁମ୍ଫା ଶ୍ରୀନଗରଠାରୁ ପାଖାପାଖି ୧୪୫ କି.ମି ଦୂରରେ ହିମାଳୟ ପର୍ବତ ଶ୍ରେଣୀରେ ଅବସ୍ଥିତ । ସମୁଦ୍ର ପତ୍ତନଠାରୁ ୩,୯୭୮ ମିଟର ଉଚ୍ଚରେ ଅବସ୍ଥିତ ଏହି ଗୁମ୍ଫାର ଉଚ୍ଚତା ୧୫୦ ଫୁଟ୍ ଓ ଲମ୍ବ ୯୦ ଫୁଟ୍ । ଅମରନାଥ ଯାତ୍ରା ପାଇଁ ଯିବାକୁ ହେଲେ ଦୁଇଟି ରାସ୍ତା ରହିଛି- ଗୋଟିଏ ପହଲଗାମ ହୋଇ ଯାଇଛି ଓ ଅନ୍ୟଟି ସୋନମର୍ଗ, ବାଲଟାଲ ହୋଇ ଯାଇଛି । ଏହାର ଅର୍ଥ ଦେଶର କୌଣସି କ୍ଷେତ୍ରରୁ ଗଲେ ପ୍ରଥମେ ପହଲ୍‌ଗାମ ବା ବାଲାଟାଲ ହୋଇ ପହଞ୍ଚାଇବାକୁ ପଡ଼ିଥାଏ । ଏହା ପରର ରାସ୍ତା ପାଦରେ ଯିବାକୁ ପଡ଼ିଥାଏ । ଏବେ ଆସନ୍ତୁ ଅମରନାଥ ଗୁମ୍ଫାର ରହସ୍ୟ ବିଷୟରେ ଜାଣିବା ।

ଅମରନାଥ ଗୁମ୍ଫା ଭଗବାନ ଶିବଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ମଧ୍ୟରୁ ଅନ୍ୟତମ । ସେଠାରେ ପ୍ରାକୃତିକ ଶିବଲିଙ୍ଗ ନିର୍ମାଣ ହୋଇଥିବାରୁ ତାଙ୍କୁ ସ୍ୱୟଂମ୍ଭୁ ହିମାନୀ ଶିବଲିଙ୍ଗ ଓ ବାବା ବର୍ଫାନୀ ବୋଲି ମଧ୍ୟ କୁହାଯାଏ । ହିମବିନ୍ଦୁ ପଡ଼ି ସେଠାରେ ଦଶ ଫୁଟ୍ ଲମ୍ବାର ଲିବଲିଙ୍ଗ ତିଆରି ହୋଇଥାଏ । ତାଙ୍କୁ 'ଅମରେଶ୍ୱର' ବୋଲି ମଧ୍ୟ କୁହାଯାଏ । ଗୁମ୍ଫାର ପରିଧି ପାଖାପାଖି ୧୫୦ ଫୁଟ୍ ଓ ସେଠାରେ ଉପରୁ ବରଫ ପାଣିର ବୁନ୍ଦା ସ୍ଥାନେ ସ୍ଥାନେ ପଡୁଥାଏ । ଏହାର କେନ୍ଦ୍ରରେର ଏପରି ଏକ ସ୍ଥାନ ଅଛି ଯେଉଁଠାରେ ପଡୁଥିବା ହିମବିନ୍ଦୁରେ ଦଶ ଫୁଟ୍ ଲମ୍ବାର ଶିବଲିଙ୍ଗ ତିଆରି ହେବାର ଦେଖାଯାଇଥାଏ । ଆଶ୍ଚର୍ଯ୍ୟରର କଥା ଏକ ଯେ ଶିବଲିଙ୍ଗ ଶକ୍ତ ବରଫରେ ତିଆରି ହୋଇଥାନ୍ତି । ଅନ୍ୟ ସ୍ଥାନରେ ପଡୁଥିବା ହିମବିନ୍ଦୁ ହାଲୁକା ବରଫରେ ପରିଣତ ହୋଇଥାଏ ଯେଉଁଥିରେ ହାତ ମାରିଲେ ଭାଙ୍ଗିଯାଏ । ମୂଳ ଅମରନାଥ ଶିବଲିଙ୍ଗରରୁ କିଛି ଫୁଟ୍ ଦୂରରେ ଗଣେଶ, ଭୈରବ ଓ ପାର୍ବତୀଙ୍କର ସେହିପରି ଭିନ୍ନ ଭିନ୍ନ ହିମଖଣ୍ଡର ଆକୃତି ତିଆରି ହୋଇଥାଏ । ଗୁମ୍ଫାର କେନ୍ଦ୍ରରେ ବରଫର ଏକ ଖଣ୍ଡ ତିଆରି ହୋଇଥାଏ । ଗୁମ୍ଫାର କେନ୍ଦ୍ରରେ ବରଫର ଏକ ଖଣ୍ଡ ତିଆରି ହୋଇଥାଏ, ଯାହା ଅଳ୍ପ ଅଳ୍ପ ହୋଇ ପନ୍ଦର ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ବୃଦ୍ଧି ପାଇଁ ଦୁଇ ଗଜରୁ ଅଧିକ ଉଚ୍ଚ ହୋଇଯାଏ । ଶ୍ରାବଣର ପୂର୍ଣ୍ଣମାରେ ଶିବଲିଙ୍ଗ ପୂରା ଆକାର ପ୍ରାପ୍ତ କରିଥିବାର ଦେଖାଯାଏ ଓ ଅମାବାସ୍ୟ ପର୍ଯ୍ୟନ୍ତ ଧୀରେଧୀରେ ଛୋଟ ହୋଇଯାଏ । ଓ ଅମାବାସ୍ୟା ପର୍ଯ୍ୟନ୍ତ ଧୀରେ ଧୀରେ ଛୋଟ ହୋଇଯାଏ । ଚନ୍ଦ୍ରର ସମ୍ବନ୍ଧ ଶିବଲିଙ୍ଗଙ୍କ ସହିତ ସହିତ ରହିଛି ବୋଲି ମାନ୍ୟତା ରହିଛି । ପ୍ରଶ୍ନ ଉଠେ ଯେ ଏପରି କେଉଁ କାରଣ ଚନ୍ଦ୍ରର ପ୍ରଭାବ ଏହି ଶିବଲିଙ୍ଗଙ୍କ ଉପରେ ପଡ଼ିଥାଏ ଓ ଅନ୍ୟ ଗୁମ୍ଫାରେ ବୁନ୍ଦ ବୁନ୍ଦ ହୋଇ ପଡ଼ିଥିବା ପାଣି ଶିବଲିଙ୍ଗଙ୍କ ରୂପ କାହିଁକି ନିଏ ନାହିଁ ? ଅମରନାଥ ଗୁମ୍ଫା ପରି ଅନେକ ଗୁମ୍ଫା ମଧ୍ୟ ରହିଛି । ଅବରାବତୀ ନଦୀ ପାଖରେ ଆଗକୁ ଗଲେ ଅନେକ ଛୋଟ ଛୋଟ ଗୁମ୍ଫା ଦେଖିବାକୁ ମିଳେ । ସେ ସମସ୍ତ ଗୁମ୍ଫା ବରଫରେ ଘୋଡ଼େଇ ହୋଇ ରହିଛି । ସେଠାରେ ହିମବିନ୍ଦୁ ପଡ଼ିଲେ ମଧ୍ୟ ଶିବଲିଙ୍ଗ ତିଆରି ହୋଇନଥାଏ ।

### ପୌରାଣିକ ଇତିହାସ :

କାଶ୍ମୀର ଘାଟିରେ ରାଜା ବଂଶ ଓ ଋଷି କଶ୍ୟପ ଓ ତାଙ୍କ ପୁତ୍ରମାନଙ୍କର ନିବାସ ସ୍ଥାନ ଥିଲା । ପୌରାଣିକ କଥା ଅନୁସାରେ ଥରେ କାଶ୍ମୀର ଘାଟି ଜଳମଗ୍ନ ହୋଇ ବଡ଼ ହ୍ରଦର ଆକାର ନେଇଥିଲା । ସେତେବେଳେ ଋଷି କଶ୍ୟପ ଏହି ଜଳକୁ ଅନେକ ନଦୀ ଓ ଛୋଟ ଛୋଟ ଜଳସ୍ରୋତ ଦ୍ୱାରା ପ୍ରବାହିକ କରିଦେଇଥିଲା । ସେ ସମୟରେ ଭୃଗୁ ଋଷି ପବିତ୍ର ହିମାଳୟ ପର୍ବତର ଯାତ୍ରା ସମୟରେ ସେ ବାଟ ଦେଇ ଯାଇଥିଲେ । ତେବେ ଜଳସ୍ତର କମ୍ ହେବା ପରେ ହିମାଳୟ ପର୍ବତରେ ପ୍ରଥମେ ଭୃଗୁ ଋଷି ଅମରନାଥର ପବିତ୍ର ଗୁମ୍ଫା ଓ ବରଫର ଶିବଙ୍କୁ ଦେଖିଥିଲେ । ମାନ୍ୟତା ଅନୁସାରେ ସେବେଠାରୁ ଏହି ସ୍ଥାନ ଶିବ ଆରାଧନା ଓ ଯାତ୍ରାର ପ୍ରମୁଖ ଦେବସ୍ଥାନ ହୋଇଗଲା, କାରଣ ସେଠାରେ ଭଗବାନ ଶିବ ତପସ୍ୟା କରିଥିଲେ ।

### ଐତିହାସିକ ପ୍ରମାଣ :

ଅମରନାଥ ଗୁମ୍ଫାକୁ ପୁରାତତ୍ତ୍ୱ ବିଭାଗ ପାଞ୍ଚ ହଜାର ବର୍ଷର ପୁରାତନ ଅଥବା ମହାଭାରତ ସମୟର ଗୁମ୍ଫା ବୋଲି କହିଲେ ମଧ୍ୟ ଏହି ଆକଳନ ଭୁଲ୍ ହୋଇପାରେ । ହିମାଳୟର ପ୍ରାଚୀନ ପାହାଡ଼ଗୁଡ଼ିକ ଲକ୍ଷାଧିକ ବର୍ଷର ପୁରୁଣା ବୋଲି କୁହାଯାଏ । ସେଠାରେ ଯଦି ଅନେକ ଗୁମ୍ଫା ଥିବା ତେବେ ହିମଯୁଗ ସମୟରେ ହିଁ ସେସବୁ ତିଆରି ହୋଇଥିବ ଅର୍ଥାତ୍ ବର୍ତ୍ତମାନ ସମୟଠାରୁ ୧୨ରୁ ୧୩ ହଜାର ବର୍ଷ ପୂର୍ବରୁ । କୈଳାସ ଯିଏ ଯାଏ, ସେ ମୋକ୍ଷ ପ୍ରାପ୍ତ କରେ ବୋଲି କୁହାଯାଏ । ଜଣେ ଇଂରେଜ ଲେଖକ ଲୋରେନ୍ସ ତାଙ୍କ ପୁସ୍ତକ, 'ଭ୍ୟାଲି ଅଫ୍ କାଶ୍ମୀର'ରେ ଲେଖିଛନ୍ତି ପୂର୍ବରୁ କାଶ୍ମୀରୀ ବ୍ରାହ୍ମଣମାନେ ଅମରନାଥ ତୀର୍ଥଯାତ୍ରୀମାନଙ୍କୁ ଭ୍ରମଣ କରାଉଥିଲେ ।

### କେବେ ଯିବେ :

ଅମରନାଥ ଯାତ୍ରା ଜୁଲାଇ ମାସରୁ ଆରମ୍ଭ ହୋଇଯାଏ ଓ ଯଦି ପାଣିପାଗ ଭଲ ଥାଏ ତେବେ ଅଗଷ୍ଟ ମାସର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଲାଗିଥାଏ । ହିନ୍ଦୁ ମାସ ଅନୁସାରେ ଆଷାଢ଼ ପୂର୍ଣ୍ଣମାରୁ ଯାତ୍ରା ଆରମ୍ଭ ହୋଇ ପୂରା ଶ୍ରାବଣ ମାସ ପର୍ଯ୍ୟନ୍ତ ଚାଲିଥାଏ । ଭଗବାନ ଶିବ ଏହି ଗୁମ୍ଫାକୁ ପ୍ରଥମ ଥର ପାଇଁ ଶ୍ରାବଣ ମାସର ପୂର୍ଣ୍ଣମାରେ ଆସିଥିଲେ । ସେଥିପାଇଁ ସେହିଦିନଠାରୁ ଅମରନାଥ ଯାତ୍ରା ଆରମ୍ଭ ହେବାର ପରମ୍ପରା ରହିଛି । ରାକ୍ଷୀ ପୂର୍ଣ୍ଣିମା ବା ଶ୍ରାବଣ ପୂର୍ଣ୍ଣିମା ଦିନ ଛଡ଼ି ମୁବାରକ ସ୍ଥାପନାର ପରମ୍ପରା ମଧ୍ୟ ରହିଛି ।




### କିପରି ଯିବେ :

ସଡ଼କ ମାର୍ଗରେର ଅମରନାଥ ଗୁମ୍ଫା ଯିବାକୁ ହେଲେ ପ୍ରଥମେ ଜାମ୍ମୁ ପର୍ଯ୍ୟନ୍ତ ପହଞ୍ଚଇବାକୁ ହୋଇଥାଏ । ଜାମ୍ମୁରୁ ଶ୍ରୀନଗର ପହଞ୍ଚିବାକୁ ହୁଏ । ସେଠାରେ ପହଲଗାମ ବା ବାଲଟାଲ ପହଞ୍ଚି ପାରିବେ । ଏହି ଦୁଇଟି ସ୍ଥାନରୁ ପବିତ୍ର ଯାତ୍ରା ଆରମ୍ଭ ହୋଇଥାଏ ।

-ପହଲଗାମରରୁ ଅମରନାଥ ଯିବା ପାଇଁ ପାଦଚଲା ଯାତ୍ରା ଆରମ୍ଭ ହୋଇଥାଏ । ସେଠାରୁ ସବୁଠାରୁ ନିକଟତମ ବିମାନ ବନ୍ଦର ହେଉଛି ଶ୍ରୀନଗର । ଅନ୍ୟ ବିକଳ୍ପଟି ହେଉଛି ଜାମ୍ମୁ ବିମାନ ବନ୍ଦର ଓ ଏହା ୨୬୩ କି.ମି ଦୂର ।

- ପହଲଗାମରୁ ନିକଟତମ ରେଲୱେ ଷ୍ଟେସନ ହେଉଛି ଉଧମପୁର ଓ ଏହା ୨୧୭ କି.ମି ଦୂର । ଉଧମପୁର ଅପେକ୍ଷା ଜାମ୍ମୁ ରେଲୱେ ଷ୍ଟେସନ ଭାରତର ଅନ୍ୟ ସହରଗୁଡ଼ିକ ସହିତ ଯୋଡ଼ି ହୋଇ ରହିଛି ।

# ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ କମିଲେ ପିଲାଙ୍କ ସ୍ମରଣ ଶକ୍ତି ବଢ଼ିବ



ବାୟୁମଣ୍ଡଳରେ ୨୦ ପ୍ରତିଶତ ପ୍ରଦୂଷଣ ହ୍ରାସ ହେବା ଦ୍ୱାରା ସ୍କୁଲ ପିଲାଙ୍କ ମେଧାଶକ୍ତି ସ୍ତରରେ ବୃଦ୍ଧି ହୋଇପାରେ । ସେମାନେ ଏ କ୍ଷେତ୍ରରେ ଏକ ମାସ ଆଗୁଆ ରହନ୍ତି ବୋଲି ଏକ ଅଧ୍ୟୟନ ସ୍ପଷ୍ଟ କରିଛି । ସ୍କୁଲ ପରିସର ବାହାରେ ଯଦି ପ୍ରଦୂଷଣ ସ୍ତର ହ୍ରାସ ପାଏ, ତେବେ ବିଦ୍ୟାର୍ଥୀଙ୍କ ସ୍ମରଣ ଶକ୍ତିରେ ଆମେ ବୃଦ୍ଧି ଦେଖିପାରିବା ବୋଲି ବିଶେଷଜ୍ଞମାନେ କହିଛନ୍ତି । ଇଂଲଣ୍ଡର ୟୁନିଭର୍ସିଟି ଅଫ୍ ମାଞ୍ଚେଷ୍ଟର ଦ୍ୱାରା ପ୍ରଦୂଷଣ, ମୁଖ୍ୟତଃ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ମାତ୍ରା ଏକ ପଞ୍ଚମାଂଶ ହ୍ରାସ ପାଏ, ତେବେ ସ୍କୁଲ ଛାତ୍ରଛାତ୍ରୀଙ୍କ ସ୍ମରଣ ଶକ୍ତି ୬.୧ ପ୍ରତିଶତ ବୃଦ୍ଧି ହୋଇପାରିବ । ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ଉପରେ ଗବେଷକମାନେ ଅଧ୍ୟୟନ କରିଥିଲେ, ଯାହା ମୁଖ୍ୟତଃ ଉଦ୍ୟୋଗ କିମ୍ବା ଟ୍ରାଫିକ୍ ଧୂଆଁରୁ ନିର୍ଗତ ହୋଇଥାଏ । ୟୁନିଭର୍ସିଟି ଅଫ୍ ମାଞ୍ଚେଷ୍ଟର୍‌ର ପରିବେଶ ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରଫେସର ମାର୍ଟି ଭାନ୍ ଟଙ୍ଗରନ୍ ଏହି ଅଧ୍ୟୟନ ବିଷୟରେ କହିଛନ୍ତି, ପିଲାଙ୍କ ଧୀ ଶକ୍ତି ବିକାଶ ଉପରେ ପ୍ରଦୂଷଣ ପ୍ରଭାବ ପକାଏ ବୋଲି ପର୍ଯ୍ୟାପ୍ତ ପ୍ରମାଣ ରହିଛି । ଏହା ସେମାନଙ୍କ ଶିକ୍ଷଣ ଉପରେ ପ୍ରତିକୂଳ ପ୍ରଭାବ ମଧ୍ୟ ପକାଇପାରେ । ଏହି ଆପାତକାଳ ଚ୍ୟାଲେଞ୍ଜର ନିୟନ୍ତ୍ରଣ ଲାଗି ମନ୍ତ୍ରୀଙ୍କ ଦ୍ୱାରା ତୁରନ୍ତ ନୀତି ନିର୍ଦ୍ଧାରଣ କରିବା ଜରୁରୀ ବୋଲି ସେ କହିଛନ୍ତି । ଶିଶୁର ମସ୍ତିଷ୍କ ବିକାଶ ପ୍ରଦୂଷଣ ଯୋଗୁ ପ୍ରଭାବିତ ହୋଇପାରେ । ସ୍କୁଲ ପିଲାଙ୍କ ଦକ୍ଷତାକୁ ଗବେଷକମାନେ ନିର୍ଦ୍ଦିଷ୍ଟ ଭାବେ ପରୀକ୍ଷା କରିନଥିଲେ । କିନ୍ତୁ ସ୍ପେନ୍‌ର ପିଲାଙ୍କ ଉପରେ କରାଯାଇଥିବା ଏକ ପୂର୍ବ ଅଧ୍ୟୟନ ଉପରେ ଗବେଷଣାଟି ଆଧାରିତ । ପିଲାମାନେ ସେମାନଙ୍କ ସ୍କୁଲ ବାହାରେ ମାତ୍ରାଧିକ ସ୍ତରର ପ୍ରଦୂଷଣ ସାମ୍ନା କରିଥିଲେ । ସ୍ପେନ୍‌ରା ଏହି ଅଧ୍ୟୟନରୁ ସ୍ପଷ୍ଟ ହୋଇଥିଲା ଯେ ସ୍କୁଲ ଆଖପାଖ ଅଞ୍ଚଳରେ ପ୍ରଦୂଷଣ ସ୍ତର ଯଦି ୨୦ ପ୍ରତିଶତ ହ୍ରାସ ପାଏ, ତେବେ ପିଲାଙ୍କ ସ୍ମରଣ ଶକ୍ତି ବୃଦ୍ଧି ପାଏ ଏବଂ ୪ ସପ୍ତାହ ପର୍ଯ୍ୟନ୍ତ ଏହା ଦ୍ରୁତ ହୋଇପାରେ । ପରିବେଶ ପ୍ରଦୂଷଣ ଏବେ ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ଚିନ୍ତାର କାରଣ ହୋଇଛି । ଏହା ପିଲାଙ୍କ ଧୀ ଶକ୍ତି ହ୍ରାସ ସହିତ ଅନ୍ୟ ବ୍ୟବହାରିକ ସମସ୍ୟାର କାରଣ ବୋଲି ଅନେକ ଅଧ୍ୟୟନରୁ ପ୍ରମାଣ ମିଳିଛି । ଏପରିକି ଗର୍ଭବତୀ ମହିଳା ପ୍ରଦୂଷଣ ସଂସ୍ପର୍ଶରେ ଆସିବା ଆସିବା ଦ୍ୱାରା ଶିଶୁ ଉପରେ ଏହାର ଜୀବନବ୍ୟାପୀ ପ୍ରଭାବ ରହିପାରେ ବୋଲି ମଧ୍ୟ ଅଧ୍ୟୟନରୁ ସ୍ପଷ୍ଟ ହୋଇଛି ।



# ଭିଟାମିନ୍-ଇ ତେଲର ଉପକାରିତା

ଆମ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ନିମନ୍ତେ ଭିଟାମିନ୍-ଇ ତେଲ ଖୁବ୍ ହିତକାରୀ । ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ ରୂପଚର୍ଯ୍ୟାରେ ପ୍ରତ୍ୟହ ଭିଟାମିନ୍-ଇ ତେଲର ବ୍ୟବହାର କଲେ ତାହାର ଉତ୍ତମ ପ୍ରଭାବ ପଡ଼େ । ଆଣ୍ଟି-ଅକ୍ସିଡାଣ୍ଟ ଭରପୂର ଏହି ତେଲ ତ୍ୱଚାର ରଙ୍ଗ ସଫା କରିବାରେ ମଧ୍ୟ ସହାୟକ ହୋଇଥାଏ । ତ୍ୱଚାର ମାଲିସ୍ କରିବା ଅତି ଉତ୍ତମ । ୨ ମିନିଟ୍ ମାଲିସ୍ କରିବା ପରେ ତ୍ୱଚାକୁ ନଖ ଉଷୁମ ପାଣିରେ ଧୋଇ ମଏଶ୍ଚରାଇଜର୍ ପ୍ରୟୋଗ କରନ୍ତୁ । ୧ ଚାମଚ ବାଦାମ ତେଲରେ ଅଧ ଚାମଚ ଭିଟାମିନ୍-ଇ ତେଲ ମିଶାଇ ଆଖି ଚାରିପାଖେ ମାଲିସ୍ କଲେ, କଳାଦାଗ ୧ ମାସ ମଧ୍ୟରେ ଦୂର ହୋଇଥାଏ । ଘନ କେଶ ନିମନ୍ତେ ମଧ୍ୟ ଭିଟାମିନ୍-ଇ ତେଲ ଖୁବ୍ ଲାଭକାରୀ । କେଶର ଘନତ୍ୱ ବଢ଼ାଇବା ନିମନ୍ତେ କେଶମୂଳରେ ଭିଟାମିନ୍-ଇ ତେଲକୁ ନଖ ଉଷୁମ କରି ମାଲିସ୍ କରନ୍ତୁ । ୨୦ ମିନିଟ୍ ପରେ ଶ୍ୟାମ୍ପୁ କରିନିଅନ୍ତୁ । ଭ୍ରୁ'ର ଘନତ୍ୱ ବଢ଼ାଇବା ପାଇଁ ମଧ୍ୟ ନିୟମିତ ଭିଟାମିନ୍ ଇ-ତେଲକୁ ମାଲିସ୍ କଲେ ଲାଭ ମିଳେ ।




# ପତ୍ରରେ ଅନନ୍ୟ କଳାକୃତି

ଗଜ, ତୂଳୀ, ରଙ୍ଗ ମାଧ୍ୟମରେ ଲୋକମାନେ ଚିତ୍ରକଳା ପ୍ରସ୍ତୁତ କରିବା ଆପଣମାନେ ଦେଖୁଥିବେ । ହେଲେ ଜାପାନର ଜଣେ ବ୍ୟକ୍ତି ବିଭିନ୍ନ ଗଛର ପତ୍ରରେ ଏଭଳି ଅନନ୍ୟ କଳାକୃତି ପସ୍ତୁତ କରିଛନ୍ତି ଯାହାକୁ ଦେଖିଲେ ଆଖି ଫେରାଇ ହେବନାହିଁ । ଲିଟୋପଲିଫ୍ ଆର୍ଟ ନାମକ ଏକ ଏକାଉଣ୍ଟରୁ ସେହି କଳାକୃତିର ଫଟାସବୁ ଇନ୍‌ଷ୍ଟାଗ୍ରାମ୍‌ରେ ଅପଲୋଡ୍ ହୋଇଛି । ସେଥିରେ ବ୍ୟକ୍ତିଜଣକ ପ୍ରକୃତିର ବିବିଧତା ସହ ବିଭିନ୍ନ ମାନବୀୟ ଆବେଗକୁ ଫୁଟାଇବାକୁ ପ୍ରୟାସ କରିଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ତାଙ୍କର ପ୍ରତ୍ୟେକ କଳାକୃତି ପରସ୍ପରଠାରୁ ସଂପୂର୍ଣ୍ଣ ଭିନ୍ନ । ସବୁଗୁଡ଼ିକ ଗୋଟିଏ ଗୋଟିଏ କାହାଣୀକୁ ବର୍ଣ୍ଣନା କରୁଛି । ସେହି ଚିତ୍ରକରଜଣକ ଏଡିଏଚ୍‌ଡି (ଆଟେନସନ୍ ଡେଫିସିଟ୍ ହାଇପରଆକ୍ଟିଭିଟି ଡିଜଅର୍ଡର) ନାମକ ଏକ ପ୍ରକାର ମାନସିକ ସମସ୍ୟା ଦ୍ୱାରା ପ୍ରଭାବିତ । ସେଥିରେ ପ୍ରଭାବିତ ଲୋକମାନେ କୌଣସି କଥା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାରେ ସମସ୍ୟାର ସାମ୍ନା କରିଥାନ୍ତି । ସେହି ସମସ୍ୟାରୁ ରକ୍ଷା ପାଇବା ଲାଗି ପ୍ରଥମେ ସେ ଖବରକାଗଜ ସାହାଯ୍ୟରେ ଏଭଳି କଳାକୃତି ପ୍ରସ୍ତୁତ କରୁଥିଲେ । ପରେ କିନ୍ତୁ ଜଣେ ସ୍ପାନିଶ୍ କଳାକାରଙ୍କୁ ଦେଖି ପତ୍ରରେ ଚିତ୍ରକଳା ପ୍ରସ୍ତୁତ କରିବା ଆରମ୍ଭ କଲେ ।







# ଜାଣନ୍ତୁ କିଛି ପରମ୍ପରାର ଧାର୍ମିକ ଓ ବୈଜ୍ଞାନିକ ମହତ୍ତ୍ୱ

ସୂର୍ଯ୍ୟଦେବଙ୍କୁ ପୂଜାର୍ଚ୍ଚନା କରିବା- ହିନ୍ଦୁ ଶାସ୍ତ୍ର ଅନୁଯାୟୀ ନିୟମିତ ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କଲେ ପରିବାରରେ ସୁଖଶାନ୍ତିର ବାତାବରଣ ରହିବା ସହ ସମାଜରେ ମାନସମ୍ମାନ ପ୍ରାପ୍ତି ହୋଇଥାଏ । ଏହାସହ ଏହାର ବୈଜ୍ଞାନିକ କାରଣ ହେଉଛି, ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରିବା ସମୟରେ ଜଳ ମଧ୍ୟ ଦେଇ ସୂର୍ଯ୍ୟଙ୍କ ରଶ୍ମୀ ଯେଉଁ ସମୟରେ ଆମ ଚକ୍ଷୁ ଉପରେ ପଡ଼େ ଏହା ଦୃଷ୍ଟି ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ।

ଚରଣ ସ୍ପର୍ଶ କରି ପ୍ରଣାମ କରିବା- ଗୁରୁଜନଙ୍କ ଚରଣ ସ୍ପର୍ଶ କରି ପ୍ରଣାମ କରିବା ଦ୍ୱାରା ଭଗବାନ, ଗୁରୁଜନଙ୍କ ଆଶୀର୍ବାଦ ମିଳିବା ସହ ଜୀବନର ସମସ୍ତ ବାଧାବିଘ୍ନ ଦୂର ହୋଇଥାଏ ।

ଦୁଇ ହସ୍ତ ଯୋଡ଼ି ପ୍ରଣାମ କରନ୍ତୁ- ଭାରତୀୟ ପରମ୍ପରା ଅନୁଯାୟୀ ଭଗବାନ ଓ ଗୁରୁଜନଙ୍କୁ ପ୍ରଣାମ କରିବା ସମୟରେ ଦୁଇ ହସ୍ତର ପାପୁଲିକୁ ଯୋଡ଼ି ନମସ୍କାର ସମୟରେ ଦୁଇ ହସ୍ତର ପାପୁଲିକୁ ଯୋଡ଼ି ନମସ୍କାର କରିବା ଉଚିତ । ଏହାର ବୈଜ୍ଞାନିକ କାରଣ ହେଉଛି, ଯେଉଁ ସମୟରେ ଆମେ ହସ୍ତ ଯୋଡ଼ି ନମସ୍କାର କରୁ ସମସ୍ତ ଆଙ୍ଗୁଠି ପରସ୍ପରକୁ ସ୍ପର୍ଶ କରିଥାଆନ୍ତି । ଏହାର ଉତ୍ତମ ପ୍ରଭାବ ଚକ୍ଷୁ, କାନ ଓ ମସ୍ତିଷ୍କ ଉପରେ ପଡ଼ିଥାଏ ।

ମଥା ତିଳକ ଲଗାଇବା ପରମ୍ପରା- ଭାରତୀୟ ପରମ୍ପରାରେ ମହିଳା ହୁଅନ୍ତୁ ଅଥବା ପୁରୁଷ ମଥାରେ ତିଳକ ନିଶ୍ଚୟ ଲଗାଇଥାଆନ୍ତି । ଧାର୍ମିକ ମାନ୍ୟତା ଅନୁଯାୟୀ, ମଥାରେ ତିଳକ ଲଗାଇଲେ ଭଗବାନଙ୍କ ବିଶେଷ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ । ଆଜ୍ଞା ଚକ୍ରରେ ତିଳକ ଲଗାଇଲେ ଏକାଗ୍ରତା ବୃଦ୍ଧି ପାଇଥାଏ ।





ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୨୬ ଜୁଲାଇ ୨୦୨୧, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସଂଯମତା ଆବଶ୍ୟକ...

ସଂସଦର ମୌସୁମୀ ଅଧିବେସନ ଚାଲିଛି । ଆରମ୍ଭ ଦିନରୁ ହିଁ ଦେଖାଦେଇଛି ଚରମ ବିଶୃଙ୍ଖଳା । ପ୍ରଥମଦିନ ପେଗାସସ୍‌ର କଥିତ ଗୁଇନ୍ଦାଗିରି ନେଇ ତୁମ୍ଭିତୋଫାନ ହେଲା । ଶାସନ ଓ ବିପକ୍ଷ ମଧରେ ଯଦିଓ କଥା କଟାକଟି ଚାଲିଲା, ନୂଆ ଆଇଟି ବିଭାଗ ସମ୍ଭାଳିଥିବା ଅଶ୍ୱିନୀ ବୈଷ୍ଣବଙ୍କ ବିବୃତି ବିରୋଧୀଙ୍କ ଶାନ୍ତ କରିବା ବଦଳରେ ଉତ୍କ୍ଷିପ୍ତ କରିଦେଲା । ବୈଷ୍ଣବ ଗୁରୁବାର ରାଜ୍ୟସଭାରେ ପେଗାସସ୍ ବାବଦରେ ବିବୃତି ଦେବା ସମୟରେ ତୃଣମୂଳ କଂଗ୍ରେସର ସାଂସଦ ଶାନ୍ତନୁ ତାଙ୍କୁ ହାତରୁ ରିପୋର୍ଟ ଛଡ଼େଇ ନେଇ କୁଟୁକୁଟା କରି ଚିରି ଉପାଧ୍ୟକ୍ଷଙ୍କ ଉପରକୁ ଫିଙ୍ଗିଦେଲେ । ଅପର ହାଉସ୍ ଭାବେ ମାନ୍ୟତା ରହିଥିବା ଗୃହରେ ଏହି ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରିଦେଇଥିଲା । ସଂସଦୀୟ ଶୃଙ୍ଖଳା ନେଇ ରହିଆସିଥିବା ଶାଳୀନତାର ଏହା ଉଲ୍ଲଙ୍ଘନ ବୋଲି କୁହାଯାଉଥିବା ବେଳେ ଶାନ୍ତନୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବାର ସୂଚିତ ହେଉଛି । ପ୍ରଥମ ଦିନରେ ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କର ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ପରିଚିତ କରିବାର କଥା । ବିଶୃଙ୍ଖଳା କାରଣରୁ ତାହା ସମ୍ଭବ ହେଲାନାହିଁ । ଏମିତି ବାରମ୍ବାର ହଟ୍ଟଗୋଳ ହେବାରୁ ସଂସଦୀୟ କାର୍ଯ୍ୟବିଧି ଆଗେଇବା ନେଇ ସମସ୍ୟା ଉପୁଜିଛି । ଉଭୟ ଗୃହେ ଏତାଦୃଶ ଅସ୍ୱାଭାବିକ ସ୍ଥିତି ହେବା ଫଳରେ ଗୁରୁତ୍ୱପୂର୍ଣ୍ଣ ବିଧେୟକଠାରୁ ଆରମ୍ଭ କରି ପ୍ରଣାଳୀଗତ ଅଗ୍ରଗତିରେ ବାଧା ସୃଷ୍ଟି ହେବାରୁ ଅଧ୍ୟକ୍ଷମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ମୁଲତବି ଘୋଷଣା କରିଦେଉଛନ୍ତି । ପେଗାସସ୍ ଗୁଇନ୍ଦାଗିରି, ତୈଳ ଦର ବୃଦ୍ଧି ସହିତ ଦୋହଲି ଯାଇଥିବା ଅର୍ଥନୈତିକ ସ୍ଥିତି ଭଳି ପ୍ରସଙ୍ଗ ସହିତ ନିର୍ଦ୍ଦିଷ୍ଟ ସମ୍ବାଦପତ୍ର ସଂସ୍ଥା ଉପରେ ଆଇଟି ଚଢ଼ାଉ ଏବଂ ମାସ ମାସ ଧରି ଚାଲିଆସିଥିବା କୃଷକମାନଙ୍କ ଆନ୍ଦୋଳନ, କରୋନା ସଂକ୍ରମଣଜନିତ ମୃତ୍ୟୁ ଓ ଟିକାକରଣ କେଲେଙ୍କାରୀ ସଂସଦରେ ଝଡ଼ ସୃଷ୍ଟି କରିଛି । ସରକାରଙ୍କ ପାଖରେ ଯେତେସବୁ ଜବାବ ରହିଛି, ବିରୋଧୀଙ୍କ ପାଖରେ ରହିଛି ସମସଂଖ୍ୟକ ପ୍ରଶ୍ନ । କିଭଳି ଗୃହକାର୍ଯ୍ୟ ସମ୍ଭଳାଯିବ, ସେଥିନେଇ ଶାସକ ମେଣ୍ଟର ସାଂସଦମାନଙ୍କ ବୈଠକ ବସିଥିବା ବେଳେ ବିପକ୍ଷ ସାଂସଦମାନେ ମଧ ଜ୍ୱଳମାନ ସମସ୍ୟାକୁ ଅସ୍ତ୍ର ପଜାଇ ରଖିଥିଲେ । ନବନିଯୁକ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସଦ୍ୟତମ ସଂକ୍ରମଣ ସ୍ଥିତି ନେଇ ତଥ୍ୟ ଦେବାକୁ ଯାଇ ଦେଶରେ ଅକ୍ସିଜେନ ଅଭାବରୁ ଜଣେ ହେଲେ ସଂକ୍ରମିତଙ୍କ ମୃତ୍ୟୁ ହୋଇନାହିଁ ବୋଲି କହି ବିଭିନ୍ନ ମହଲର ସମାଲୋଚନାକୁ ଆମନ୍ତ୍ରଣ କରିଛନ୍ତି । ଯଦି ଜଣେହେଲେ ରୋଗୀ ଅକ୍ସିଜେନ ଅଭାବରୁ ମରିନାହାଁନ୍ତି ବୋଲି ମନ୍ତ୍ରୀ କହୁଛନ୍ତି, ତାହାର ଆଧାର କ'ଣ ବୋଲି ପଚରାଯିବାରେ ସରକାର ପକ୍ଷରୁ ବାଆଁରେଇ ବୁଝାଇ ଦିଆଯାଇଛି କି, ଏ ବାବଦରେ ରାଜ୍ୟ ସରକାରମାନେ ଯାହା ରିପୋର୍ଟ ଦେଇଛନ୍ତି, ସେଥିରେ ଅକ୍ସିଜେନ ଅଭାବରୁ ମୃତ୍ୟୁର କିଛି ଖବର ନାହିଁ । ଏହା ବୈଶ୍ୱିକ ମହାମାରୀ ନେଇ ମନ୍ତ୍ରୀ ତଥା ସରକାରଙ୍କ ବେପରୁଆ ଦୃଷ୍ଟିଭଙ୍ଗୀ ବୋଲି ସମାଲୋଚନା ହେବା ସ୍ୱାଭାବିକ । ସଂସଦ ଓ ବିଧାନସଭାଗୁଡ଼ିକରେ ଶାସକ-ବିପକ୍ଷ ସଂଘର୍ଷ କିଛି ନୂଆ କଥା ନୁହେଁ । ୟୁପି ଭଳି ଅନ୍ୟ ରାଜ୍ୟରେ ବିଧାନସଭାରେ କିଭଳି ଚୌକିଟେବୁଲ ଫିଙ୍ଗା ହେଉଥିଲା, ମାଇକ୍ ଭଙ୍ଗା ଘଟଣାର ଅନେକ ନଜିର ଅଛି । ଗୃହରେ ଶାଳୀନତା ଭଙ୍ଗ ପରେ ବିଧାୟକ ଓ ସାଂସଦମାନଙ୍କୁ ନିଲମ୍ବନ ଓ ବହିଷ୍କାର ଭଳି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରାଯିବାର ଅସୁସ୍ଥ ପରମ୍ପରା ପାଇଁ ଗଣତନ୍ତ୍ରପ୍ରେମୀମାନଙ୍କୁ ଲଜ୍ଜିତ ହେବାକୁ ପଡ଼ିଛି । କେବଳ ଆ ରାଜ୍ୟ କି' ଦେଶ ନୁହେଁ, ବିଦେଶରେ ଲୋକପ୍ରତିନିଧିମାନଙ୍କ ଅବାଞ୍ଛିତ ଆଚରଣ କେଉଁ ବାର୍ତ୍ତା ଦେଉଛି, ତାହା ବିଚାରର ବିଷୟ । ଉଚିତ୍ ସୌଜନ୍ୟ ରକ୍ଷାପୂର୍ବକ ପ୍ରସଙ୍ଗ ଉଠାଯିବା ଯେମିତି ବିରୋଧୀଙ୍କ କାର୍ଯ୍ୟପ୍ରଣାଳୀରୁ କୁଆଡ଼େ ଲିଭିଯାଇଛି, ସେମିତି ଅଧିକ ଦାୟିତ୍ୱସମ୍ପନ୍ନ ବ୍ୟବହାର ଶାସକଙ୍କ ଜାତକରୁ ଲିଭିଯାଇଛି । ଦୁଇଟିଯାକ କଥା ସଂସଦୀୟ ପରିଚାଳନା ପାଇଁ ବିପଜ୍ଜନକ । ଆଶଙ୍କା ହେଉଛି, ଏଭଳି କ୍ରମାଗତ ଚାଲିଲେ ଜନସମସ୍ୟା ସମ୍ବଳିତ ପ୍ରସଙ୍ଗ ଉଠିବାର ସମ୍ଭାବନା ରହିବ ନାହିଁ । ମନେ କରାଯାଉଛି, ଲଗାତାର ହଟ୍ଟଗୋଳ ଜାରି ରଖାଗଲେ ମୂଳ ପ୍ରସଙ୍ଗକୁ ଏଡ଼ାଇଦେବା ସହଜ ହେବ ବୋଲି କିଛି ସଦସ୍ୟ ବିଚାରୁଛନ୍ତି । ମୂଳ ପ୍ରସଙ୍ଗଠାରୁ ନଜର ଫେରାଇନେବା ପାଇଁ ଯାବତୀୟ ଦୁଷ୍ଟ ବୁଦ୍ଧି ଖଟାଯାଉଛି । ମାସ ମାସ ଧରି କୃଷକ ଆନ୍ଦୋଳନର ସମାଧାନକୁ ମର୍ଯ୍ୟାଦାର ପ୍ରଶ୍ନ ବୋଲି ବିଚାର କରାଯିବା ଏହାର ଗୋଟିଏ ଦୃଷ୍ଟାନ୍ତ । ଏହିଭଳି ବିଭିନ୍ନ ପ୍ରକରଣ ନେଇ ବିପକ୍ଷ ଓ ଶାସକ ନିଜ ନିଜ ଅବସ୍ଥାନରୁ ଓହ୍ଲାଇ ଯଦି କାର୍ଯ୍ୟ କରିପାରନ୍ତେ, ତେବେ ଜାତୀୟ ସ୍ୱାର୍ଥ ରକ୍ଷା ଦିଗରେ ଉଦାହରଣ ସୃଷ୍ଟି ହୋଇପାରନ୍ତା । ଦୁର୍ଭାଗ୍ୟର ବିଷୟ, କ୍ଷମତାସୀନ ଓ ବିପକ୍ଷ ଆସନରେ ବସିଥିବା ସଦସ୍ୟ ମୂଳ ପ୍ରସଙ୍ଗଠାରୁ ଦୂରେଇଯାଇ ଆପଣା ଜିଦ୍‌କୁ ପ୍ରମୁଖତା ଦେଉଛନ୍ତି ।




## ଗାଆଁ ପାଇଁ କିଛି କରିବା ଚାଲ
### ହରେରାମ ପଣ୍ଡା

ଆମ ଗାଆଁ ଆମ ମାଆର ସମାନ
ଯାହାର ଦାନରେ ଏ ପିଣ୍ଡ ଗଢ଼ା,
ଯେଉଁଠି ଦେଖିଛେ ପ୍ରଥମ ଆଲୋକ
ମନେରହିଥିବ ଜୀବନ ସାରା ।

ଯା ପାଣି ପବନ, ବନ ଉପବନ
ମଙ୍ଗଳା ମନ୍ଦିର ପୂଜା ଆରତୀ,
କିଏ ଦାଦାଖୁଡ଼ି, କିଏ ଆଈବୁଢ଼ୀ,
ସଭିଏଁ ଲାଗନ୍ତି ଆପଣା ଅତି ।

ଯେଉଁଠି ଶିଖିଲେ କଥା କହି ଆମେ
ପ୍ରଥମେ ଯେଉଁଠି ଶିଖିଲେ ଚାଲି,
କେତେ ପାଠପଢ଼ି ବଡ଼ ହୋଇ ଆଜି
କେମିତି ଗାଆଁକୁ ଯାଇଛେ ଭୁଲି ?

ଗାଆଁ ଗାଈଗୋଠ, ଗାଈଆଳ ଗୀତ
ବର ଓହଳରେ ଖେଳିଛୁ ଝୁଲି,
ବରଷାଦିନରେ ପାଣିର ସୁଅରେ
କାଗଜ ଡଙ୍ଗାକୁ ପାରିଛେ ଭୁଲି ?

କେମିତି ସେ ଗାଆଁ ପର ଲାଗେ ଆଜି
ପରଦେଶ ଲାଗେ ଆପଣା ଭଳି,
କେତେ ଅସଜଡ଼ା ଆମ ଗାଆଁ ଆଜି
ତା କଥା ଭାବିବା କାମ ଆମରି ।

ଗାଆଁ ପରିବେଶ, ଗାଆଁର ସଂସ୍କାର
ସ୍ୱାସ୍ଥ୍ୟରକ୍ଷା ପୁଣି ମେଳା ମଉଜ,
ଭାଗବତ ଟୁଙ୍ଗି, ଜନ୍ତାଳ କୀର୍ତ୍ତନ
ଗାଆଁ କଥା ଟିକେ ମନରେ ହେଜ !

ମନରେ ଭାବିଲେ ଗାଆଁକଥା ଥରେ
ମାଆ ପରି କେତେ ଲାଗଇ ଭଲ,
ଆମପାଇଁ ଆମ ଗାଆଁଟା ହସିବ
ଗାଆଁପାଇଁ କିଛି କରିବା ଚାଲ !

+ କୁଆଁସ, ମେର୍ଦ୍ଧା କାଟିଆଛକ,
ଯାଜପୁର ।
(ମୋ) ୯୪୩୮୦୬୫୧୯୫ .



### ବିପିନ ବିହାରୀ ମହାନ୍ତି

## କାଶ୍ମୀର କନ୍ଦଳ

କାର୍‌ଗିଲ୍ ଦିବସ ଉପଲକ୍ଷେ:

ଭାରତ ବିଭାଜନ ୧୯୪୭ ଅଗଷ୍ଟ ୧୫ ପରଠାରୁ କାଶ୍ମୀରକୁ ନେଇ ପାକିସ୍ତାନ ଓ ଭାରତ ମଧ୍ୟରେ ନାନା କନ୍ଦଳ ଲାଗି ରହିଛି । ଖାଲି କନ୍ଦଳ ନୁହେଁ, ଚାରିଚାରିଟା ଯୁଦ୍ଧ ୧୯୪୭-୪୮, ୧୯୬୫, ୧୯୭୧ ଏବଂ ୧୯୯୯ ସଂଘଟିତ ହୋଇଗଲାଣି । ଉଭୟ ପକ୍ଷରୁ କେତେ ମୃତାହତ ଓ କେତେ କ୍ଷୟକ୍ଷତି ଘଟିଲାଣି । ଏହା ଜାତିସଂଘ ଦ୍ୱାରା ନିଷ୍ପତି ହେଉ ବୋଲି କେହି କହିଲା ବେଳେ ମିଳିତ ଜାତିସଂଘ କୁହେ, ଏହା ଭାରତ ଓ ପାକିସ୍ତାନର ଆଭ୍ୟନ୍ତରୀଣ ସମସ୍ୟା ହେତୁ ସେମାନେ ମିଶି ଏହାକୁ ତୁଟାନ୍ତୁ । ହେଲେ ଭାରତ ପାକିସ୍ତାନ ଏ ଦ୍ୱିପାକ୍ଷିକ ଆଲୋଚନାରେ ବସିବେ ନାହିଁ କି ସମସ୍ୟା ତୁଟିବ ନାହିଁ । ଏଣୁ କାଳ କାଳକୁ ଏହା କନ୍ଦଳର କାରଣ ହୋଇଥିବ ।

ଦେଶ ବିଭାଜନ ବେଳେ ଟ୍ରାଭାନକୋର, ଜୁନାଗଡ଼, ହାଇଦ୍ରାବାଦ ଓ କାଶ୍ମୀର ପାକିସ୍ତାନ ଅଥବା ଭାରତ ସହିତ ମିଶିକି ନଥିଲେ କି ସେ ମୁହୂର୍ତ୍ତରେ ସେମାନଙ୍କୁ ନେଇ କାହାରି କିଛି ସାଂଗରେ ନେବାର ଆପତି ନଥିଲା । ସେମାନେ କିନ୍ତୁ ଭାରତ ଓ ପାକିସ୍ତାନ ସହ ସ୍ୱାଧୀନ ହେଲେ ଏବଂ ଭବିଷ୍ୟତରେ ସେମିତି ରହିବେ ବୋଲି ଚାହିଁଲେ । ମାତ୍ର ଦେଶ ବିଭାଜନ ଓ ସ୍ୱାଧୀନତା ପ୍ରଦାନ ବେଳେ ସର୍ତ୍ତ ଥିଲା ଯେ ଏମାନେ ସ୍ୱାଧୀନ ରାଷ୍ଟ୍ର ଭାବେ ରହିପାରିବେ ନାହିଁ । ସୁବିଧା ଦେଖି ନିଜ ନିଜ ବ୍ୟବସ୍ଥାରେ ଭାରତ ଅଥବା ପାକିସ୍ତାନ ସହ ମିଶିଯିବାକୁ ବାଧ୍ୟ । କେହି ପାକିସ୍ତାନରେ ମିଶିବାକୁ ରାଜି ହେଲେନି । ଜୁନାଗଡ଼ ତା ନିଜ ବ୍ୟବସ୍ଥାରେ ଗଣଭୋଟ୍ ଦ୍ୱାରା ଭାରତରେ ମିଶିଗଲା, ଟ୍ରାଭାନ୍‌କୋର ଓ ହାଇଦ୍ରାବାଦ ପ୍ରଥମେ କୌଣସି ନିଷ୍ପତି ନେଇନଥିଲେ ହେଁ, ପରେ ଭାରତ ସହ ମିଶିଗଲେ । ବାକି ରହିଗଲା କାଶ୍ମୀର ।


ସେତେବେଳେ କାଶ୍ମୀରର ସ୍ୱାଧୀନ ରାଜା ଥିଲେ ହିନ୍ଦୁ ରାଜା ହରିସିଂ । ସେ କେବେ ବି ପାକିସ୍ତାନ ସହ ହାତ ମିଳାଇବେ ନାହିଁ । ସେମିତି ଏଥିପୂର୍ବରୁ କାଶ୍ମୀରକୁ ନେଇ ପାକିସ୍ତାନ ଗଠନ କରିବାର ସ୍ୱପ୍ନ ପାକିସ୍ତାନ ମୁଖ୍ୟ ମହମ୍ମଦ ଅଲ୍ଲିଜିନ୍ନା ଦେଖିନଥିଲେ । ଅଥଚ ବିଭାଜନ ନିୟନ୍ତ୍ରକ ଲର୍ଡ ମାଉଂଟବ୍ୟାଟେନ୍ ପାକିସ୍ତାନ ସପକ୍ଷବାଦୀ ଥିଲେ ଏବଂ ଜିନ୍ନା କାଶ୍ମୀରକୁ ନେଇ ବୃହତର ପାକିସ୍ତାନ ଗଠନ କରନ୍ତୁ ବୋଲି ଚାହୁଁଥିଲେ । ସେଥିପାଇଁ ସେ ଜିନ୍ନାଙ୍କୁ ଉସ୍‌କାଉ ଥିଲେ ଏବଂ ତାଙ୍କୁ ସହଯୋଗ କରୁଥିଲେ ।

କାଶ୍ମୀରକୁ ଭାରତ ସହ ମିଶାଇବାରେ ହରି ସିଂ କୁଣ୍ଠିତ ନଥିଲେ । ତେବେ ସେ କାଳ ବିଳମ୍ବ କରିବାର କାରଣ ଏହାଥିଲା ଯେ ଭାରତୀୟ କଂଗ୍ରେସ ଓ ନେହୁରୁଙ୍କ ସହିତ ତାଙ୍କର ଉତମ ବୁଝାମଣା ନଥିଲା । ପୁନଶ୍ଚ କାଶ୍ମୀରର ଶେଖ ଅବଦୁଲ୍ଲାଙ୍କର ନେହୁରୁ ଥିଲେ ପ୍ରିୟପାତ୍ର । କାଶ୍ମୀର ଭାରତ ସହ ମିଶିଲେ, ନେହୁରୁ ଅବଦୁଲ୍ଲାଙ୍କୁ କାଶ୍ମୀର ମୁଖ୍ୟ କରିଦେବେ ଏବଂ ହରିସିଂ ତାଙ୍କ ଅଧସ୍ତନ କର୍ମଚାରୀ ହୋଇଯିବେ, ସେ ଏକଥା ଚାହୁଁ ନଥିଲେ ।

ଶେଖ ଅବଦୁଲ୍ଲା ଚାହୁଁଥିଲେ ସେ କାଶ୍ମୀରର ଏକାଙ୍ଗ ଚକ୍ରବର୍ତୀ ହୋଇ ହରିସିଂଙ୍କ ସ୍ଥାନ ଅଧିକାର କରିବେ । ଏଣୁ କାଶ୍ମୀର ପାକିସ୍ତାନ ହାତକୁ ନଯାଉ । ଅନ୍ୟପକ୍ଷରେ ଭାରତ ସହାୟତାରେ ତାଙ୍କ ହାତରେ କାଶ୍ମୀର ରହୁ ।

ଗୋଟିଏ ପଟେ ନେହୁରୁ ଓ ଜିନ୍ନାଙ୍କ କଳିରୁ ଭାରତ ହେଲା ବିଭାଜନ । ଆଉ ଗୋଟିଏ ପଟେ ନେହୁରୁଙ୍କର ମାଉଂଟବ୍ୟାଟେନ୍‌ଙ୍କ ପ୍ରୀତି ଓ ଭିନ୍ନ ପକ୍ଷେ ଶେଷ ଅବଦୁଲ୍ଲାଙ୍କ ସହ ବନ୍ଧୁତ୍ୱ; ମାଉଂଟବ୍ୟାଟେନ୍‌ଙ୍କ ପାକିସ୍ତାନ ପ୍ରତି ସପକ୍ଷବାଦୀତାରେ ବଳି ପଡ଼ିଲା କାଶ୍ମୀର ଭୂଖଣ୍ଡ ।

ମାଉଂଟବ୍ୟାଟେନ୍ ଚାହୁଁଥିଲେ ଜୁନାଗଡ଼ ପରି କାଶ୍ମୀରରେ ଗଣଭୋଟ୍ ଦ୍ୱାରା ତା' ସ୍ଥିତି ନିର୍ଣ୍ଣୟ କରାଯାଉ । ଏହାକୁ ଭାରତ ବିରୋଧ କଲା । ଅଥଚ ପରିସ୍ଥିତି ଏମିତି ହେଲା ଯେ ଶେଷରେ ହରି ସିଂ ଗଣଭୋଟ ଉପର ରାଜି ହେଲେ ଏବଂ ୨୬ ଅକ୍ଟୋବର ୧୯୪୮ରେ ଇନ୍‌ଷ୍ଟ୍ରୁମେଂଟ ଅଫ୍ ଆକ୍‌ସେସନ୍ ଆକ୍ଟ ଗୃହୀତ ହେଲା । ଅଥଚ ମାଉଂଟବ୍ୟାଟେନଙ୍କ କୂଟନୀତି ଫଳରେ ପାକିସ୍ତାନୀ ସେନା ଓ ଆଦିବାସୀ ଲସ୍କର କାଶ୍ମୀରର ଗିଲଗଟ୍, ବାଲଚିସ୍ଥାନ, ମୁଜାଫରବାଦ ସହ ପୁଂଚର ଅର୍ଦ୍ଧାଧିକ ଅଂଶ ମୀରପୁର ଜିଲ୍ଲା ଓ ବାରମୂଳାର କିଛି ଅଂଶ ମାଡ଼ି ବସିଲେଣି । ସେଇଠି ଯୁଦ୍ଧ ବନ୍ଦ କରିବାକୁ ମାଉଂଟବ୍ୟାଟେନ୍ ସେତେବେଳକୁ ମହମ୍ମଦ ଜିନ୍ନାଙ୍କୁ ନିର୍ଦ୍ଦେଶ ଦେଲେ । କଥା ରହିଲା ଯେ ମିଳିତ ଜାତିସଂଘ ଅଧ୍ୟକ୍ଷତାରେ ଗଣଭୋଟ୍ ହେବ । କିନ୍ତୁ ପାକିସ୍ତାନ ଏହାକୁ ଗ୍ରହଣ କରିବାକୁ ବାଧ୍ୟ ନୁହେଁ ବୋଲି କହିଲା । ଏତିକିରେ ଭାରତ-ପାକ୍ ପ୍ରଥମ ଯୁଦ୍ଧ ୧୯୪୭-୪୮ର ସମାପ୍ତି ଘୋଷଣା ହେଲା । କିନ୍ତୁ ପାକିସ୍ତାନ ଅଧିକୃତ କରିଥିବା କାଶ୍ମୀରର ଏ ବିରାଟ ଭୂଖଣ୍ଡର ଭବିଷ୍ୟତ ଭାଗ୍ୟ କ'ଣ ହେବ, ସେ କଥା ନିଷ୍ପତି ହେଲା ନାହିଁ ।



ସେତେବେଳେ ଭାରତୀୟ ସେନାର ଜେନେରାଲ ଥିମାୟା ଥିଲେ ମୁଖ୍ୟ । ସେ ଚାହିଁଥିଲେ ଏ ଅଂଚଳକୁ ଫେରାଇ ଆଣି ପାକିସ୍ତାନ ଭିତରକୁ ପଶିଯାଇଥାନ୍ତେ; କିନ୍ତୁ ବାରଣ କଲେ ନେହୁରୁ । କହିଲେ ଭାରତ କ୍ୟାବିନେଟ୍‌ର ବିନା ଅନୁମୋଦନରେ ସେ ଆଗେଇପାରିବେନି । ଏକଥା ନୁହେଁ ଯେ ସେ ନିଜର ଭାବମୂର୍ତ୍ତିକୁ ଅକ୍ଷୁର୍ଣ୍ଣ ରଖିବାକୁ ଚାହୁଁଥିଲେ । ଯେମିତି ମାଉଂଟବ୍ୟାଟେନ୍ ପାକିସ୍ତାନ ସେନାଙ୍କୁ ସାହାଯ୍ୟ କରୁଥିଲେ ପାକିସ୍ତାନ ସମଗ୍ର କାଶ୍ମୀରକୁ ଦଖଲ ନେଇଯାଇଥାନ୍ତା ସେତେବେଳେ କ'ଣ ନେହୁରୁ କ୍ୟାବିନେଟ୍‌ର ଅନୁମୋଦନକୁ ଅପେକ୍ଷା କରିଥାନ୍ତେ । ସେତେବେଳକୁ ତ ସବୁ ସରି ଯାଇଥାନ୍ତା । କାଶ୍ମୀରକୁ ଫେରାଇ ପାରିଥାନ୍ତେ ତ ? ଯେତିକି ଯାଇଛି, ସେତକ ଏଯାଏ ଫେରିନି ସେ ଏବେ କାଶ୍ମୀର ଅଧିକୃତ ଅଂଚଳ (ପି.ଓ.କେ); ନିୟନ୍ତ୍ରଣ ସୀମାରେଖା (ଏଲ୍.ଓ.ସି) ଆରପଟେ ।

୧୯୪୯ ମସିହାରେ ମିଳିତ ଜାତିସଂଘର ଏକ କମିଶନ ଦଳ ଆସି ସୀମା ସୁରକ୍ଷା ନିୟନ୍ତ୍ରଣ ରେଖା ନିର୍ଣ୍ଣୟ କଲା ପରେ ଆନୁଷ୍ଠାନିକ ଯୁଦ୍ଧ ବିରତି ଘୋଷଣା କଲା । ଦୁଇ ଦେଶର ସେନାଧ୍ୟକ୍ଷଙ୍କ ମଧ୍ୟରେ ଏ ଚୁକ୍ତିକୁ କୁହାଗଲା କରାଚି ଚୁକ୍ତି ।

୧୯୬୫ରେ ପୁଣି ସେହି ଭାରତ ପାକ୍ ୨ୟ ଯୁଦ୍ଧ । ୧୯୭୧ରେ ତୃତୀୟ ଭାରତପାକ୍ ଯୁଦ୍ଧ । ୧୯୭୨ ମସିହା ସିମଳା ରାଜିନାମାର ଅସ୍ତ୍ରବିରତି ଚୁକ୍ତିରେ କାଶ୍ମୀର ପ୍ରସଙ୍ଗ ଦୁଇଦେଶର ଆଭ୍ୟନ୍ତରୀଣ ବ୍ୟାପାର ଏବଂ ଏହା ଦୁଇ ଦେଶ ମଧ୍ୟରେ ଆଲୋଚନା ଦ୍ୱାରା ଆପୋଷ ସମାଧାନ ହୋଇପାରେ ବୋଲି ଥିଲେ ମଧ୍ୟ ଏହାକୁ ସମ୍ମାନ ଦେଉଛି କିଏ ?

ସତ କହିଲେ ଗଣଭୋଟ୍ ଭଳି ଏକ ପ୍ରି କଣ୍ଡିସନ୍ ଯୋଗୁଁ କାଶ୍ମୀରକୁ ବିଳମ୍ବରେ ଭାରତୀୟ ସେନା ପଠାଇବା ଦ୍ୱାରା ଏକ ବୃହତ୍ କାଶ୍ମୀର ଅଂଶ ପାକିସ୍ତାନ ହାତକୁ ଚାଲିଗଲା । ଖାଲି ସେତିକି ନୁହେଁ ନେହୁରୁଙ୍କର ଜାତିସଂଘର ଦ୍ୱାରସ୍ଥ ହେବା ଦୂରଦୃଷ୍ଟିର ଘୋର ଅଭାବ ଛଡ଼ା ଆଉ କଣ ହୋଇପାରେ ? ପୁଣି ମାଉଂଟବ୍ୟାଟେନ୍ କୂଟନୀତିରେ ପ୍ରଭାବିତ ହୋଇ କାଶ୍ମୀରରେ ଏକ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ କରି ଶେଖ ଅବଦୁଲ୍ଲାଙ୍କୁ ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ କରିବାରେ ଘୋଷଣା, ଏକ ସ୍ୱତନ୍ତ୍ର ସଂବିଧାନ ଗଠନ, ସଂବିଧାନର ୩୭୦ ଧାରା ପ୍ରୟୋଗ ଦ୍ୱାରା କାଶ୍ମୀରକୁ ଭାରତ ଠାରୁ ଦୂରେଇ ରଖିବା ଓ ସ୍ୱତନ୍ତ୍ର ପତାକା ପ୍ରଚଳନ କରାଇବା ଯେତେବେଳେ ଏକ ମୁର୍ଖାମୀ କଥା, ସେତେବେଳେ ଭାରତର ଏହା ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିବା ଠାରୁ ଏହାକୁ ମସ୍ତବଡ଼ ଭୁଲ୍ ଛଡ଼ା କ'ଣ କୁହାଯାଇପାରେ ? ମଲୁ ଲୋଡୁଥିଲା ଯାହା ବଇଦ କହିଲା ତାହାପରି ଶେଖ୍ ଅବଦୁଲ୍ଲା ହେଲେ କାଶ୍ମୀରର ସର୍ବେସର୍ବା । ଏବେ ପୁତ୍ର ଫାରୁକ୍ ଅବଦୁଲ୍ଲା ଓ ନାତି ଓମାର ଅବଦୁଲ୍ଲା ସମେତ ସମସ୍ତେ ଭାରତ ବିରୋଧୀ । ସେ ଚାହାଁନ୍ତି କାଶ୍ମୀର ଭାରତ ମୁକ୍ତ ହେଉ । ସେମାନେ ନିରଙ୍କୁଶ ହୋଇ କାଶ୍ମୀର ଶାସନ କରନ୍ତୁ । ଏଣୁ ସେମାନେ ଆତଙ୍କବାଦୀ ତଥା ବିଚ୍ଛିନ୍ନାବାଦୀଙ୍କ ସହ ହାତ ମିଳାଇଛନ୍ତି । ଏଣୁ ପାକିସ୍ତାନ ସହ ଭାରତ ଯୁଦ୍ଧରେ ତାଙ୍କର ଫାଇଦା ଅଛି ।

ଏବେ ଅବଦୁଲ୍ଲାମାନଙ୍କୁ ସାମ୍‌ନା କରିବାର ଅଛି । ଧାରା ୩୭୦କୁ ବାତିଲ କରିବାର ଅଛି । ମୋଟ୍ ଉପରେ କାଶ୍ମୀର କନ୍ଦଳ ଏବେ ଏକ ଅଛିଣ୍ଡା ସୂତା ପରି । ଏହାର ମୁଖ୍ୟ କାରଣ ହେଲେ ମାଉଂଟ ବ୍ୟାଟେନ୍, ଜିନ୍ନା, ଶେଖ ଅବଦୁଲ୍ଲା ଏବଂ ସର୍ବୋପରି ପଣ୍ଡିତ ନେହୁରୁ । ତଥାପି ଆମେ କହିବୁ କାଶ୍ମୀର ଆମର ଥିଲା ଏବଂ ହରିସିଂଙ୍କ ସର୍ତ୍ତାନୁଯାୟୀ ଆମର ହୋଇ କାଳ କାଳ ଥିବ । ଭାରତମାତାର ଜୟ ।

+ ଅଧ୍ୟକ୍ଷ
ଓଡ଼ିଶା ଭାଷା ସଂରକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ :
ବିପିନବିହାରୀ ପାଠାଗାର,
ଜଟଣୀ, ଖୋର୍ଦ୍ଧା
ମୋ-୯୯୩୮୩୪୧୩୮



### ବୈଷ୍ଣବ ମେହେର

## ଆମ ଗୌରବ କାରଗିଲ ବିଜୟ

କାରଗିଲ ବିଜୟ ଦିବସ ହେଉଛି ଭାରତବର୍ଷର ଶକ୍ତି, ସଂକଳ୍ପ ଓ ସାମର୍ଥ୍ୟର ଦିବସ । ୧୯୯୯ ମସିହା ଜୁଲାଇ ମାସ ୨୬ ତାରିଖ ଭାରତୀୟ ସେନା ଯେଉଁ ବିରତ୍ୱର ପରାକାଷ୍ଠାରେ ପାକିସ୍ତାନ ଅନୁପ୍ରବେଶକାରୀଙ୍କ ହୀନ ଉଦ୍ୟମକୁ ପ୍ରତିହତ କରି କାରଗିଲ ଘାଟିକୁ ନିଜ ଅକ୍ତିଆରକୁ ନେଇଥିଲେ ତାହା ଆଗାମୀ ଅୟୁତ କାଳ ଯାଏଁ ଅବିସ୍ମରଣୀୟ ହୋଇ ରହିବ । ଦେଶର ସୁରକ୍ଷା ପାଇଁ ନିଜ ପ୍ରାଣର ବଳିଦାନ ଦେଇଥିବା ବୀର ଜବାନ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୨୬କୁ କାରଗିଲ ବିଜୟ ଦିବସ ଭାବରେ ପାଳନ କରାଯାଉଛି । ଏହି ଦିବସର ସ୍ମୃତି ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତ ବିଚାର ଓ ମାନସିକତାର ଉର୍ଦ୍ଧ୍ୱରେ ବିଶ୍ୱର କୋଣ ଅନୁକୋଣରେ ଥିବା ସମସ୍ତ ଭାରତୀୟଙ୍କ ହୃଦୟରେ ପ୍ରବଳ ଜାତୀୟତା ଭାବ ସୃଷ୍ଟି କରିଥାଏ ।

କାରଗିଲ ଯୁଦ୍ଧ ଥିଲା ଭାରତ ଓ ପାକିସ୍ତାନ ମଧ୍ୟରେ ଚତୁର୍ଥ ଘୋଷିତ ଯୁଦ୍ଧ । ୧୯୪୭ ମସିହାରେ ବ୍ରିଟିଶ ଶାସନର ପରିସମାପ୍ତି ସହ ଭାରତବର୍ଷର ବିଭାଜନ ଘଟିଲା । ହିନ୍ଦୁ ବହୁଳ ଧର୍ମ ନିରପେକ୍ଷ ରାଷଟ୍ର ରୂପେ ଭାରତ ଏବଂ ମୁସଲମାନ ବହୁଳ ଇସଲାମୀୟ ରାଷ୍ଟ୍ର ଭାବରେ ପାକିସ୍ତାନର ଗଠନ ହେଲା । ଏହି ବିଭାଜନ ଯୋଗୁଁ ପ୍ରାୟ ଦଶ ନିୟୁତ ଲୋକଙ୍କର ଗଣସ୍ଥାନାନ୍ତରଣ ଏବଂ ଏକ ନିୟୁତ ଲୋକଙ୍କର ମୃତ୍ୟୁ ଘଟିବା ଭାରତ ଇତିହାସର ବଡ଼ ବିଡ଼ମ୍ବନାର ସମୟ ବୋଲି ଗଣାଯାଏ । ବିଭାଜନ ଦିନ ଠାରୁ ଆଜିଯାଏଁ ବିଶେଷ କରି ପାକିସ୍ତାନ ପଟୁ ଭାରତକୁ ବିଭିନ୍ନ ସମୟରେ ସାମ୍ପ୍ରଦାୟିକ ହିଂସା, ଆତଙ୍କବାଦ, ଆଂଚଳିକ ପୃଥକବାଦୀ ବିଦ୍ରୋହ ଆଦି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଏହିସବୁ ପ୍ରସଙ୍ଗକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ବିବାଦ ଲାଗିରହିଥିବା ବେଳେ କାର୍ଗିଲ ଯୁଦ୍ଧ ପୂର୍ବରୁ ୧୯୪୭, ୧୯୬୫ ଓ ୧୯୭୧ରେ ତିନିଥର ଯୁଦ୍ଧ ହୋଇ ସାରିଥିଲା ।

ମାଇନସ୍ ୧୦ ଡିଗ୍ରୀ ସେଲସିୟସ ତାପମାତ୍ରାରେ ପାକିସ୍ତାନ ବିରୁଦ୍ଧରେ ଭାରତର ଜାମ୍ମୁ କାଶ୍ମୀରରେ ଥିବା କାରଗିଲ ଜିଲ୍ଲାରେ ଏହି ଯୁଦ୍ଧର ଆରମ୍ଭ ହୋଇଥିଲା । ଅନ୍ତର୍ଜାତୀୟ ଆଇନର ଉଲ୍ଲଙ୍ଘନ କରି ପାକିସ୍ତାନର ପ୍ରାୟ ପାଂଚ ହଜାର ସୈନିକ ଗୁପ୍ତ ଭାବରେ କାରଗିଲ ଅଂଚଳରେ ଥିବା ଭାରତର ବିଭିନ୍ନ ସ୍ଥାନକୁ ନିଜ ଅଧିନକୁ ନେଇ ଯାଇଥିଲେ । ଏହି ଯୁଦ୍ଧ ନିମନ୍ତେ ପାକିସ୍ତାନୀ ମାନେ ଯଥେଷ୍ଟ ପୂର୍ବରୁ ନିଜ ସେନାକୁ ଗୁପ୍ତ ଭାବରେ ପାର୍ବତ୍ୟାଂଚଳର ଉଚ୍ଚ ଜାଗାମାନଙ୍କରେ ସୁରକ୍ଷିତ ଭାବରେ ଥଇଥାନ କରିନେଇ ଭାରତ ସେନା ପ୍ରତି ଅତର୍କିତ ଆକ୍ରମଣ ପାଇଁ ପୂର୍ବ ପ୍ରସ୍ତୁତି କରିସାରିଥିଲେ । ଅନେକ ଦିନରୁ ଦେଶ ଭିତରକୁ ପଶି ଲୁଚିଛପି ବସା ବାନ୍ଧିଥିବା ଶତ୍ରୁ ସେନାକୁ ଠାବ କରି ସେମାନଙ୍କୁ ସମୁଚିତ ଜବାବ ଦେବାରେ ଭାରତୀୟ ସୈନିକଙ୍କୁ ପ୍ରଥମେ କଠିନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି । କାରଗିଲ ଲଢ଼େଇରେ ଭାରତୀୟ ସେନା ମଧ୍ୟରୁ ଅନେକ ଶହୀଦ ହୋଇଥିଲେ ହେଁ ଆଗକୁ ମାଡ଼ି ଚାଲିଥିବା ବୀର ଜବାନମାନେ କେବେ ବି ପଛଘୁଂଚା ଦେଇ ନଥିଲେ । ଦୁଇ ମାସରୁ ଅଧିକ ସମୟ ବ୍ୟାପି ଚାଲିଥିବା ଏହି କାରଗିଲ ଯୁଦ୍ଧରେ ପ୍ରାୟ ୫୨୭ ଜଣ ବୀର ସନ୍ତାନଙ୍କୁ ଭାରତ ମାତା ହରାଇ ଦେଇ ଥିଲା । ଯୁଦ୍ଧରେ ୧୩୬୩ ଜଣ ଜବାନ ଆହତ ହୋଇଥିଲେ । କିନ୍ତୁ ବୀର ଶହିଦଙ୍କ ବଳିଦାନ ବ୍ୟର୍ଥ ଗଲାନାହିଁ । ଭାରତର ଲଢୁଆ ପ୍ରତିହତକୁ ସହ୍ୟ କରି ନପାରି ଶତ୍ରୁ ସେନା ଧିରେଧିରେ ପଛଘୁଂଚା ଦେଲେ ଓ ଭାରତବର୍ଷ ପୁଣି ଏକ ଐତିହାସିକ ବିଜୟ ଲାଭ କଲା ।



୧୯୯୯ ମେ ମାସ ୩ ତାରିଖରେ କାରଗିଲ ଅଂଚଳର କିଛି ମେଣ୍ଢାପାଳକ ଭାରତ ଭିତରକୁ ଆତଙ୍କବାଦୀ ପ୍ରବେଶ କରିଥିବା ଭାରତୀୟ ସେନାକୁ ସୂଚନା ଦେଇଥିଲେ । ଖବର ପାଇ ସତ୍ୟାସତ୍ୟ ସନ୍ଧାନରେ ଯାଇଥିବା ପାଂଚ ଜଣ ଭାରତୀୟ ଜବାନଙ୍କୁ ଆକସ୍ମିକ ଆକ୍ରମଣ କରି ଆତଙ୍କୀ ସେନା ହତ୍ୟା କରିଥିଲେ କ୍ଷ ଏହାର ତିନି ଦିନ ପରେ ଭାରତୀୟ ସେନା ଦ୍ୱାରା ଦୁଇ ଆତଙ୍କୀକୁ ମରାଗଲା ପରେ ସେମାନେ ପାକିସ୍ତାନ ସେନାର ବୋଲି ଜଣାପଡ଼ିଥିଲା କ୍ଷ ଏହାର ଦିନକ ପରେ ମେ ୯ ରେ ପାକିସ୍ତାନ ପଟୁ ଅଚାନକ ପ୍ରବଳ ଗୁଳିଗୋଳା ବର୍ଷଣ କରାଯାଇଥିଲା କ୍ଷ ଟାଇଗର ହିଲ୍ ରେ ରହିଥିବା ପାକିସ୍ତାନୀ ସେନାଙ୍କ ଗତିବିଧି କୁ ଲକ୍ଷ କରି ଭାରତୀୟ ଲଢୁଆ ସେନା ଆଗକୁ ବଢ଼ିଥିଲେ କ୍ଷ ଜୁଲାଇ ୪ ରେ ଟାଇଗର ହିଲ୍ କୁ କବଜା କରିବାରେ ଭାରତୀୟ ସେନା ସଫଳ ହୋଇଥିଲେ କ୍ଷ ୭ ରୁ ୧୧ ଜୁଲାଇ ମଧ୍ୟରେ ନିର୍ଣ୍ଣାୟକ ଯୁଦ୍ଧ ହେଲା ଏବଂ ପରିଶେଷରେ ପାକିସ୍ତାନ ନିରୂପାୟ ହୋଇ ପଛକୁ ହଟିଲା ।

ବାରମ୍ବାର ଭାରତ ହାତରୁ ପରାଜୟ ବରଣ କରୁଥିଲେ ହେଁ ପାକିସ୍ତାନ କିନ୍ତୁ ତାର ନିର୍ଲଜ ପ୍ରକୃତି ଛାଡ଼ି ପାରୁନାହିଁ । କାରଗିଲର ଲଜ୍ଜାଜନକ ପରାଜୟ ପରେ ମଧ୍ୟ ପାର୍ଲିଆମେଣ୍ଟ ଆକ୍ରମଣ, ବାରାଣାସୀ ଆକ୍ରମଣ, ସମଝୋତା ଏକ୍ସପ୍ରେସ୍ ବମ ବିସ୍ଫୋରଣ, ବମ୍ବେ ଆକ୍ରମଣ, ପଠାନକୋଟ ହମଲା, ଉରୀ କ୍ୟାମ୍ପ ହମଲା, ପୁଲୱାମାରେ ଆତ୍ମଘାତୀ ଆକ୍ରମଣ ଭଳି ଆତଙ୍କି ଆକ୍ରମଣ କରି ପାକିସ୍ତାନ ନିଜର ହୀନ ମାନସିକତାକୁ ବାରମ୍ବାର ସ୍ପଷ୍ଟ କରିଛି । ଅପରପକ୍ଷେ ଭାରତ ସବୁ ବେଳେ ପାକିସ୍ତାନ ସହିତ ଉତ୍ତମ ସଂପର୍କ ସ୍ଥାପନ କରିବାକୁ ପ୍ରୟାସ କରିଆସୁଥିବା ବେଳେ ବିନା କାରଣରେ ଭାରତ ସହ ଶତ୍ରୁତା ଆଚରଣ କରିବାର ହୀନକାର୍ଯ୍ୟରୁ ପାକିସ୍ତାନ ନିଜକୁ ନିବୃତ୍ତ କରି ପାରୁନାହିଁ । ବରଂ ପ୍ରତିଥର ପାକିସ୍ତାନ ଅସ୍ତ୍ର ବିରତି ଉଲ୍ଲଙ୍ଘନ କରିଆସୁଛି । କିପରି ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ କରି ଭାରତର କ୍ଷତିସାଧନ ସହ ସୁରକ୍ଷାବାହିନୀର ମନୋବଳକୁ ତଳିତଳାନ୍ତ କରିଦେବ ସେହି ଚକ୍ରାନ୍ତ କରିଆସିଛି । କିନ୍ତୁ ସଦା ଦେଶପ୍ରେମରେ ଉଦବୁଦ୍ଧ ଭାରତୀୟ ସେନା ଦେଶର ଅଖଣ୍ଡତା ଓ ଦେଶବାସୀଙ୍କ ସୁରକ୍ଷା ନିମନ୍ତେ ନିଜ ଜୀବନକୁ ପାଣିଛଡ଼ାଇ ପ୍ରତିଥର ପାକିସ୍ତାନ ଆକ୍ରମଣର ଦୃଢ଼ ଜବାବ ଦେଇ ଆସିଛି । ଭାରତର ଉଦାରବାଦୀ ନୀତିକୁ ପଡ଼ୋଶୀ ପାକିସ୍ତାନ ଏହାର ଦୁର୍ବଳତା ଭାବି ଭାରତର ସୌର୍ଯ୍ୟଦିପ୍ତ ପରାକାଷ୍ଠାକୁ ସନ୍ଦେହ ଚକ୍ଷୁରେ ଦେଖିବା ପ୍ରକାରାନ୍ତେ ପାକିସ୍ତାନ ପାଇଁ ହିଁ କ୍ଷତିକାରକ ହେବ । ପୁଲୱାମା ଆତଙ୍କି ହମଲାର ଜବାବରେ ଗତ ୨୦୧୯ ଫେବୃଆରୀ ୨୬ ରେ ପାକିସ୍ତାନର ବାଲାକୋଟରେ ଏୟାର୍ ଷ୍ଟାଇକ୍ କରି ୩୦୦ ରୁ ଉର୍ଦ୍ଧ ଆତଙ୍କବାଦୀକୁ ନିପାତ କରିଦେବାର ଦୁଃସାହସ ଭାରତ କରିପାରେ । ପାକିସ୍ତାନ ଜାଣି ରଖିବା ଦରକାର ଯେ, ସେ ଯେଉଁ ଚୀନର ଶକ୍ତି ଓ ସହଯୋଗକୁ ଭରସା କରେ ସେହି ଚୀନର ବିସ୍ତାରବାଦୀ ନୀତିକୁ ଭାରତ ଗଲୱାନା ଘାଟିରେ ମୁହଁତୋଡ଼ ଜବାବ ଦେଇ ସାରିଛି ।

କାରଗିଲ ବିଜୟ ହେଉଛି ଭାରତୀୟ ବୀର ଜବାନ ମାନଙ୍କର ଗୌରବମୟ ଗାଥାର ଅପୂର୍ବ ପରିଣାମ । ସମୁଦ୍ର ପତନରୁ ୧୮ ହଜାର ଫୁଟ୍ ଉଚ୍ଚରେ ଦୀର୍ଘ ଦୁଇମାସରୁ ଅଧିକ ସମୟ ଧରି ଚାଲିଥିବା କାରଗିଲ ଯୁଦ୍ଧରେ ଭାରତୀୟ ସେନା ଯେପରି ପ୍ରବଳ ପରାକ୍ରମ ପ୍ରଦର୍ଶନ କରିଥିଲେ, ତାହା ଦେଶବାସୀଙ୍କୁ ଖୁବ ଗର୍ବିତ କରିଛି । ପରିଣାମ କାରଗିଲ ଯୁଦ୍ଧର ୨୧ ବର୍ଷ ପରେ ମଧ୍ୟ କାରଗିଲ ବିଜୟକୁ ନେଇ ଭାରତୀୟଙ୍କ ଆବେଗଭରା ଉତ୍ସାହ ଦେଶର ଏକତା ଓ ଅଖଣ୍ଡତାର ବାର୍ତ୍ତାବହନ କରୁଛି

+ ସିନାପାଲି, ନୂଆପଡ଼ା




## କଇଁଛ-ଶାମୁକା
### କିଶୋର ଚନ୍ଦ୍ର ପ୍ରଧାନ

ଜଣେ ନନ୍ଦା ଆଉ ଜଣେ
ଜଗୁ; ଦୁଇ ବନ୍ଧୁ !
ମଣିଷ ଭଳି ନଥିଲେ
ପରଶ୍ରୀକାତର
ପ୍ରତାରକ ବିଶ୍ୱାସଘାତ !
ସତୀଗୁଡା ଡ୍ୟାମ
ପାଟି ଆଁ'କରିବା ପରେ
ପାହାଡ଼ର ସ୍ୱପ୍ନ
ଆଶା ଆଶୁମାରୀ ନେଇ
ଦୁଇ ପରିବାର
ବଙ୍ଗୋପ ସାଗର ସ୍ଥିତ
ଗୋପାଳପୁରର
ଲୁଣି ବେଳାଭୂମି ଡେଇଁ
ବସାବାନ୍ଧି ଥିଲେ
ବନ୍ଦରର ଆରପାରି
ନୂଆଁ ମୂହାଣରେ...!

ଛନ୍ଦମୟ ପରିବେଶ
ମଳୟରେ ଥିଲା
ମୁଠାମୁଠା ଆମନ୍ତ୍ରଣ
କାମନା ବାସନା
ପ୍ରେମ ଛନ୍ଦ ପୂଜାଫୁଲ
ନୈବେଦ୍ୟ ମହକ..!

ନଦୀ-ସମୁଦ୍ର ଭିତରେ
ଫରକ ଅନେକ !
ଜଳ ସ୍ରୋତ ଗଭିରତା
ଜଳଚୋର ପ୍ରାଣୀ
ଆଖି ପାଏ ନାହିଁ
ବିକଟାଳ ଭୟଙ୍କର
ରାକ୍ଷସର ରୂପ,
ସମୁଦ୍ର ଦ୍ୱିଫାଳ କରି
ମାଡି ଆସିଥାନ୍ତି,
ସ୍ଥଳକୁ କ୍ଷିପ୍ର ଗତିରେ ...!

ବାଲୁକା ଶିଳ୍ପୀର,
ଚିତ୍ରିତ ବାଲିସଯ୍ୟାରେ
ଲୁଚିଯାଏ ନନ୍ଦା,
ଖୋଜି ପାରେ ନାହିଁ ଜଗୁ,
ବିକଳରେ କାନ୍ଦେ
ଖୋଜିବୁଲେ ଦିନରାତି
ବିଚ୍ଛେଦ ମିଳନ
ନିତିଦିନିଆ ସେ ଖେଳ..!
ଆଜି କିନ୍ତୁ ଶାନ୍ତ
ବେଳାଭୂମି ଜନଶୂନ୍ୟ
ଅଶାନ୍ତ ସମୁଦ୍ର
ଘୂର୍ଣ୍ଣବାତ୍ୟା ରୂପନେଇ
ଆସୁଛି 'ତିତିଲି'
ଛାରଖାର କରିଦେବ
ମାନବ ସଭ୍ୟତା
ବିକାଶର ସବୁତକ
ଚିହ୍ନବର୍ଣ୍ଣ କିର୍ତ୍ତୀ..!
ଛାତି ଫଟା ଆତଙ୍କରେ
ଥରୁଥିଲା ନନ୍ଦା ।

## ଶେଷ ଚିଠି
### ତପନ କୁମାର ସାହୁ

ମୁଁ ନିରବରେ ନିରବି ଗଲାପରେ
ତୁ ଲେଖିଲୁ ମୋ ପାଇଁ
'ଶେଷ ଚିଠ'
ସ୍ମୃତି ସବୁ ସମାଧିରେ
ସମାଧିସ୍ଥ ହେଲା ପରେ
ତୋ ଶବ୍ଦ ସବୁ ଖୋଜୁଥିଲା ମୋତେ,
ଲକ୍ଷ୍ମଣ ଗାରକୁ ପାରି ହୋଇ
ଅଣ୍ଟାଳୁ ଥିଲା ଗଛ ଦେହରେ
ଲେଖା ତିନିପଦ ପ୍ରେମ ବାର୍ତ୍ତା ।

ଅଦୃଶ୍ୟ ଏବେ ମୋ ଠିକଣା
ଇନ୍ଦ୍ରଧନୁ ରଙ୍ଗହୀନ,
ମଳୟ ବି ବସ୍ନାହୀନ
ତୋ ଛଳନାର ଛୁରୀରେ
ତୋ ପ୍ରତାରଣାର ଦଂଶନରେ
ମୋର ମୃତ୍ୟୁ ହୋଇଛି ।

ଏବେ ଯୋଜନ ଯୋଜନ ଦୂରତା
ତୋ ଶବ୍ଦ ଓ ମୋ ଠିକଣା ଭିତରେ
ତୋ ଲୁହରେ,
ଲହୁରେ ତୋ ଚିଠି ଭିଜୁଛି
ମୁଁ ନିରବରେ ନିରବି ଗଲାପରେ
ତୋ 'ଶେଷ ଚିଠି' ଆସିଛି ।

+ ବେଲଗାଁ, କଳାହାଣ୍ଡି



# କାଳଗ୍ରହ





ସତ୍ୟ ରଞ୍ଜନ ମିଶ୍ର



କେମିତି ଲାଗେ, ଯେତେବେଳେ ତୁମର ସବୁଠୁ ନିଜର ମଣିଷ ପାଖରୁ ହଠାତ ପର ପର ବାସ୍ନା ଆସେ । ସବୁ କଥାରେ ସବୁ କାମରେ ଖୋଜୁଥିବା ଲୋକ, ଯେବେ କିଛି ନଜଣେଇ ତୁମଠୁ ଦୂରେଇ ରହିବାକୁ ଚେଷ୍ଟା କରେ । ସବୁବେଳେ ଚବର ଚବର ହେଇ କାନ କଣ କରିଦେଉଥିବା ସେ ପାଟି ଯେତେବେଳେ ପୁରାପୁରି ଚୁପ ହେଇଯାଏ। ଅସୂଚିତ ପରିବର୍ତ୍ତନ ମଣିଷ ପାଇଁ ସବୁବେଳେ ଅସହ୍ୟ । ରାହୁଲର ଅବସ୍ଥା ବି ଆଜି ଠିକ ସେମିତି ହେଉଥିଲା । କିଛି ବୁଝିପାରୁନଥିଲା ସେ, ତାସହ କଣ ଘଟୁଛି ଆଉ କାହିଁକି ଘଟୁଛି । ଏତେ ଦିନର ସମ୍ପର୍କରେ ଏବେ ହଠାତ ଏମିତି କଣ ହେଇଗଲା ଯେ ରୋଜି ପୁରା ବଦଳିଗଲା । ନାଁ ଅଛି ଆଗ ଭଳି ଫୋନରେ କଥାବାର୍ତ୍ତା ନାଁ ଅଛି ୱାଟସଆପରେ ଚାଟିଙ୍ଗ । ଯେମିତି ସେ କୁଆଡେ ପଳେଇଚି.. ଦୂରକୁ... ବହୁତ ଦୂରକୁ । କିନ୍ତୁ, କାହିଁକି ? କଣ ଏମିତି ଭୁଲ କରିଦେଲା କି ସେ ? ଦେଢ଼ ବର୍ଷର ସମ୍ପର୍କ ଭିତରେ ତ ରୋଜି ଏମିତି କେବେ କରିନି ! ହଁ.. ଅବଶ୍ୟ ସେ ଟିକେ ପାଗେଳୀ.. ନଖରା ବେଶୀ.. ଟିକେ ଟିକେ କଥାରେ ଛୋଟ ପିଲାଙ୍କ ଭଳିଆ ରୁଷିଯାଏ... କିନ୍ତୁ ତାର ରାଗ ରୁଷା ତ କେବେ ଏତେ ଦିନ ରୁହେନି । ଟିକେ ମନେଇଦେଲେ ପୁଣି ପୂର୍ବଭଳି ହେଇଯାଏ । କିନ୍ତୁ, ଆଜି ଆଉ ସେମିତି କିଛି ଲାଗୁନି । ବରଂ ଏମିତି ଲାଗୁଚି ଯେମିତି ସେ ଝିଅ ଆଜି ଛୋଟ ପିଲାରୁ ବହୁତ ବଡ଼ ପିଲା ହେଇଯାଇଛି । ସେ ଝିଅ ଆଜି ପାଗେଳୀରୁ ବହୁତ ମ୍ୟାଚ୍ୟୁର ହେଇଯାଇଛି ।

ଅବଶ୍ୟ ଦିନ ଥିଲା ରାହୁଲ ନିଜେ ଚାହୁଁଥିଲା ଯେ ରୋଜି ମ୍ୟାଚ୍ୟୁର ହେଇଯାଉ । ଦୁନିଆକୁ ଚିହ୍ନିପାରୁ । ଭୁଲ ଠିକ ଜାଣି ନିଜ ନିଷ୍ପତ୍ତି ନିଜେ ନେଇପାରୁ । ହେଲେ, ତାବୋଲି କଣ ସେ ରାହୁଲକୁ ଭୁଲିଯିବ ? ଏକଥା ସେ କେବେ ସ୍ୱପ୍ନରେ ବି ଚାହୁଁନଥିଲା । ପୁରୁଷ ଯେତେ ଶକ୍ତିଶାଳୀ ହେଲେ ମଧ ତାର ଧୈର୍ଯ୍ୟ ଶକ୍ତି ନାରୀ ତୁଳନାରେ କମ । ରାହୁଲ ତା ଧୈର୍ଯ୍ୟ ହରେଇବାରେ ଲାଗିଥିଲା । କୌଣସି କାମରେ ମନ ଲାଗୁନଥିଲା । ଟିକେ ଟିକେ କଥାରେ ଚିଡିଚିଡ଼ି ହଉଥିଲା । ଜୀବନଟା ତାକୁ ଦୁର୍ବିସହ ମନେ ହେଉଥିଲା । ସେ ନିଜେ ଜାଣିପାରୁନଥିଲା ତାସହ ଏମିତି କାଇଁ ହଉଚି । ଗୋଟିଏ ଝିଅ କେମିତି ତାର ଏତେ ବଡ଼ ଦୁନିଆକୁ ଆଖି ପିଛୁଳାକେ ଓଲଟ ପାଲଟ କରିଦେଇଛି । ଯେତେ ଚେଷ୍ଟା କଲେ ବି ମାନସିକ ଅଶାନ୍ତିରୁ ଫେରିବାକୁ ବାଟ ପାଉନଥିଲା ରାହୁଲ । ଶେଷରେ ସେ ନିଷ୍ପତ୍ତି ନେଲା ଯାହା ବି ହେଇଯାଉ ଆଜି ସବୁ କଥାର ରଫା ଦଫା କରିବାକୁ ପଡିବ । ଏକୁଳ ନହେଲେ ସେକୁଳ । ଏମିତି ମଝି ଭଉଁରୀରେ ବୁଲିବା ଆଉ ତା ଦ୍ୱାରା ହବନି । ଆଜି ସବୁ ଶେଷ କରିବାକୁ ହବ । ରୋଜିକୁ ଫୋନ ଲଗେଇଲା ରାହୁଲ । ତିନିଥର ରିଙ୍ଗ ହେଇ କଟିଲା ତଥାପି ରୋଜି ଉଠେଇଲାନି । ରାହୁଲ ଆଜି ହାର ମାନିବା ଅବସ୍ଥାରେ ନଥାଏ । ଯେତେବେଳ ଯାଏ ରୋଜି ଫୋନ ନଉଠେଇଚି ସେବେଯାଏଁ ସେ ସେମିତି ଲଗାଉଥିବ ବୋଲି ନିଷ୍ପତ୍ତି ନେଲା । ଚତୁର୍ଥ ଥର ଫୋନ କଟିଗଲା ପରେ ପଞ୍ଚମ ଥରକୁ ରୋଜି ଉଠେଇଲା ।

-'ହ୍ୟାଲୋ, କଣ ହେଲା.. କାଇଁ ଏତେ ଥର କଲ କରି ଡିଷ୍ଟର୍ବ କରୁଛ ?' ରୋଜି ଚିଡ଼ିଲା ଭଳି ସ୍ୱରରେ ସେପଟୁ କହିଲା ।

-'ଓଃ, ଆଜି ମାଡାମଙ୍କୁ ଆମ କଲ୍ ଡିଷ୍ଟର୍ବ କଲା ତାହେଲେ । ଆଗରୁ ତ ଦିନେ କଲ ନକଲେ ତୁମେ ବ୍ୟସ୍ତ ହେଇଯାଉଥିଲ ? ଆଜି ପୁଣି ମୁଁ କଲ କଲାରୁ ତୁମକୁ ଡିଷ୍ଟର୍ବ ଲାଗୁଚି ନା ?' ରାହୁଲ ଅଭିମାନ ମିଶା ସ୍ୱରରେ କହିଲା । ପ୍ରତିଟି ଶବ୍ଦ ଉଚ୍ଚାରଣ କଲାବେଳେ ଆଖି ତାର ଛଳଛଳ ହେଇଯାଉଥାଏ ।

- 'ସେ ବେକାର କଥା ବନ୍ଦ କର ରାହୁଲ.. କଣ କାମ ଅଛି କୁହ..'

- 'ରୋଜି, କଣ ହେଇଚି ତୁମର ? ମୋ ସହ ଆଉ ଆଗ ଭଳି ଭଲସେ କଥା ହଉନ ଯେ ? କିଛି ଅସୁବିଧା ହେଇଚି କି ? ନାଁ ମୁଁ ଆଉ କିଛି ଭୁଲ କରିଦେଇଛି ?' ରାହୁଲ ଏଥର ଟିକେ ନରମିଯାଇ ଉତ୍ତର ଦେଲା ।

- ନାଇଁ

- କଣ ନାଇଁ ? ସବୁବେଳେ ତୁମର ହଁ ଆଉ ନାଇଁରେ କଣ ପାଇଁ ଉତ୍ତର ଯେ ? ମୁଁ ତ କିଛି ବୁଝିପାରୁନି ? ଯୋଉ ରୋଜି ମୋ ସହ ଘଣ୍ଟାଘଣ୍ଟା ଗପି ଥକୁନଥିଲା ସେ ଆଜି ଏତେ ଚୁପଚାପ କାଇଁକି ? କଣ ହେଇଚି ତୁମର ? ମୋତେ ସତ କୁହ ରୋଜି ପ୍ଲିଜ୍..

- ଆରେ କହିଲି ତ କିଛି ହେଇନି । ଦୟାକରି, ମୋତେ ବିରକ୍ତ କରନି ରାହୁଲ । ମୁଁ ରହୁଛି ମୋର କାମ ଅଛି ।

- ରୋଜି ପ୍ଲିଜ୍ ମୋ କଥା ଶୁଣ ଥରେ । ହଉ ଠିକ ଅଛି , ତୁମର କଥା ହବାର ନାହିଁ ତ ନ ହୁଅ କିନ୍ତୁ କମ୍‌ସେ କମ୍ କଣ ହେଇଚି ସେଇଟା ତ କହିଦିଅ । କାରଣ ନ ଜାଣିଲେ ମୋ ମନଟା ଗୁଡେଇ ତୁଡେଇ ହବ । ତୁମକୁ ମୋ ରାଣ ରୋଜି, ପ୍ଲିଜ ସତ କୁହ କଣ ହେଇଚି ।

- ରାହୁଲ କଣ ଏସବୁ ? ମନା କରିଥିଲି ନାଁ ରାଣ ପକେଇବନି ଜମା ବୋଲି...

- ହଉ,ଏବେ ତ ପକେଇସାରିଲିଣି... ଯଦି ମୋ ଜୀବନର ତୁମ ପାଇଁ କିଛି ବି ମୂଲ୍ୟ ଥାଏ ତାହେଲେ ତୁମେ ନିଶ୍ଚୟ ସତ କହିବ।

- ରାହୁଲ..

- ହଁ ରୋଜି, କୁହ କଣ ହେଇଚି ।

- ରାହୁଲ, ତୁମେ ଆଉ ଛୋଟ ପିଲା ହେଇ ନାହଁ ଯେ ମୁଁ ତୁମକୁ ସବୁ କଥା ମୁହଁ ଖୋଲି ବୁଝେଇବି । କିଛି କଥା ତୁମେ ନିଜେ ବି ବୁଝିବା ଦରକାର ।

- ସବୁ ତ ଠିକ ଥିଲା ହେଲେ ଏମିତି ହଠାତ ତୁମର କଣ ହେଲା, ମୁଁ କେମିତି ବୁଝିବି ଯେ ? ତୁମେ ଥରେ କହିକି ତ ଦେଖ, ମୁଁ ନିଶ୍ଚୟ ବୁଝିବି।

- ହଉ ଠିକ ଅଛି, ମୁଁ କହୁଛି ଶୁଣ ।

- ହଁ, କୁହ ।

- ରାହୁଲ, ତୁମେ ମୋତେ ବହୁତ ଭଲ ପାଅ ସତ ହେଲେ ତୁମେ ଭଲ ଭାବେ ଜାଣିଛ ମୋ ମନରେ ତୁମ ପ୍ରତି ସେମିତି କିଛି ଭାବନା ନାହିଁ । ମୁଁ ତୁମକୁ ମୋ ବନ୍ଧୁ ଛଡା ଆଉ କୌଣସି ନଜରରେ ଦେଖିନି ।

- ହଁ, ତ ସେଉଠୁ କଣ ହେଇଗଲା ? ମୁଁ ତ ତୁମକୁ କେବେ କହୁନି କି ମୋତେ ଭଲ ପାଇବାକୁ ? ଆମେ ତ ସାରା ଜୀବନ ସେମିତି ବନ୍ଧୁ ହେଇ ରହିପାରିବା ? ମୋ ଭାବନା ମୋ ପାଖରେ ଥାଉ ।

- ରାହୁଲ ତୁମେ ବୁଝୁନ କାହିଁକି ? ମୋ ଜୀବନରେ ଆଉ ଜଣେ ଅଛି ଯାହାକୁ ମୁଁ ମୋ ଜୀବନଠୁ ବି ବେଶୀ ଭଲ ପାଏ । ଆଉ ସେ ଯେତେବେଳେ ଜାଣିବ କି ମୁଁ ତୁମ ସହ କଥା ହଉଚି ଆଉ ତୁମର ମୋ ପ୍ରତି ଫିଲିଙ୍ଗସ୍ ଅଛି ସେତେବେଳେ ସେ କଣ ମୋ ଚରିତ୍ରକୁ ବିଶ୍ୱାସ କରିବ ? ଆଉ ତା ଛଡା ଆଜି ତୁମେ ଏକା ଅଛ, କାଲିକୁ ତୁମ ଜୀବନରେ ବି ଆଉ ଜଣେ କିଏ ସାଥି ହେଇ ଆସିବ । ଭାବିଲ ଥରେ ସେ ଯେତେବେଳେ ଜାଣିବ ଯେ ଯାହା ବିଶ୍ୱାସରେ ସେ ତା ନିଜ ଘରଲୋକଙ୍କୁ ପର କରି, ନିଜ ଘର ଏରୁଣ୍ଡି ଡେଇଁ ବାକି ଜୀବନ କାଟିବାକୁ ଆସିଥିଲା, ସେ ଯେ ଆଉ ଜଣେ ବିବାହିତାର ପ୍ରେମରେ ? ସେତେବେଳେ ତାକୁ କେମିତି ଲାଗିବ ?

- 'ଓଃ,ଆଛା.. ଏଥର ପ୍ରକୃତ କଥା ବୁଝିଲି ।'

- କଣ ବୁଝିଲ ?

- 'ଏଇଆ ବୁଝିଲି କି ମୋ ଭବିଷ୍ୟତର ବାହାନାରେ ତୁମେ ନିଜ ଚରିତ୍ର ବଂଚେଇବାକୁ ଚେଷ୍ଟା କରୁଛ ।' ରାହୁଲ ଅପେକ୍ଷାକୃତ ଗମ୍ଭୀର କଣ୍ଠରେ ଉତ୍ତର ଦେଲା ।

- ଓହୋ...ରାହୁଲ ତୁମେ ବୁଝିପାରୁନ । ଛାଡ଼, ଜାଣିଥିଲି ତୁମେ ଜମା ବୁଝିବନି । ଏଇଥିପାଇଁ କିଛି କହୁନଥିଲି ।

- ଥାଉ, ରୋଜି ଆଉ କିଛି କହିବା ଦରକାର ନାହିଁ । ମୁଁ ସବୁ ବୁଝିସାରିଲିଣି । ଯେତେଦିନ ତୁମ ମନ ଖୁସି କରେଇପାରୁଥିବା ଖେଳନା ଥିଲି ତୁମେ ସେତେ ଦିନ ଯାଏ ମୋ ସହ ଖେଳିଲ ଆଉ ଏବେ ଯେତେବେଳେ ମୁଁ ତୁମ ସୁଖଦ ଜୀବନ ପାଇଁ କଣ୍ଟା ହେଲି ସେତେବେଳେ ତୁମେ ମୋତେ ଜବରଦସ୍ତି ଫିଙ୍ଗିଦେବାକୁ ବସିଛ ? ଥରେ ବି ଭାବିଲନି ତୁମ ବିନା ମୁଁ କେମିତି ବଞ୍ଚିବି ବୋଲି ? ଆରେ ଭବିଷ୍ୟତ ଯାଏ ବଂଚିଥିଲେ ସିନା ମୋ ଭବିଷ୍ୟତ ଭଲରେ କଟିବ ?

- ରାହୁଲ, କଣ ଚାହୁଁଚ ତୁମେ ? ଆମେ ଏମିତି ସବୁଦିନ ଘଣ୍ଟା ଘଣ୍ଟା ଗପୁଥିବା । ଆରେ କଣ ମିଳିବ ଏଥିରୁ ? କଣ ମୂଲ୍ୟ ଅଛି ଏ ସମ୍ପର୍କର ? ଆରେ ଏବେ ତ କିଛି ହେଇନି, ମାତ୍ର କେଇ ମାସ ହେଇଚି ତୁମେ ମୋ ଜୀବନକୁ ଆସିବା, ତେଣୁ ମୋତେ ଭୁଲିବା ସହଜ ହବ । କିନ୍ତୁ ଆଗକୁ ତୁମେ ମୋ ସହ ଯେତେ ଅଧିକ ମିଶିବ ମୋତେ ଭୁଲିବା ବହୁତ କଷ୍ଟ ହବରେ ତୁମ ପାଇଁ । ସେଇଥିପାଇଁ ଗୋଟେ ଭଲ ସାଙ୍ଗ ହିସାବରେ ତୁମ ଭଲ ପାଇଁ ହିଁ ମୁଁ ଏସବୁ କହୁଛି ।

- ଥାଉ, ଆଉ ଭଲେଇ ହବା ଦରକାର ନାହିଁ । ଯଦି ଏତେ ଚିନ୍ତା ଥିଲା ମୋ ପାଇଁ ତାହେଲେ ଦେଢ଼ ବର୍ଷ ହେଲା କାଇଁ କଥା ହଉଥିଲ ମୋ ସହ । ଯୋଉଦିନ ଜାଣିଲ ମୋର ତୁମ ପ୍ରତି ଫିଲିଙ୍ଗସ ଅଛି ସେଇଦିନ ଦୂରେଇଗଲନି ? ଏତେ ଦିନ ଯାଏ ଖେଳୁଥିଲ କାଇଁ ମୋ ସହ ?

- ଆରେ ମୁଁ ତୁମ ସହ ଖେଳୁନଥିଲିରେ ରାହୁଲ, ମୋତେ ବୁଝ ଟିକେ, ମୁଁ ଯାହା କରୁଥିଲି ତୁମରି ଭଲ ପାଇଁ କାହିଁକିନା ମୁଁ ତ ତୁମକୁ ମୋ ବେଷ୍ଟ ଫ୍ରେଣ୍ଡ ଭାବୁଥିଲି । ଯଦି ସେଦିନ ତୁମଠୁ ହଠାତ ଦୂରେଇ ଯାଇଥାନ୍ତି ତାହେଲେ ହୁଏତ ତୁମେ ନିଜକୁ ସମ୍ଭାଳି ପାରିନଥାନ୍ତ । କାହିଁକିନା ମୁଁ ଜାଣିଚି ମୋ ଛଡା ତୁମ ଜୀବନରେ ଆଉ କେହି ନାହାନ୍ତି ତୁମକୁ ସମ୍ଭାଳିବାର । ତେଣୁ କାଳେ ତୁମେ ଏକୁଟିଆ କିଛି ଭୁଲଭାଲ ନିଷ୍ପତ୍ତି ନେଇଯିବ ସେଇ ଡରରେ ମୁଁ ତୁମଠୁ ଦୂରେଇ ପାରିଲିନି । ଭାବିଥିଲି ଚୁପଚାପ ଧୀରେ ଧୀରେ ତୁମ ଜୀବନରୁ ଦୂରେଇବି ଆଉ ତୁମ ମନରୁ ମୋ ପ୍ରତି ଭାବନା କମେଇଦେବି । ହେଲେ ମୁଁ ଭୁଲ ଥିଲି ରାହୁଲ, ମୁଁ ଯେତେ ଯାହା କଲେ ବି ତୁମ ମନରୁ ମୋ ପ୍ରତି ଭାବନା କମେଇ ପାରିଲିନି, ଆଉ ଏବେ ମୁଁ ନିଶ୍ଚିତ ହେଇଗଲିଣି ଯେ ମୁଁ ତୁମ ଜୀବନରେ ଥିବା ପର୍ଯ୍ୟନ୍ତ ତୁମ ମନରୁ ମୋ ପ୍ରତି ଭାବନା କେବେ ବି କମିବନି । ଆଉ ସେଇଥିପାଇଁ ମୁଁ.....

- ଆଉ ସେଇଥିପାଇଁ ତୁମେ ମୋତେ ଗୋଇଠା ମାରି ତୁମ ଜୀବନରୁ କାଢି ଫିଙ୍ଗିଦେବାକୁ ଚାହୁଁଛ....

- ରାହୁଲ, ଏମିତି କଣ କହୁଚ...

- ହଁ ଏମିତି କହିବି, କାହିଁକିନା ତୁମେ ମୋ ଜୀବନ ସହ ଖେଳ ଖେଳିଚ। ବାଃ ରୋଜି.. କି ଖେଳାଳି ତୁମେ, ମାନିଗଲି ତୁମକୁ... ଏତେ ସୁନ୍ଦର ଭାବେ ଏତେ ଦିନଧରି ମୋ ସହ ଖେଳିଲ। ମୋ ସାଙ୍ଗରେ ବଢିଆ ଅଭିନୟ କଲ।

- ରାହୁଲ.. କଣ କହୁଚ ନିଜେ ବୁଝିପାରୁଛ ତ..

- ହଁ ବହୁତ ଭଲ ଭାବେ ବୁଝିସାରିଲିଣି ତୁମ ଛଳନାକୁ.. ଆଉ କିଛି ବୁଝିବା ବାକି ରହିଯାଇନି ମୋର.. ଆରେ କଣ ଦୋଷ କରିଥିଲି ତୁମର... ମୋ ସହ କଣ ପାଇଁ ଏମିତି କଲ..

- ମୁଁ କଣ କଲି.. ତୁମେ ମୋତେ କଣ ପାଇଁ ଦୋଷ ଦେଉଛ ଯେ ? ମୁଁ କଣ କହିଥିଲି ତୁମକୁ ମୋତେ ଭଲ ପାଅ ବୋଲି ? ମୁଁ ତ କେବଳ ସାଙ୍ଗ ହିସାବରେ ତୁମ ସହ ମିଶିଥିଲି, ହେଲେ ସୀମା ଲଂଘିଥିଲ ତୁମେ...

-ସୀମା ମୁଁ ଲଂଘିନଥିଲି, ସୀମା ଲଂଘିବାକୁ ମୋତେ ବାଧ କରିଥିଲ ତୁମେ... ମିଠା ମିଠା କଥା କହି.. ମୋର ଟିକିନିଖି ଖବର ବୁଝି...ଆପଣାର ସାଜି ମୋର ସୁଖ ଦୁଃଖ ଭଲ ମନ୍ଦ ବୁଝି ମୋର ଯତ୍ନ ନେଇ ତୁମକୁ ଭଲ ପାଇବାକୁ ବାଧ କରିଥିଲ ତୁମେ..

-ରାହୁଲ.. ମୁଁ କଣ ଜାଣିଥିଲି ତାର ପରିଣାମ ଏମିତି ହବ ବୋଲି ....

- ଥାଉ, ଆଉ କିଛି କୁହନି.. ଆରେ ମୁଁ ତ ମୋ ଦୁନିଆରେ ବିନ୍ଦାସ ଥିଲି... ଏକୁଟିଆ ଥାଏ ପଛେ ଅନ୍ତତଃ ଶାନ୍ତିରେ ତ ଥିଲି...ହେଲେ ତୁମେ ହଠାତ ଏକ କାଳଗ୍ରହ ସାଜି ପଶିଆସିଲ ମୋ ଜୀବନ ଜାତକ ରେ.. ମୁଁ କିଛି ଜାଣିବା ପୂର୍ବରୁ ସବୁ ଓଲଟ ପାଲଟ କରି ଚାଲିଯିବାକୁ ବସିଛ ଏବେ...ଏବେ ମୁଁ ହୁଏତ ମରିବି ନହେଲେ ତୁମକୁ ଝୁରି ଝୁରି ସାରା ଜୀବନ କାନ୍ଦିବି... ଆଉ ଏସବୁ ହେଲା କେବଳ ତୁମରି ପାଇଁ...ତୁମରି ଭଳି ଗୋଟେ କାଳ ଗ୍ରହ ପାଇଁ...

- ରାହୁଲ, ଏମିତି କଣ କହୁଚ ମୋତେ..

- ହଁ କହିବି, ଅଲବତ କହିବି... ଥରେ ନୁହଁ ବାରମ୍ବାର କହିବି... ତୁମେ ଗୋଟେ କାଳଗ୍ରହ... ମୋ ଖୁସି ମୋଠାରୁ ଛଡେଇନେଇଥିବା କାଳ ଗ୍ରହ... ମୋ ଭବିଷ୍ୟତ ଅନ୍ଧାର କରିଥିବା କାଳଗ୍ରହ... ମୋ ଜୀବନକୁ ନଷ୍ଟ କରିଥିବା କାଳଗ୍ରହ..

-ବାସ, ରାହୁଲ ବାସ...ସହିବାଠାରୁ ଢେର କଷ୍ଟ ଏସବୁ ଶୁଣିବା । ବହୁତ ବଢିଆ ମୂଲ୍ୟ ଦେଲ ମୋ ବନ୍ଧୁତାର ଆଉ ମୋ ବିଶ୍ୱାସର । ବହୁତ ଖୁସି ହେଲିରେ.. ଯାହା ହଉ ମୋ ସବୁଠୁ ଭଲ ବନ୍ଧୁ ମୋତେ ଏତେ ଭଲ ଭାବେ ବୁଝିଲା । ହଉ ଠିକ୍ ଅଛି, ମୁଁ ବି ମାନିନେଉଛି ମୁଁ ଗୋଟେ କାଳ ଗ୍ରହ ବୋଲି। ମୁଁ ଯାହା ଜୀବନରେ ରହିବି ତା ଜୀବନ ନଷ୍ଟ ହେଇଯିବ । ଆଉ ମୋ ଭଳି ପିଲା ସହ କାହାର ସମ୍ପର୍କରେ ରହିବା ଆଦୌ ଠିକ୍ ନୁହଁ । ତେଣୁ ମୁଁ ତୁମଠୁ ସବୁଦିନ ପାଇଁ ଦୂରେଇଯାଉଛି । ଆଉ କେବେ ତୁମ ସାମ୍ନାକୁ ଆସିବିନି । ତୁମେ ଖୁସିରେ ରୁହ । ମୁଁ ଚାଲିଯାଉଚି ହେଲା ......

- ହଁ ଯାଅ, ତୁମେ ବି ତୁମ ପ୍ରେମିକକୁ ବାହା ହେଇ ଖୁସିରେ ରୁହ । ମୁଁ ମଲି କି ବଞ୍ଚିଲି ସେଥିପାଇଁ ଚିନ୍ତା କରିବନି କେବେ। ଆଉ ଯଦି ବା କେବେ ଶୁଣ ମୁଁ ମରିଗଲି ବୋଲି ତାହେଲେ ଦୟାକରି ଜମା ମିଛ କାନ୍ଦ କାନ୍ଦିବନି...ରହୁଛି । ବାଏ ଫର ଏଭର..

\+ + + +

- ରାହୁଲ....

-କଣ ଭାବୁଚୁ ରାହୁଲ ? ସେଇ କାଳଗ୍ରହ କଥା ଯିଏ ତୋ ଜୀବନ ନଷ୍ଟ କଲା ? ଆରେ କାଇଁ ଭାବୁଚୁ ତା କଥା ? ସେ ତ ଏବେ ତା ପ୍ରେମିକ ସହ ପ୍ରେମାଳାପ କରୁଥିବ । ରାତି ରାତି ଅନିଦ୍ରା ହେଇ ସେ ତା ପ୍ରେମିକ ସହ ଥଟାମଜା କରୁଥିବ। ଆଉ ତୁ ଏଠି ତା କଥା ଭାବି ଭାବି କାଇଁ ଲୁହ ଗଡାଉଛୁ ? ଭୁଲିଯା ତାକୁ.. ମାନିନେ ସେ ତୋର ନୁହଁ...ସେ ଆଉ କାହାର...ସେ ଏବେ ତା ରାସ୍ତାରେ... ଆଉ ତୁ ବି ତୋ ରାସ୍ତା ଦେଖେ..

- ନାଇଁ ମୁଁ ସେମିତି କରିପାରିବିନି... ମୁଁ ରୋଜିକୁ ବହୁତ ଭଲ ପାଏ.. ମୁଁ ତା ବିନା ବଞ୍ଚିପାରିବିନି...

- ଆରେ ପ୍ରେମାନ୍ଧ, ଝିଅମାନଙ୍କ ଆଖିକୁ ପୁଅମାନଙ୍କ ପ୍ରେମ କି ଭଲ ପାଇବା ଦିଶେନି... ଦିଶେ ତ କେବଳ ତାଙ୍କ ଆଭିଜାତ୍ୟ, ସ୍ମାର୍ଟନେସ, ହ୍ୟାଣ୍ଡସମନେସ....

-ନାଇଁ...ମୋ ରୋଜି ସେମିତି ନୁହେଁ...

-ଆରେ ମୂର୍ଖ, ଖାଲି ରୋଜି ନୁହେଁ ସବୁ ଝିଅ ସେଇଆ...

- ନାଁ...ପ୍ଲିଜ୍ ବନ୍ଦ କର ଏସବୁ...ମୁଁ ସହିପାରୁନି...

- ଆରେ ଏବେ ତୁ ସହିଲୁଣି କୋଉଠି... ଆଗକୁ ଆହୁରି ଯନ୍ତ୍ରଣା ବାକି ଅଛି ତୋର ସହିବାକୁ....

- ମାନେ ? ପ୍ରେମ ବିରହରେ କାନ୍ଦିବାଠୁ ବଳି ଆଉ କଣ ଅଛି ସହିବାକୁ ?

- ଆରେ ବୋକା ତୁ ଜାଣିପାରୁନିରେ...ସେ ତୋତେ ଦେଖି ତାଚ୍ଛଲ୍ୟର ସହ ହସିବ...ତୋ ଗରିବୀ ଆଉ ତୋ କଦାକାର ରୂପ ଉପରେ ଛେପ ପକେଇବ...ତୁ କିଛି ବି କରିପାରିବୁନି ରାହୁଲ...କିଛିଦିନ ପରେ ସେ ତା ପ୍ରେମିକକୁ ନେଇ ପ୍ରି ମ୍ୟାରେଜ ଫୋଟୋସୁଟ ପାଇଁ ଗୋଆ ଯିବ.. ବାହାଘର ପରେ ହନିମୁନ ପାଇଁ ଡେରାଡୁନ ଯିବ...ଆରେ ବାହା ହେଲା ପରେ ତ ଦୁହେଁ ଦୁହିଁଙ୍କ ହାତ ଧରାଧରି ହେଇ ତୋରି ଆଗରେ ବିଚ ବଜାରରେ ବୁଲୁଥିବେ...ଆଉ ତୁ କୁକୁରଙ୍କ ଭଳିଆ ଖାଲି ତାଙ୍କ ମୁହଁକୁ ହି ଦେଖୁଥିବୁ...ବାକି କିଛି କରିପାରିବୁନି....

- ନାଁ, ମୁଁ ଏସବୁ ହବାକୁ ଦେବିନି... ରୋଜି କେବଳ ମୋର..

- ରୋଜି ଆଉ କାହାର..

- ନାଁ ଯଦି ରୋଜି ମୋର ନୁହେଁ ତ କାହାର ନୁହେଁ..

- ତାହେଲେ କଣ କରିବୁ ତୁ..

- କିଛି ବି କରିପାରେ..

- କିଛି ବି ମାନେ ?

- ମୁଁ ତ ମରିବି ମରିବି ଆଉ ତା ସଙ୍ଗେ ତା ଜୀବନ ବି ନେଇଯିବି..

- ୟେ ହୁଇନା ମରଦୋ ବାଲି ବାତ... ଆରେ ଏଇ ସାମାନ୍ୟ କଥା ପାଇଁ ଜୀବନ ନେବା କଣ ଦରକାର.. ତୁ ତ ଚାହିଁଲେ ତାକୁ ଜିଉଁ ଥାଉ ଥାଉ ମାରିପାରିବୁ.. ତା ବିନା ତୁ ଯେମିତି ସାରା ଜୀବନ ଯନ୍ତ୍ରଣା ଭୋଗିବାକୁ ଯାଉଛୁ.. ତୁ ଚାହିଁଲେ ତାକୁ ବି ସେଇ ଯନ୍ତ୍ରଣା ସାରା ଜୀବନ ଅନୁଭବ କରେଇ ପାରିବୁ..

- କିନ୍ତୁ ତାହା କେମିତି ସମ୍ଭବ ?

- ନିଶ୍ଚୟ ସମ୍ଭବ... ଟିକେ ଭାବେ ତ...

- ଓଃ ମୁଁ କିଛି ଭାବିପାରୁନି...

- ଆରେ ତୋ ଭଳିଆ ବ୍ରିଲିଆଣ୍ଟ ସାଇନ୍ସ ଷ୍ଟୁଡେଣ୍ଟ ପୁଣି ଭାବିପାରୁନି କଣ ଯେ ?

- ସାଇନ୍ସ... ? ମାନେ...ମାନେ... କନସେନଟ୍ରେଟେଡ଼ ଏସିଡ ? ?

- ହଁ ଠିକ ଭାବିଛୁ.... ମାତ୍ର, ୨୦୦ମିଲି ଯଥେଷ୍ଟ...

- କିନ୍ତୁ ?

- କିନ୍ତୁ ଫିନ୍ତୁ ଆଉ କିଛି ଭାବେନା... ଆଜିକାଲିକା ଝିଅ ଯୋଉମାନେ ପୁଅ ମାନଙ୍କ ଜୀବନକୁ ନେଇ ଏମିତି ଖେଳନ୍ତି ସେମାନଙ୍କୁ ପାନେ ନିହାତି ଦରକାର...ଯାହାକୁ ଦେଖି ଆଉ କୋଉ ଝିଅ ଆଉ କୋଉ ପୁଅ ସହ କେବେ ଏମିତି କରିବାକୁ ଚେଷ୍ଟା କରିବନି... ଆରେ ଚେଷ୍ଟା ତ ଦୂରରେ ଥାଉ ସେ ସ୍ୱପ୍ନରେ ସୁଦ୍ଧା ଭାବିବନି....

-ହେଲେ ଏହା କଣ ଠିକ୍ ହବ ?

-ନିଶ୍ଚୟ ଠିକ ହବ.... ତୁ ଏ କାମ କେବଳ ନିଜ ପାଇଁ ନୁହେଁ... ତୋରି ଭଳି ଅନେକ ପୁଅଙ୍କୁ ଏମିତିଆ କାଳ ଗ୍ରହଙ୍କ ଠାରୁ ରକ୍ଷା କରିବା ପାଇଁ କରୁଚୁ... ତେଣୁ ଡରନି...ସାହାସର ସହ ଆଗେଇଚାଲ....

-ଠିକ ଅଛି... ତାହେଲେ ମୁଁ ନିଶ୍ଚୟ କରିବି...

- ହେଇ ଦେଖ ସାଙ୍ଗ , ସେ ସାଇକେଲରେ ଯାଉଛି.. ବୋଧେ କଲେଜରୁ ଫେରୁଛି..

- ହଁ ଏଇଟା ହି ଠିକ ସୁଯୋଗ... ତୁ ପ୍ୟାକେଟରୁ ବଟଲ କାଢିକି ଧରିଥା, ମୋର ଗୋଟେ ଇସାରାରେ ପୁରା ଲକ୍ଷ୍ୟ କରି ମୁହଁକୁ ଫିଙ୍ଗିବୁ..

- ହଉ ଠିକ ଅଛି ତୁ ଗାଡି ଷ୍ଟାର୍ଟ କର....

- ଘୁଁ ଘୁଁ ଘୁଁ......

- ଫିଙ୍ଗ ସାଙ୍ଗ ଫିଙ୍ଗ.....

- ଆଇକ......

- ଆଆ ଆ ଆ ଆ ଆ ଆ ଆ ଆ ଆଃ.............

ଚିତ୍କାର କରି ଉଠି ପଡିଲା ରାହୁଲ । ଆଗପଛ ବାଁ ଡାଁ ଅନେଇ ପକେଇଲା । ଓଃ ନା ରୋଜି ନାହିଁ। ନିଜ ହାତ ଦୁଇଟାକୁ ବାରମ୍ବାର ଓଲଟପାଲଟ କରିଦେଖିଲା। ନା, ହାତରେ ବି କିଛି ନାହିଁ । ପୁଣି ନିଜକୁ ଦେଖିଲା ରାହୁଲ। ସେ କୌଣସି ରାସ୍ତା ଉପରେ ବି ନାହିଁ। ତେବେ, ଏ ସବୁ କଣ ଖାଲି ସ୍ୱପ୍ନ ? ନା ନିଜ ଭାବନାର ଫଳାଫଳ ବିଷୟରେ ଏକ ଅଗ୍ରୀମ ଆଭାସ ? ଭଗବାନ... ଏସବୁ ସେ କଣ କରିବାକୁ ଯାଉଥିଲା । ତା ହୃଦୟ କଣ ସତରେ ଏତେ ଦୁର୍ବଳ, ଯେ ସେ ପ୍ରେମର ପ୍ରତ୍ୟାଖ୍ୟାନକୁ ଗ୍ରହଣ କରିପାରେନା ? ହେଇପାରେ ସେଇଟା ରୋଜିର ଛଳନା । କିନ୍ତୁ ରାହୁଲ ପାଇଁ.... ତା ତ ପ୍ରକୃତ ପ୍ରେମ ହିଁ ଥିଲା । ନିସ୍ୱାର୍ଥ ନିସର୍ତ୍ତ ଭଲ ପାଇବା ।

ଗୋଟେ ମୁହୂର୍ତ୍ତ ପାଇଁ ରାହୁଲ ଆଖି ଆଗରେ ନାଚିଗଲା ସାଙ୍ଗ ସାଥିଙ୍କ ଛିଃ ଛିଃ, ବାପା ମା' ବନ୍ଧୁ ବାନ୍ଧବ ସାହିପଡିଶାଙ୍କ ଧିକ୍କାର, ଜେଲର ଅନ୍ଧକାରମୟ କୋଠରୀରେ କଠୋର ନିର୍ଯ୍ୟାତନା ସହି ଯନ୍ତ୍ରଣାରେ ଛଟପଟ ଅବସ୍ଥାରେ ନିଜେ ଶୋଇଥିବା ଦୃଶ୍ୟ। ତାପରେ ହଠାତ ଲାଗିଲା ଯେମିତି ରୋଜି ନିଜ ପୋଡା ଗୋଲାପ ସଦୃଶ ଓଠ, ଅର୍ଦ୍ଧତରଳ ମହମ ପରିକା କୃଞ୍ଚ ଭୃକୁଞ୍ଚ ଗାଲ ସହ ଆସି ରାହୁଲ କାନ ପାଖରେ ଜୋରରେ ଚିଲେଇ ସେଇ ସମାନ ବାକ୍ୟ କହୁଛି, 'ତୁ ଗୋଟେ କାଳଗ୍ରହ ରାହୁଲ, ତୁ ଗୋଟେ କାଳଗ୍ରହ......ମୋ ଖୁସି ମୋଠୁ ଛଡେଇନେଇଥିବା କାଳଗ୍ରହ....ମୋ ଭବିଷ୍ୟତ ଅନ୍ଧାର କରିଥିବା କାଳଗ୍ରହ.....ମୋ ଜୀବନକୁ ନଷ୍ଟ କରିଥିବା କାଳଗ୍ରହ..'

ରାହୁଲ ପୁଣି ଥରେ ଚିତ୍କାର କରି ଉଠି ଦୁଇ କାନରେ କାନରେ ଦୁଇ ହାତ ଦେଇଦେଲା। ଆଉ ବିକଳରେ କାନ୍ଦିବାକୁ ଲାଗିଲା। ମନେମନେ କହୁଥିଲା, ' ମୁଁ ମୋ ହାତରେ ମୋ ଭଲ ପାଇବାକୁ ଏମିତି କଳଙ୍କିତ କରିବା ପାଇଁ କେମିତି ଭାବିପାରିଲି ? ମୋ ଚିନ୍ତା ମୋ ଭାବନା ଏତେ ହୀନ, ଏତେ ନୀଚ ସ୍ତରକୁ କେମିତି ଯାଇପାରେ ? ନା..... ଯୋଉ ପ୍ରେମକୁ ହାସିଲ କରିବାକୁ ମୋ ମନରେ ଏପରି ହୀନଭାବନା ଆସିପାରେ ସେ ପ୍ରେମ ନ ମିଳିବା ହିଁ ଭଲ । ପ୍ରେମର ପରିଣାମ ଏମିତି କୁତ୍ସିତ ହେଇ ଖବର କାଗଜର ପୃଷ୍ଠା ମଣ୍ଡନ କରି ବଦନାମ ହେବାଠାରୁ ବରଂ ବେନାମୀ ହେଇ ରହିଯିବା ଶ୍ରେୟସ୍କର। ରୋଜି ମୋର ନହେଲା ନାହିଁ, ମୁଁ କିନ୍ତୁ କେବେ ତା ଜୀବନରେ ଗୋଟେ କାଳଗ୍ରହ ପାଲଟି ନପାରେ । 'ତକିଆ ତଳୁ ଫୋନ କାଢି ରୋଜି ପାଖକୁ ନିଜ ଅନ୍ତିମ ମେସେଜ ଲେଖିଲା ରାହୁଲ, 'ଗତ କାଲିର ବ୍ୟବହାର ପାଇଁ ମୋତେ କ୍ଷମା କରିଦେବ ରୋଜି, ମୁଁ ବୁଝିସାରିଛି ଯେ ପ୍ରକୃତ କାଳଗ୍ରହ ତୁମେ ନୁହେଁ ବରଂ ମୁଁ ନିଜେ । ତେବେ ବ୍ୟସ୍ତ ହୁଅନି, ଆଜିଠୁ ଏ କାଳଗ୍ରହ ତୁମ ଛାଇ ବି ମାଡିବନି'.... ମେସେଜ ପଠେଇସାରିବା ପରେ ରାହୁଲ ଦୀର୍ଘ ଶ୍ୱାସ ଛାଡିଲା ଆଉ ନିଜକୁ ଦୃଢ଼ ନିଶ୍ଚୟ କରି ଭାବିଲା, ' ଏଣିକି ତୁମ ଅନୁପସ୍ଥିତି ମୋ ଉପରେ କୌଣସି ପ୍ରଭାବ ପକେଇବେନି, ରୋଜି.....'

ବେସିନ ପାଖକୁ ଯାଇ ରାହୁଲ ନିଜ ମୁହଁରେ ପାଣି ଛାଟିଲା । କପଡ଼ାରେ ମୁହଁ ପୋଛିସାରି, ଝରକା ଖୋଲିଲା । ପୂର୍ବକାଶରେ ଲୋହିତ ସୂର୍ଯ୍ୟ ଉଦିତ ହେଉଥାନ୍ତି । ତାଙ୍କ ପ୍ରଥମ କିରଣ ରାହୁଲ ଶରୀରରେ ପଡିବା ମାତ୍ରେ, ରାହୁଲର ଶରୀର ଅପୂର୍ବ ପ୍ରଶାନ୍ତିରେ ଭରିଗଲା । ତାକୁ ଲାଗିଲା, ସତେ ଯେମିତି ତା ଭିତରର କାଳଗ୍ରହ ସବୁଦିନ ପାଇଁ ଅସ୍ତ ହେଇଯାଉଛି.......।

+ଅଡ଼ଙ୍ଗ ଶାସନ, ଜଗତସିଂହପୁର
(ମୋ) ୮୭୫୮୪୧୨୭୮୩



# କଟକ ବାରବାଟି ଦୁର୍ଗର ନବୀକରଣ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ସାଂସଦ

ଭୁବନେଶ୍ୱର,୨୫/୭ (ନି.ପ୍ର): କଟକ ବାରବାଟି ଦୁର୍ଗର ନବୀକରଣ କରିବା ନେଇ ଗତ ଶୁକ୍ରବାର ଦିଲ୍ଲୀଠାରେ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜି. କିଷାନ ରେଡ୍ଡି ଙ୍କୁ ରାଜ୍ୟସଭା ର ଡେପୁଟି ଲିଡର ସାଂସଦ ଡଃ.ସସ୍ମିତ ପାତ୍ର ଓ ସାଂସଦ ସୁବାସ ସିଂହ ସାକ୍ଷାତ୍ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

କଟକର ହଜାର ବର୍ଷର ଗର୍ବ ଓ ଗୈରବର ଐତିହକୁ ବହନକରି ବାରବାଟି ଦୁର୍ଗ-ଗଡଖାଇ ଏକ ଐତିହାସିକ ସ୍ମାରକୀ ହୋଇ ରହିଆସିଛି। ଏକାଦଶ ଶତାବ୍ଦିରେ କଟକର ମହାନଦୀ – କାଠଯୋଡି ସଙ୍ଗମ ସ୍ଥଳରେ ଚାରିପାଖରେ ହ୍ରଦଥାଇ ଏକ ଦୁର୍ଗ ଭାବରେ ୯ମହଲା ରାଜଧାନୀ ଭାବରେ କାର୍ଯ୍ୟକରି ଆସୁଥିଲା। କଟକ ବାରବାଟି ଦୁର୍ଗର ନବୀକରଣ ଓ ଉନ୍ନତି କରଣପାଇଁ ୨୦୦୮ ଓ ୨୦୦୯ ମସିହାରେ କେନ୍ଦ୍ର ଯୋଜନା ମାଧ୍ୟମରେ ୧୭କୋଟି ୨୫ଲକ୍ଷ ଟଙ୍କା ବ୍ୟୟବରାଦ କରି ବାରବାଟି ଦୁର୍ଗର ଚାରି ପଟ ହ୍ରଦକୁ ଖନନ କରି ଏହାର ପୁନଃନିର୍ମାଣ ତଥା ସୌନ୍ଦର୍ଯ୍ୟକରଣ କରିବା ଓ ଏହାର ଭିତିଭୂମିର ଉନ୍ନତିକରଣ କରାଯାଇ ଏହାକୁ ଏକ ସ୍ମାରକୀ ଭାବରେ ସମଗ୍ର ଦେଶବାସୀଙ୍କୁ ଆକର୍ଷିତ କରିବା ପାଇଁ ଭାରତୀୟ ପ୍ରତ୍ନତତ୍ୱ ବିଭାଗ ଜରିଆରେ ପୂର୍ଣ୍ଣାଙ୍ଗ କରିବା ପାଇଁ ନିଷ୍ପତି ନେଇଥିଲେ।

୨୦୦୭-୦୯ ମସିହା ରେ କେନ୍ଦ୍ର ସରକାର ଏହି ଯୋଜନା ରେ ୧୭କୋଟି ୨୫ଲକ୍ଷ ଟଙ୍କା ବ୍ୟୟବରାଦ କରି ବାରବାଟି ଦୁର୍ଗ ର ଚାରି ପଟ ହ୍ରଦ କୁ ଖନନ କରି ଏହାର ପୁନଃନିର୍ମାଣ ତଥା ସୌନ୍ଦର୍ଯ୍ୟକରଣ କରିବା ଓ ଏହାର ଭିତିଭୂମିର ଉନ୍ନତିକରଣ କରାଯାଇ ଏହାକୁ ଏକ ସ୍ମାରକୀ ଭାବରେ ସମଗ୍ର ଦେଶବାସୀଙ୍କୁ ଆକର୍ଷିତ କରିବା ପାଇଁ ଭାରତୀୟ ପ୍ରତ୍ନତତ୍ୱ ବିଭାଗ ଜରିଆରେ ପୂର୍ଣ୍ଣାଙ୍ଗ କରିବା ପାଇଁ ନିଷ୍ପତି ନେଇଥିଲେ। କଟକ ମୁନିସପାଲ୍ କର୍ପୋରେସନ୍ କୁ କିଛି କାର୍ଯ୍ୟ ସମ୍ପାଦନ କରିବା ପାଇଁ ଦାୟୀତ୍ୱ ଦିଆଯାଇଥିଲା। କଟକ ମୁନିସପାଲ୍ କର୍ପୋରେସନ୍ ଏହାକୁ ପୂର୍ଣ୍ଣାଙ୍ଗ କରିବାପରେ ଏହାର ଅନ୍ୟକାର୍ଯ୍ୟ ଗୁଡିକୁ ଅଗ୍ରଗତି ପାଇଁ ନିବେଦନ କରି ଚିଠି ଲେଖିଲେ ମଧ ଏହାର ଅଗ୍ରଗତି ହୋଇପାରୁ ନାହିଁ। ଏହାର ଭିତିଭୂମି ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କୁ ଭାରତୀୟ ପ୍ରତ୍ନତତ୍ୱ ବିଭାଗ ଅବହେଳା କରି ଚାଲିଛି। ପ୍ରତ୍ନତତ୍ୱ ବିଭାଗ ପାଖରେ ୧୪ କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ଥିଲେ ମଧ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ ନାହିଁ କି ଏହାକୁ ପୂର୍ଣ୍ଣାଙ୍ଗ କରାଯାଉ ନାହିଁ।

ଏହା ଏକ ଐତିହ୍ୟ ପ୍ରୋଜେକ୍ଟ ହୋଇଥିବା ରୁ ଏବଂ ଏହା ପ୍ରତ୍ନତତ୍ୱ ବିଭାଗ ଦ୍ୱାରା ନିର୍ଦ୍ଧାରିତ ହୋଇଥିବାରୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏହାର ଉନ୍ନତିକରଣ ପାଇଁ କୈଣସି ପଦକ୍ଷେପ ନେଇପାରୁ ନାହିଁ। ବାରବାଟି ଦୁର୍ଗ ଭିତରେ ଓଡିଶା ର ଏକମାତ୍ର ଇନ୍‌ଡୋର ଷ୍ଟାଡିୟମ୍ , ସ୍ପୋର୍ଟସ୍ ହଷ୍ଟେଲ ଓ ସତ୍ୟବ୍ରତ ଷ୍ଟାଡିୟମ୍ ରହିଛି ଯାହାଫଳରେ କଟକ ଓଡିଶା ର ସ୍ପୋର୍ଟସ୍ କ୍ୟାପିଟାଲ ଭାବରେ ପରିଚିତ। ଏହି କାର୍ଯ୍ୟର ବିଳମ୍ବତାକୁ ଦୁର କରିବା ପାଇଁ ରାଜ୍ୟ ସରକାର ଓ କଟକ ମ୍ୟୁନିସପାଲ କର୍ପୋରେସନ୍ ବାରମ୍ବାର ଅନୁରୋଧ କରିଆସୁଛି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସାଂସଦ ସୁବାସ ସିଂହ ଗତ ମାର୍ଚମାସ ସଂସଦ ଅଧିବେଶନରେ ଉପସ୍ଥାପନା କରି ୩ମାସ ଅତିକ୍ରାନ୍ତ ହୋଇଯାଇଥିଲେ ମଧ ଏ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଅଗ୍ରଗତି ହୋଇପାରିନାହିଁ। କେନ୍ଦ୍ରମନ୍ତ୍ରୀ ଅଗ୍ରାଧିକାର ଭିତିରେ ଏହି କାର୍ଯ୍ୟସମ୍ପାଦନ କରିବାକୁ ପ୍ରତିଶୃତି ଦେଇଥିଲେ।

# ସ୍କୁଲ ଖୋଲିବା ପୂର୍ବରୁ ଶିକ୍ଷକଙ୍କ ଟିକାକରଣ ପାଇଁ ପଦକ୍ଷେପ ନିଆଯାଉ : କଂଗ୍ରେସ




ଭୁବନେଶ୍ୱର ,୨୫/୭ (ନି.ପ୍ର): ଆସନ୍ତା ୨୬ତାରିଖରେ ରାଜ୍ୟ ସରକାର ୧୦ମ ଓ ଦ୍ୱାଦଶ ଶ୍ରେଣୀ ପାଠପଢ଼ା ଆରମ୍ଭ କରିବାକୁ ଯାଉଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ନିରାପତ୍ତା ନେଇ ଯଥେଷ୍ଟ ଧ୍ୟାନ ଦିଆଯାଇ ନାହିଁ। ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ମଧ୍ୟରୁ ଏ ପର୍ଯ୍ୟନ୍ତ ୬୦ଭାଗ ପ୍ରଥମ ଡୋଜ୍ ନେଇଥବା ବେଳେ ୪୦ ଭାଗ ଦ୍ୱିତୀୟ ଡୋଜ ନେଇଛନ୍ତି। ଶିକ୍ଷକ ଓ କର୍ମଚାରୀମାନେ କରୋନା ମହାମାରୀରୁ ସୁରକ୍ଷିତ ନୁହନ୍ତି। ତେଣୁ ରାଜ୍ୟ ସରକାର ସ୍କୁଲ ଖୋଲିବା ପୂର୍ବରୁ ଟିକାକରଣ ନେଇ ତୁରନ୍ତ ପଦେକ୍ଷପ ନେବାକୁ ରାଜ୍ୟ କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ କହିଛନ୍ତି। ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଲେ, ଗତବର୍ଷ ମହାମାରୀ ଆରମ୍ଭରୁ ପିଲାଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଛି। ଅନ୍‌ଲାଇନ ପାଠପଢ଼ା ଏକ ପ୍ରହସନ ପାଲଟିଛି। ନିଜେ ଗଣଶିକ୍ଷା ମନ୍ତ୍ରୀ ମାତ୍ର ୩୨ ପ୍ରତିଶତ ପିଲା ଅନ୍‌ଲାଇନ ପାଠ୍ୟକ୍ରମରେ ସାମିଲ ହୋଇପାରିଥିବା ସ୍ୱୀକାର କରିଛନ୍ତି। ସେହିପରି ରାଜ୍ୟର ୧୪ହଜାର ସ୍କୁଲକୁ ଅନ୍ୟ ସ୍କୁଲ ସହିତ ମିଶ୍ରଣ କରିବା ଲାଗି ସରକାର ଯୋଜନା କରିଛନ୍ତି। ଏହା ପ୍ରକୃତରେ ମିଶ୍ରଣ ନୁହେଁ, ସ୍କୁଲ ବନ୍ଦ ଯୋଜନା। ଏହାଦ୍ୱାରା ଡ୍ରପଆଉଟ ସମସ୍ୟାକୁ ଏହା ଅଧିକ ଘନୀଭୂତ କରିବ। ଶିକ୍ଷକମାନଙ୍କୁ କୋଭିଡ୍ ଯୋଦ୍ଧାର ମାନ୍ୟତା ଦେବା ସହିତ କରୋନାରେ ପ୍ରାଣ ହରାଇଥିବା ୩ହଜାରରୁ ଅଧିକ ଶିକ୍ଷକମାନଙ୍କୁ ଅନୁକମ୍ପା ସହାୟତା ଦିଆଯାଉ ବୋଲି ଶ୍ରୀ ଦାସ ଅନୁରୋଧ କରିଛନ୍ତି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ୍ କହିଥିଲେ, କୋରାପୁଟରେ ଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ୧୪ଟି ବିଭାଗରେ ସମୁଦାୟ ୧୭ଜଣ ଶିକ୍ଷକ/ଶିକ୍ଷୟତ୍ରୀ ଅଛନ୍ତି। ଅନୁମୋଦିତ ୧୫୪ ପଦବିରୁ ୧୩୭ ଖାଲି ପଡ଼ିଛି। ତେଣୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆବଶ୍ୟକ ପଦବି ପୂରଣ କରନ୍ତୁ। ଏହାସହ ରାଜ୍ୟରେ ଘରୋଇ ସ୍କୁଲ ମାଲିକ ଓ ସରକାରଙ୍କ ମଧୁଚନ୍ଦ୍ରିକା ପାଇଁ ସ୍କୁଲ ଫି' ଛାଡ଼ ପାଇଁ କୋର୍ଟଙ୍କ ନିର୍ଦ୍ଦେଶକୁ ରାଜ୍ୟ ସରକାର ପାଳନ କରିବାକୁ ଆଗ୍ରହ ଦେଖାଉ ନାହାନ୍ତି। ଘରୋଇ ସ୍କୁଲ ମାଲିକଙ୍କ ଶୋଷଣ ବିରୋଧରେ ଆଗାମୀ ଦିନରେ ସବୁ ଘରୋଇ ସ୍କୁଲ ସମ୍ମୁଖରେ ବିକ୍ଷୋଭ କରାଯିବ ବୋଲି ନୱାଜ୍ କହିଛନ୍ତି।

## ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ ଟୁରରେ ପରୋଜା ଜନଜାତିଙ୍କ ପାରମ୍ପରିକ ଖାଦ୍ୟ ସଂରକ୍ଷଣ ପଦ୍ଧତି

ଭୁବନେଶ୍ୱର,୨୫/୭ (ନି.ପ୍ର): ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଭର୍ଚୁଆଲ୍ ଟୁର ରେ ଜୁଲାଇ ୨୫ ତାରିଖ ଦିନ ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ମାଧ୍ୟମରେ ପରୋଜା ଜନଜାତିଙ୍କର ପାରମ୍ପରିକ ଖାଦ୍ୟ ସଂରକ୍ଷଣ ପଦ୍ଧତି ସଂପର୍କରେ ଜାଣିପାରିବେ । ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ଏହି ସୂଚନା ଦେଇଛନ୍ତି। ପରୋଜା ଜନ ଜାତି ମୁଖ୍ୟତଃ କୃଷିଜୀବୀ ଅଟନ୍ତି। ସେମାନେ ଖାଦ୍ୟ ସଂରକ୍ଷଣ ଓ କୀଟପତଙ୍ଗ ନିୟନ୍ତ୍ରଣ ନିମନ୍ତେ ବିଭିନ୍ନ ପ୍ରକାରର ପାରମ୍ପରିକ ପଦ୍ଧତି ପ୍ରୟୋଗ କରିଥାଆନ୍ତି। ଏହି ପଦ୍ଧତି ବୈଷୟିକ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ସହଜସାଧ୍ୟ ଅଟେ।ଏହି ପାରମ୍ପରିକ ପଦ୍ଧତିକୁ ଅବଲମ୍ବନ କରି ସେମାନେ ଖାଦ୍ୟଶସ୍ୟ, ଡାଲିଜାତୀୟ ଶସ୍ୟ, ପନିପରିବା, ଛତୁ ଓ ମାଛଚାଷ କରିବା ସହ ସେଗୁଡ଼ିକ ସଂରକ୍ଷଣ କରିରଖିଥାନ୍ତି। ପରୋଜା ଜନଜାତି ହାଇବ୍ରିଡ୍ ମଂଜିର ଉପଯୋଗ କରନ୍ତି ନାହିଁ। ଚାଷ କାର୍ଯ୍ୟରେ ପରୋଜା ଜନଜାତି ଜୈବିକ ସାର ବ୍ୟବହାର କରିଥାନ୍ତି। ବର୍ଷବର୍ଷ ଧରି ପରୋଜା ଜନଜାତିର ବ୍ୟକ୍ତିମାନେ ଦେଶୀୟ ପଦ୍ଧତିରେ ଖାଦ୍ୟ ସଂରକ୍ଷଣ କରିଆସୁଛନ୍ତି। ଏହି ଚଳଚ୍ଚିତ୍ର ଭିଡ଼ିଓରେ ପରୋଜା ଜନ ଜାତି ସଂପ୍ରଦାୟ କିଭଳି ଖାଦ୍ୟ ନିରାପତା ଓ ଖାଦ୍ୟ ବିବିଧତାକୁ ଦେଶୀୟ କୌଶଳ ଦ୍ୱାରା ସୁନ୍ଦର ଭାବେ ସଂରକ୍ଷଣ କରିପାରୁଛନ୍ତି, ତାହାକୁ ଦର୍ଶକମାନେ ଦେଖିପାରିବେ। ଆଧୁନିକ କୃଷିବିଜ୍ଞାନ, ଜୈବବିବିଧତାର ପ୍ରାଧାନ୍ୟକୁ ଉପଲବ୍ଧି କରିବାର ବହୁପୂର୍ବରୁ ପରୋଜା ଜନଜାତି ଏହାକୁ ଅନୁଶୀଳନ କରିପାରିଥିଲେ। ପରୋଜା ଜନଜାତିଙ୍କ ଖାଦ୍ୟ ସଂରକ୍ଷଣ ପଦ୍ଧତି ଏବେ କୃଷି ବିଜ୍ଞାନୀଙ୍କ ପାଇଁ ଗବେଷଣାର ବିଷୟବସ୍ତୁ ହୋଇଛି।

# ଓଡ଼ିଶାର ସ୍କୁଲ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

## ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ : କଂଗ୍ରେସ

ଭୁବନେଶ୍ୱର, ୨୪ ଜୁଲାଇ - ଓଡ଼ିଶା ସରକାରଙ୍କର ସ୍କୁଲ ଓ ଗଣଶିକ୍ଷା ବିଭାଗ ଆଜି ଠାରୁ ୧୦ମ ଓ ଦ୍ୱାଦଶ ଶ୍ରେଣୀ ଖୋଲି ପାଠପଢ଼ା ଆରମ୍ଭ କରିବାକୁ ଯାଉଛନ୍ତି। ସ୍କୁଲର ଶିକ୍ଷକ / ଶିକ୍ଷୟତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ମାନଙ୍କ ଭିତରୁ ବର୍ତମାନ ପର୍ଯ୍ୟନ୍ତ ୬୦ଭାଗ ପ୍ରଥମ ଟୀକା ନେଇଥିବା ବେଳେ ମାତ୍ର ୪୦ ଭାଗ ଦ୍ୱିତୀୟ ଟୀକା ନେଇଛନ୍ତି। ସେହି ଦୃଷ୍ଟିରୁ ତୁରନ୍ତ ସ୍କୁଲ ଖୋଲିବା ପୂର୍ବରୁ ଏମାନଙ୍କର ଟୀକାକରଣ ପାଇଁ ସରକାର ଆଶୁପଦକ୍ଷେପ ନେବାପାଇଁ ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ ରାଜ୍ୟସରକାରଙ୍କୁ ଅନୁରୋଧ କରିଛନ୍ତି। ଗତବର୍ଷ ମହାମାରୀ ଆରମ୍ଭ ଦିନରୁ ପିଲାଙ୍କର ପାଠ ପଢ଼ାରେ ଡୋରି ବନ୍ଧା ହୋଇଛି ବୋଲି କହିଲେ ଅତ୍ୟୁକ୍ତ ହେବ ନାହିଁ। ଅନଲାଇନ ପାଠପଢ଼ା ଏକ ପ୍ରହସନ ପାଲଟିଛି। ନିଜେ ଗଣଶିକ୍ଷା ମନ୍ତ୍ରୀ ବର୍ତମାନ ପର୍ଯ୍ୟନ୍ତ ମାତ୍ର ୩୨% ପିଲା ଅନଲାଇନ ପାଠ୍ୟକ୍ରମରେ ଅର୍ନ୍ତଭୁକ୍ତ ହୋଇଛନ୍ତି ବୋଲି ସ୍ୱୀକାର କରିଛନ୍ତି। ୨୦୨୧-୨୦୨୧ ମସିହାରେ ଇକୋନୋମିକ ସର୍ଭେ ରିପୋର୍ଟକୁ ଅନୁଧ୍ୟାନ କଲେ ଜଣାଯାଏ ଓଡ଼ିଶାର ଟେଲିଫୋନ ଯୋଗାଯୋଗର ଘନତା ୭୬.୪୬ ଥିବା ବେଳେ ସର୍ବଭାରତୀୟ ସ୍ତରରେ ଏହାର ଘନତା ୮୭.୩୭। ଗ୍ରାମାଂଚଳରେ ପ୍ରତି ୧୦୦ ଜଣରେ ୩୪.୫୧ ଜଣଙ୍କ ପାଖରେ ଟେଲିଫୋନ ଥିବା ବେଳେ ସହରାଂଚଳରେ ଏହା ୮୫.୯୮। ବର୍ତମାନ ସୁଦ୍ଧା ରାଜ୍ୟର ୫୧,୩୧୧ ଗାଁ ଭିତରୁ ୧୧୦୦ ଗାଁରେ ମୋବାଇଲ ଯୋଗାଯୋଗ ନାହିଁ। ସଂପ୍ରତି ଓଡ଼ିଶାରେ ୧୪୦୦୦ ସ୍କୁଲକୁ ଅନ୍ୟ ସ୍କୁଲ ସହିତ ମିଶ୍ରଣ କରିବା ପାଇଁ ସରକାର ଯୋଜନା କରିଛନ୍ତି। ଏହା ଭିତରୁ ୭୦୦୦ରୁ ଅଧିକ ସ୍କୁଲ ଗୁଡ଼ିକ ମିଶ୍ରଣ କରିବାରେ ପ୍ରକ୍ରିୟା ଶେଷ କରିଛନ୍ତି। ମାତ୍ର ଏହା ବାସ୍ତବରେ ମିଶ୍ରଣ ନୁହେଁ ବରଂ ସ୍କୁଲ ବନ୍ଦ ଯୋଜନା। ଏହି ସବୁ ସ୍କୁଲ ଗୁଡ଼ିକ ଅପହଂଚ ଅଂଚଳରେ ଅବସ୍ଥିତ ଏବଂ ଏଠାରେ ପ୍ରାୟ ଆଦିବାସୀ, ଦଳିତ ଏବଂ ଗରିବ ଶ୍ରେଣୀର ପିଲାମାନେ ପଢ଼ନ୍ତି। ଏହି ସ୍କୁଲ ବନ୍ଦ ହୋଇଗଲେ ସେହିପିଲାମାନଙ୍କର ପାଠପଢ଼ାରେ ଡୋରି ବନ୍ଧା ହୋଇଯିବ। ଶିକ୍ଷା ଅଧିକାର ଆଇନ ୨୦୦୯ର ଏହା କେବଳ ବିରୋଧିତା କରେ ନାହିଁ ଅଧିକନ୍ତୁ ଏହା ଡ୍ରପଆଉଟ ସମସ୍ୟାକୁ ଅଧିକ ଘନିଭୁତ କରାଇବ। ସରକାର ଏଭଳି ଶିକ୍ଷା ଓ ଛାତ୍ର ବିରୋଧି ନିଷ୍ପତିରୁ କ୍ଷାନ୍ତ ରହନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି। ଶିକ୍ଷକ ମାନଙ୍କୁ କୋଭିଡ ଯୋଧାର ମାନ୍ୟତା ଦେବା ଦାବି କରିବା ସହିତ ବର୍ତମାନ ପର୍ଯ୍ୟନ୍ତ କରୋନା ମହାମାରୀରେ ମୃତ୍ୟୁବରଣ କରିଥିବା ୩ ହଜାରରୁ ଅଧିକ ଶିକ୍ଷକଶିକ୍ଷୟତ୍ରୀଙ୍କୁ ଅନୁକମ୍ପା ସହାୟତା ଦେବାକୁ ଶ୍ରୀ ଦାସ ମଧ ଦାବି କରିଛନ୍ତି। ପ୍ରଥମରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ଓ ୧୦ ମ ଶ୍ରେଣୀ ପାଇଁ ପାଠ ପଢ଼ାର କଣ ବନ୍ଦୋବସ୍ତ ସରକାର କରୁଛନ୍ତି ଏବଂ ସେମାନଙ୍କ ପାଇଁ ସ୍କୁଲ କେବେ ଖୋଲିବେ ସେ ବିଷୟରେ ସରକାର ଓଡ଼ିଶାବାସୀଙ୍କୁ ଜଣାଇବାକୁ କଂଗ୍ରେସ ମଧ ଅନୁରୋଧ କରିଛି।

ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଥିଲେ ଯେ, ଓଡ଼ିଶାର ଆଦିବାସୀ ଓ ଦଳିତ ଲୋକଙ୍କ ଅଂଚଳ କୋରାପୁଟରେ ଅବସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ୧୪ ଟି ବିଭାଗ ପାଇଁ ମାତ୍ର ୧୭ଜଣ ଶିକ୍ଷକଶିକ୍ଷୟତ୍ରୀ ଅଛନ୍ତି। ବିଶ୍ୱବିଦ୍ୟାଳୟ ଲାଗି ଅନୁମୋଦିତ ୧୫୪ ନିୟମିତ ଶିକ୍ଷକ ପଦପଦବୀ ମଧ୍ୟରୁ ୧୩୭ଟି ଖାଲି ପଡ଼ିଛି। ମାତ୍ର ୧୧ ପ୍ରତିଶତରେ ଚାଲିଛି ଶିକ୍ଷାନୁଷ୍ଠାନ। ୧୪ଟି ବିଭାଗରେ ୧ ହଜାର ଶିକ୍ଷକ ଥିଲାବେଳେ ସବୁଠାରୁ ଦୁଃଖର ବିଷୟ ଏହିକି ଯେ ସରକାର ମାତ୍ର ୧୭ ଜଣ ଶିକ୍ଷକଶିକ୍ଷୟିତ୍ରୀ ଦେଇଛନ୍ତି। ଦେଶରେ ୪୫ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ଓଡ଼ିଶାରେ ବିଶ୍ୱବିଦ୍ୟାଳୟର ନାମ ସର୍ବନିମ୍ନ ଅଟେ। ଓଡ଼ିଶାର ଏହି ବିଶ୍ୱବିଦ୍ୟାଳୟରେ ମାତ୍ର ୧୧୫ ଜଣ ଅଣଶିକ୍ଷକ ପଦର ବ୍ୟବସ୍ଥା ହୋଇଥିବା ବେଳେ ସେଥିରୁ ୯୩ଟି ଖାଲି ପଡ଼ିଛି ଅର୍ଥାତ ୮୦ ପ୍ରତିଶତ କର୍ମଚାରୀ ନାହାନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ତୁରନ୍ତ ଏହାକୁ ବିଚାରକୁ ନିଅନ୍ତୁ ଏବଂ ଆବଶ୍ୟକ ଥିବା ପଦବୀ ପୂରଣ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ସ୍କୁଲ ଫି ଛାଡ଼ପାଇଁ କୋର୍ଟଙ୍କ ନିର୍ଦ୍ଦେଶକୁ ରାଜ୍ୟ ସରକାର ପାଳନ କରିବାରେ ଆଗ୍ରହ ପ୍ରକାଶ କରୁନାହାନ୍ତି। କାରଣ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ପ୍ରାଇଭେଟ ସ୍କୁଲ ମାଲିକମାନେ ବେଖାତିର କରୁଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କେଉଁ କେଉଁ ସ୍କୁଲ କେତେ ଫି କେତେ ଛାତ୍ରଛାତ୍ରୀଙ୍କୁ ଛାଡ଼ କଲେ ତାହା ସର୍ବସାଧାରଣରେ ପ୍ରକାଶ ହେଉ। ପ୍ରାଇଭେଟ ସ୍କୁଲ ମାଲିକ ମାନଙ୍କର ଶୋଷଣ ବିରୁଦ୍ଧରେ ଆଗାମୀ ଦିନରେ ସବୁ ପ୍ରାଇଭେଟ ସ୍କୁଲ ସମ୍ମୁଖରେ ଛାତ୍ରଛାତ୍ରୀଙ୍କର ସ୍ୱାର୍ଥକୁ ନେଇ ବିକ୍ଷୋଭ କରାଯିବ ବୋଲି ଶ୍ରୀ ନୱାଜ କହିଛନ୍ତି।

## ବିଦେଶ ଫେରନ୍ତା ନେଇପାରିବେ 'କୋଭିସିଲ୍‌ଡ'ର ଦ୍ୱିତୀୟ ଡୋଜ୍

ଭୁବନେଶ୍ୱର ,୨୫/୭ (ନି.ପ୍ର): ଯେଉଁ ଭାରତୀୟ ନାଗରିକ ବିଦେଶରେ କୋଭିସିଲ୍‌ଡ/ ଆଷ୍ଟ୍ରାଜେନିକାର ପ୍ରଥମ ଡୋଜ୍ ନେଇଛନ୍ତି, ସେମାନେ ଓଡ଼ିଶାରେ ଦ୍ୱିତୀୟ ଡୋଜ୍ ନେଇପାରିବେ। ଏହାସହ ତାଙ୍କୁ ଟିକାକରଣ ସାର୍ଟିଫିକେଟ୍ ମଧ ମିଳିବ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ନିର୍ଦ୍ଦେଶ ମିଳିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସବୁ ଜିଲ୍ଲାପାଳ ଓ ସିଡିଏମ୍‌ଓଙ୍କୁ ଚିଠି ଜାରି କରାଯାଇଛି। ଯେଉଁମାନେ ଭାରତ ବାହାରେ କୋଭିସିଲ୍‌ଡ/ ଆଷ୍ଟ୍ରାଜେନିକା ଟିକା ନେଇଛନ୍ତି ସେମାନେ ଦ୍ୱିତୀୟ ଡୋଜ୍ ପାଇଁ କୋ-ୱିନ୍ ଆପ୍‌ରେ ପଞ୍ଜୀକରଣ କରିପାରିବେ।

ଏବେ କୋଭିସିଲ୍‌ଡ ଦୁଇ ଡୋଜ୍ ଟିକା ଭିତରେ ୧୨-୧୬ ସପ୍ତାହର ବ୍ୟବଧାନ ରଖାଯାଇଛି। ତେଣୁ ଟିକାକରଣରେ ସାମିଲ ଥିବା ଅଧିକାରୀ, ମ୍ୟାନେଜର, ଟିକା ପ୍ରଦାନକାରୀ ଓ ଯାଞ୍ଚକାରୀଙ୍କୁ ଏ ସଂପର୍କରେ ସୂଚନା ଦେବା ଲାଗି କୁହାଯାଇଛି।

## 'ଏଏନ୍‌ଏମ୍' ନର୍ସମାନଙ୍କ କର୍ମସଂସ୍ଥାନ ଦକ୍ଷତା ଲାଗି 'ଅରେଞ୍ଜ କ୍ରସ୍'ର ପ୍ରୟାସ

ଭୁବନେଶ୍ୱର,୨୫/୭ (ନି.ପ୍ର): ନର୍ସମାନଙ୍କୁ ଉନ୍ନତ ମାନର ତାଲିମ ଦେବା ଲାଗି ସରକାରୀ 'ଏଏନ୍‌ଏମ୍' କଲେଜ ସବୁ ସମର୍ଥ ଥିବା ବେଳେ ଘରୋଇ 'ଏଏନ୍‌ଏମ୍' ନର୍ସିଙ୍ଗ୍ ତାଲିମ ବ୍ୟବସ୍ଥାରେ ବହୁବିଧ ସମସ୍ୟା ଦେଖାଦେଉଛି। ତେଣୁ, ସେମାନଙ୍କ ଦକ୍ଷତା ବୃଦ୍ଧି କରି କର୍ମସଂସ୍ଥାନ ପାଇବା ଉପଯୋଗୀ କରିବା ଲାଗି ଭୁବନେଶ୍ୱରରେ 'ଅରେଞ୍ଜ କ୍ରସ୍' ଏକ ତିନିମାସିଆ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛି।ଦକ୍ଷ ଡାକ୍ତର, ବରିଷ୍ଠ ନର୍ସ, ପାରାମେଡିକାଲ୍ ଟ୍ରେନର ଏବଂ ଇଣ୍ଡଷ୍ଟ୍ରି ପ୍ରାକ୍ଟିସନରମାନେ ଏହି ତାଲିମ ଦେଉଛନ୍ତି। ଏଥିରେ ଥିଓରି, ଲାବ୍ରଟରି ଟ୍ରେନିଙ୍ଗ୍, ଡାକ୍ତରୀ ଉପକରଣ ଟ୍ରେନିଙ୍ଗ୍ ଏବଂ ହସ୍ପିଟାଲ୍ ଟ୍ରେନିଙ୍ଗ୍ ପ୍ରଦାନ କରାଯାଉଛି। ଏଥିପାଇଁ 'ଅରେଞ୍ଜ କ୍ରସ୍' ଭୁବନେଶ୍ୱରରେ କେତେକ ହସ୍ପିଟାଲ୍ ସହ ଅନୁବନ୍ଧିତ ହୋଇଛି। 'ଏଏନ୍‌ଏମ୍' ନର୍ସମାନଙ୍କୁ 'ଅନ୍ ଦି ଜବ୍' ଟ୍ରେନିଙ୍ଗ୍ ନେବା ପାଇଁ ସେହି ଡାକ୍ତରଖାନାମାନଙ୍କୁ ପଠାଯାଉଛି। ତାଲିମରେ ଯୋଗ ଦେବା ନିମନ୍ତେ 'ଅରେଞ୍ଜ କ୍ରସ୍' ସୁଦୂର ଓଡ଼ିଶାରେ ଥିବା 'ଏଏନ୍‌ଏମ୍‌ଏନ୍' ନର୍ସମାନଙ୍କ ଠାରୁ ଆବେଦନ ପତ୍ର ଗ୍ରହଣ କରୁଛି। ପ୍ରତି ବ୍ୟାଚ୍‌ରେ ୨୫ ରୁ ୩୦ଜଣଙ୍କୁ ବାଛିବା ଲାଗି ସାକ୍ଷାତ୍‌କାର କରାଯାଉଛି।

## ଲାୟନ୍ସ କ୍ଲବ ଭୁବନେଶ୍ୱର ଓଡ଼ିଶାର ଅଧିଷ୍ଠାନ ଦିବସ

ଭୁବନେଶ୍ୱର,୨୫/୭ (ନି.ପ୍ର): ସ୍ଥାନୀୟ ହୋଟେଲ ଆର୍ଯ୍ୟ ପ୍ୟାଲେସ ସଭାଗୃହରେ ଲାୟନ୍ସ କ୍ଲବ ଭୁବନେଶ୍ୱର ଓଡ଼ିଶାର ଅଧିଷ୍ଠାନ ଦିବସ କୋଭିଡ୍-୧୯ ନିୟମ ଅନୁସାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦାନ କରି ଲାୟନ୍ସ ଇଂ ପୂର୍ଣ୍ଣଚନ୍ଦ୍ର ପାଢୀ ନୂତନ ସଦସ୍ୟ ଭାବେ ଯୋଗଦାନ କରିଥିବା ସଭ୍ୟମାନଙ୍କୁ ଶପଥପାଠ କରାଇଥିଲେ। ଲାୟନ୍ସ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ ନିକୁଞ୍ଜ ଛୋଟରାୟ ଯୋଗଦାନ କରି ସଭାପତି ଭାବେ ଲାୟନ ଇଂ ସିଦ୍ଧାର୍ଥ ମହାନ୍ତି ସଭାପତି, ଲାୟନ ଡଃ ବିପିନ ବିହାରୀ ମିଶ୍ର ସମ୍ପାଦକ, ଲାୟନ ଏସ୍. କାହ୍ନୁଚରଣ ପୃଷ୍ଟି କୋଷାଧ୍ୟକ୍ଷ ଭାବେ ଲାୟନ୍ସ ବର୍ଷ ୨୦୨୧-୨୨ ପାଇଁ ଅଧିଷ୍ଠିତ କରାଇଥିଲେ।

# କନ୍ଧମାଳରେ ଇକୋ-ରିଟ୍ରିଟ୍ ପାଇଁ ଖୋଜା ଚାଲିଛି ଆକର୍ଷଣୀୟ ସ୍ଥାନ

ଭୁବନେଶ୍ୱର,୨୫/୭ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ପର୍ଯ୍ୟଟନର ବିକାଶ ପାଇଁ ଇକୋ-ରିଟ୍ରିଟ୍ କରାଯିବ। ଏଥିପାଇଁ ଅନ୍ୟ ଏକ ଆକର୍ଷଣୀୟ ସ୍ଥାନର ସନ୍ଧାନ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ କହିଛନ୍ତି। ଶନିବାର ଦିନିକିଆ କନ୍ଧମାଳ ଗସ୍ତରେ ଯାଇ ସେଠାରେ ସେ ଜିଲ୍ଲାପାଳ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ଜିଲ୍ଲାରେ ପର୍ଯ୍ୟଟନର ଭିତିଭୂମି ଓ ବିକାଶ ଉପରେ ଆଲୋଚନା କରିଛନ୍ତି। ରାଜ୍ୟରେ ରହିଥିବା ପୂର୍ବଘାଟ ପର୍ବତମାଳା ଶୃଙ୍ଖଳର ମଧ୍ୟସ୍ଥଳରେ ରହିଥିବା କନ୍ଧମାଳ ଜିଲ୍ଲାରେ ଅନେକ ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରି ରହିଛି। ଏଗୁଡ଼ିକ ଲୋକଲୋଚନକୁ ଆସିବା ଆବଶ୍ୟକ ଏବଂ ଏହାକୁ ନେଇ ସ୍ଥାନୀୟ ଲୋକେ ଆୟର ମାଧ୍ୟମ ପାଇବାର ସମ୍ଭାବନା ରହିଥିବା ସେ କହିଛନ୍ତି। ବିଗତ ଦିନରେ ଦାରିଙ୍ଗବାଡ଼ିଠାରେ ଇକୋ-ରିଟ୍ରିଟ୍ ଆୟୋଜନ କରାଯାଇ ଏହାର ବହୁଳ ଗ୍ରହଣୀୟତା ଯୋଗୁଁ ପର୍ଯ୍ୟଟନ ବିଭାଗ ଚଳିତବର୍ଷ ଶୀତଋତୁରେ ପୁଣି ସେ ଧରଣର କାର୍ଯ୍ୟକ୍ରମ କରିବାକୁ ଯାଉଛି। ତେବେ ଏଥର ଅନ୍ୟ ଏକ ଆକର୍ଷଣୀୟ ସ୍ଥାନର ସନ୍ଧାନ କରାଯାଉଛି ବୋଲି ସେ ସୂଚିତ କରିଥିଲେ। ତେବେ କେତେକ ଜଳପ୍ରପାତ ରହିଥିଲେ ହେଁ ଉପଯୁକ୍ତ ରାସ୍ତା ନଥିବା ହେତୁ ସେଠାକୁ ଯାନବାହାନ ଯାତାୟତରେ ସମସ୍ୟା ରହିଛି। ସେସବୁ ରାସ୍ତାକୁ ଜଙ୍ଗଲ ଓ ପରିବେଶ ବିଭାଗ ମନରେଗା ଯୋଜନା ମାଧ୍ୟମରେ ନିର୍ମାଣ କରିପାରବେ। ତେଣୁ ଜିଲ୍ଲା ପ୍ରଶାସନ ସେସବୁ ସ୍ଥାନ ଚିହ୍ନଟ କରି ପ୍ରସ୍ତାବ ଦେବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିବା ସେ ପ୍ରକାଶ କରିଥିଲେ। କନ୍ଧମାଳ ଜିଲ୍ଲାରେ ସଂପ୍ରତି ରାସ୍ତାଗୁଡ଼ିକ ସୁନ୍ଦର ଭାବେ ନିର୍ମାଣ ହୋଇଛି । ଏଥି ସହିତ ଜଙ୍ଗଲ ଓ ପ୍ରାକୃତିକ ପରିବେଶ ଆକର୍ଷଣୀୟ ହୋଇଥିବା ହେତୁ ପ୍ରକୃତିପ୍ରେମୀଙ୍କ ପାଇଁ ବାଇକିଂ ଭଳି କାର୍ଯ୍ୟକ୍ରମ କରାଯାଇପାରେ । ଗତବର୍ଷ ଏହି କାର୍ଯ୍ୟକ୍ରମ କରାଯାଇ ମଣ୍ଡାସୁରଠାରେ କ୍ୟାମ୍ପ କରାଯାଇଥିଲା। କିନ୍ତୁ ସେତିକି ମାତ୍ରାରେ ପ୍ରଚାରପ୍ରସାର ହୋଇପାରି ନଥିଲା ।

ତେବେ ଚଳିତ ଥର ଏହାକୁ ଏକ ସୁଚିନ୍ତିତ କାର୍ଯ୍ୟକ୍ରମ ଭାବେ ଗ୍ରହଣ କରି ଆୟୋଜନ କଲେ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ ବୋଲି ସେ ମତ ରଖିଥିଲେ। ତା'ଛଡ଼ା ଘରୋଇ ହୋଟେଲ ଉଦ୍ୟୋଗର ବିକାଶ କ୍ଷେତ୍ରରେ ଜିଲ୍ଲା ପ୍ରୋତ୍ସାହିତ କରିବାକୁ ହେବ ବୋଲି ସେ କହିଛନ୍ତି। ଜିଲ୍ଲାରେ ଏକ ସଂଗ୍ରହାଳୟ ସ୍ଥାପନ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ଜିଲ୍ଲାରେ ଆଦିବାସୀ ସଂସ୍କୃତି, ପରମ୍ପରା ଏବଂ ଜନଜୀବନ ଉପରେ ଅନେକ ଐତିହ୍ୟ ରହିଥିବାବେଳେ ସେସବୁକୁ ଐତିହ୍ୟ ସଂଗ୍ରହାଳୟରେ ସ୍ଥାନୀତ କରାଯାଇପାରିବ ବୋଲି ସେ କହିଥିଲେ।

# ପଶ୍ଚିମ ଓଡିଶାକୁ ସାବତ ପୁଅ ଭଳି ବ୍ୟବହାର କରୁଛନ୍ତି ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର,୨୫/୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ୨୧ବର୍ଷ ଶାସନ କାଳ ଭିତରେ ବାରମ୍ବାର ପଶ୍ଚିମ ଓଡିଶାକୁ ସବୁ କ୍ଷେତ୍ରରେ ଅବହେଳା କରିଛନ୍ତି। ରାଜ୍ୟ ସରକାରଙ୍କର ଅବହେଳା ଓ ଯୋଜନା ନଥିବା କାରଣରୁ ଆଜି ପଶ୍ଚିମ ଓଡିଶାର ୧୦ଟି ଜିଲ୍ଲାରେ ପକ୍କା ଘର ମିଳିଲା ନାହିଁ। ଏଭଳି ଭାବେ ପଶ୍ଚିମ ଓଡିଶାକୁ ସମ୍ପୂର୍ଣ୍ଣ ଅବହେଳା କରିଛନ୍ତି ରାଜ୍ୟ ସରକାର ବୋଲି ବିଜେପି ବିଧାୟକ ନାଉରୀ ନାଏକ ଅଭିଯୋଗ କରିଛନ୍ତି । ଗତ କରୋନାର ଦ୍ୱିତୀୟ ଲହରରେ ବିଶେଷ ଭାବରେ ସବୁଠୁ ବେଶୀ କ୍ଷତି ପଶ୍ଚିମ ଓଡିଶାରେ ହୋଇଥିଲା । ଗୋଟିଏ ପଟେ ତୃତୀୟ ଲହର ପାଇଁ ଆମେ ପ୍ରସ୍ତୁତ ଅଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହୁଛନ୍ତି କିନ୍ତୁ ବାସ୍ତବରେ କୌଣସି ସ୍ୱାସ୍ଥ୍ୟ ଭିତିଭୂମି ପ୍ରସ୍ତୁତ ହୋଇନାହିଁ। ସର୍ବଦା ପଶ୍ଚିମ ଓଡିଶାକୁ ରାଜ୍ୟ ସରକାର ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି । ସମ୍ବଲପୁର ଜିଲ୍ଲାରେ ଜନ୍ମିତ ଝାରସୁଗୁଡା ବିଧାନସଭାକୁ ପ୍ରତିନିଧିତ୍ୱ କରୁଥିବା ଓଡିଶାର ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ନବୀନ ପଟ୍ଟନାୟକ ନେତୃତ୍ୱାଧିନରେ ବିଜୁ ଜନତାଦଳର ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଚରମ ଅବହେଳା କରିବା ସହ ପଶ୍ଚିମ ଓଡିଶାକୁ ସାବତ ପୁଅ ଭଳି ବ୍ୟବହାର କରିଛନ୍ତି ବୋଲି ରାଜ୍ୟ ସଂପାଦକ ଶ୍ରୀ ଟଙ୍କଧର ତ୍ରିପାଠୀ ଅଭିଯୋଗ କରିଛନ୍ତି।

ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ସମ୍ପୂର୍ଣ୍ଣ ପଶ୍ଚିମ ଓଡିଶାର ଲୋକ ତଥା ପଶ୍ଚିମ ଓଡିଶାକୁ ଲାଗିଥିବା ଛତିଶଗଡର ଲୋକ ମଧ ସମ୍ବଲପୁରର ପ୍ରାଣକେନ୍ଦ୍ର ଭୀମସାର୍ ବୀରସୁରେନ୍ଦ୍ର ସାଏ ମେଡିକାଲ କଲେଜ ଉପରେ ନିର୍ଭର କରନ୍ତି। ଆଜି ପର୍ଯ୍ୟନ୍ତ ଭୀମସାରର ନିର୍ଦ୍ଦେଶକଙ୍କୁ କ'ଣ ଅଟୋନୋମି ଦେଇଛନ୍ତି ରାଜ୍ୟସରକାର ? ବୁର୍ଲାର ଭୀମସାର୍ ପାଇଁ ରାଜ୍ୟ ସରକାରଙ୍କର ବଜେଟରେ କିଛି ବ୍ୟବସ୍ଥା ଅଛି କି? ପଶ୍ଚିମ ଓଡିଶାରେ ସବୁଠୁ ବେଶୀ କ୍ୟାନସର ରୋଗୀ ଥିବା ବେଳେ ଭିମସାରରେ ଯେଉଁ କ୍ୟାନସର ବିଭାଗ ଅଛି ତାହା ଏବେ ଜର୍ଜରିତ ଅବସ୍ଥାରେ । ହାର୍ଟ କାଡିଓ ଡିପାର୍ଟମେଂଟ, ହାର୍ଟ କାଡିଓ ଥେରାପି ଟ୍ରାନ୍ସପ୍ଲାଂଟ ସର୍ଜରୀର କୌଣସି ବ୍ୟବସ୍ଥା ନାହିଁ । ଏହି ରୋଗୀମାନେ ଭୁବନେଶ୍ୱର, କଟକ, ବିଶାଖାପାଟଣାର ମେଡିକାଲ ଉପରେ ନିର୍ଭର କରୁଛନ୍ତି। ଭୀମସାରରେ ମାତ୍ର ୨୦ଟି ଆଇସିୟୁ ବେଡ୍ ଅଛି। ଭୀମସାରରେ ସୁପର ସ୍ପେଶାଲିଷ୍ଟ ପାଇଁ ବିଲଡିଙ୍ଗ ବନିଛି କିନ୍ତୁ ସେଠି ଗେଷ୍ଟ୍ରୋକୋଲୋର୍ଜି, ଏଣ୍ଡୋକ୍ରାଇନୋଲୋଜି, ଜିଆଇ ସର୍ଜରୀ, ନେପ୍ରୋଲୋଜି ଡିପାର୍ଟମେଂଟରେ ବିଭାଗୀୟ ଡାକ୍ତର ନାହଁନ୍ତି। ଅଲଟ୍ରାସାଉଣ୍ଡ ରିପୋର୍ଟ ୨୦ଦିନରେ ମିଳୁଛି। କୋଭିଡ ସମୟରେ ଓଡିଶାରେ ଏକମୋ ଟ୍ରିଟମେଂଟ ପାଇଁ ଆବଶ୍ୟକତା ଦେଖାଦେଇଥିଲା। ଏକମୋ ଟ୍ରିଟମେଂଟ ପାଇଁ ରାଜ୍ୟ ସରକାର ଘୋଷଣା କଲେ ଆମେ ଟେଣ୍ଡର କରିଛୁ ଏକମୋ ମେସିନ୍ ଆସିବ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଦିଆଯିବ। ଗତ ୨ରୁ ୩ ଦିନ ତଳେ ଡିଏମଇଟି ଡ. ସିବିକେ ମହାନ୍ତି ଘୋଷଣା କଲେ ଯେ, ଏକମୋ ମେସିନ ୨ଟି ଆସିଛି । ଆଗାମୀ ଦିନରେ ଆଉ ୭ଟି ଆସିବ ଏବଂ ସମସ୍ତ ୯ଟି ଯାକ ଏକମୋ ମେସିନ୍ କଟକ ବଡ ମେଡିକାଲରେ ରହିବ। ଯଦି କଟକ ବଡ ମେଡିକାଲରେ ଏକମୋ ମେସିନ୍ ଲାଗିବ ତେବେ ଭୀମସାରରେ କାହିଁକି ଲାଗିବ ନାହିଁ ବୋଲି ଶ୍ରୀ ତ୍ରିପାଠୀ ପ୍ରଶ୍ନ କରିଛନ୍ତି। ପଶ୍ଚିମ ଓଡିଶାର ଜିଲ୍ଲା ମାନଙ୍କରେ ଆଜି ମଧ ଆରଟିଫିସିଆଲ ଟେଷ୍ଟ କଲେ ୮ଦିନ ପରେ ରିପୋର୍ଟ ଆସୁଛି। ଆଜି ବି ସିଏଚସି ଓ ପିଏଚସିମାନଙ୍କରେ ଅକ୍ସିଜେନ ବେଡର ବ୍ୟବସ୍ଥା ନାହିଁ। ଆଜି ବି ବିଶେଷଜ୍ଞ ମାନେ କହୁଛନ୍ତି ତୃତୀୟ ଲହର ଆସିଲେ ବିଶେଷ ଭାବେ ଶିଶୁମାନେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ । ଏଯାବତ୍ ସିଏଚସି ଓ ପିଏଚସିଗୁଡିକରେ ଶିଶୁଙ୍କ ପାଇଁ ଡେଟିକେଟେଡ୍ ବେଡର ବ୍ୟବସ୍ଥା ହୋଇନାହିଁ କାହିଁକି ? ଚାଷୀମାନଙ୍କର ସମସ୍ୟାକୁ ନେଇ ଯେଉଁ ପ୍ରକାର ଆନ୍ଦୋଳନ ହୋଇଥିଲା ଏବେ ସ୍ୱାସ୍ଥ୍ୟଗତ ସମସ୍ୟା ଦୃଷ୍ଟିରୁ ଆଗାମୀ ଦିନରେ ପଶ୍ଚିମ ଓଡିଶାରେ ପୁଣିଥରେ ଆନ୍ଦୋଳନ ହେବ। ଉପଖଣ୍ଡ ଚିକିତ୍ସାଳୟରେ ୯ଜଣ ସ୍ପେଶାଲିଷ୍ଟ ମଧ୍ୟରୁ ୩ଜଣ ନିଯୁକ୍ତି ପାଇଛନ୍ତି । ଛତିଶଗଡ, ଝାଡଖଣ୍ଡ ଏବଂ ପଶ୍ଚିମ ଓଡିଶାର ଲୋକମାନେ ଭୀମସାର ଉପରେ ନିର୍ଭର କରନ୍ତି । ଯେଉଁ ଏକମୋ ମେସିନ୍ ଆଜି କେବଳ କଟକରେ ରଖିବା ପାଇଁ ଚିନ୍ତା କରିଛନ୍ତି ରାଜ୍ୟ ସରକାର ସେ ଏକମୋ ମେସିନକୁ ଭୀମସାରରେ ଲଗାଇବାର ଆବଶ୍ୟକତା ଅଛି। ଭୀମସାରରେ ଏକମୋ ମେସିନ ଲଗାଇବା ଦାବିରେ ଆସନ୍ତା ଜୁଲାଇ ୨୮ ତାରିଖରେ ପଶ୍ଚିମ ଓଡିଶାର ପ୍ରତ୍ୟେକ ଜିଲ୍ଲା ସଦର ମହାକୁମାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ । ସେହିପରି ଅଗଷ୍ଟ ୨ତାରିଖରେ ଜିଲ୍ଲା ତରଫରୁ ଆରଡିସି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ଧାରଣା ପ୍ରଦର୍ଶନ କରାଯିବ ବୋଲି ରାଜ୍ୟ ସାଧାରଣ ସଂପାଦକ ରବି ନାଏକ ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡ. ମୁକେଶ ମହାଲିଙ୍ଗ, ଶଙ୍କର ଓରାମ, ନିତ୍ୟାନନ୍ଦ ଗଣ୍ଡ, ଯୁବମୋର୍ଚ୍ଚା ସଭାପତି ଇରାସିସ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଏମ୍ଏସ୍ଏମ୍ଇ ସଚିବଙ୍କ ହସ୍ତିକା ଉତ୍ପାଦନ କେନ୍ଦ୍ର ପରିଦର୍ଶନ

ଭୁବନେଶ୍ୱର,୨୫/୦୭ (ନି.ପ୍ର): ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଗତକାଲି ପିପିଲି ନିକଟରେ ସ୍ଥାପିତ ହସ୍ତିକା ହସ୍ତଶିଳ୍ପ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଷ୍ଟାର୍ଟଅପ୍ କୁ ଓଡ଼ିଆ ଯୁବକ ବିଶ୍ୱଜିତ ସ୍ୱାଇଁ ଆରମ୍ଭ କରି ବର୍ତ୍ତମାନ ୨୦ ଜଣ କୁଶଳୀ ଶିଳ୍ପୀଙ୍କ ଜରିଆରେ କଦଳୀ ପଟୁଆ, ସବାଇଘାସ ଓ ମଧୁର କାଠିରେ ବିଭିନ୍ନ ପ୍ରକାରର ସୌଖିନ ସାମଗ୍ରୀ ତିଆରି କରୁଛନ୍ତି, ଯାହାର ଏବେ ଦେଶ ବିଦେଶରେ ବହୁଳ ଭାବେ ଚାହିଦା ବଢୁଛି। ନିକଟରେ ଏହି ଷ୍ଟାର୍ଟଅପ୍ ଯୁକ୍ତରାଷ୍ଟ୍ର ଆମେରିକା ତା'ର କାରବାର କରିବା ପାଇଁ ହସ୍ତିକା ହ୍ୟାଣ୍ଡିକ୍ରାଫ୍ଟସ୍ ଏଲ୍ଏଲ୍ସି କମ୍ପାନୀ ଭାବେ ପଞ୍ଜୀକୃତ କରିଥିବା ଜଣାପଡ଼ିଛି । ସଚିବ ଏଠାରେ ତିଆରି ସାମଗ୍ରୀଗୁଡ଼ିକ ଦେଖି ଖୁସି ବ୍ୟକ୍ତ କରିଥିଲେ। ଆନ୍ତର୍ଜାତିକ ବଜାରରେ ନିଜର ପରିଚୟ ସୃଷ୍ଟି କରୁଥିବା ଏ ଧରଣର ଷ୍ଟାର୍ଟଅପ୍ ଗୁଡ଼ିକୁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ତାଙ୍କ ସହ ଏମ୍ଏସ୍ଏମ୍ଇ ବିଭାଗର ଅତିରିକ୍ତ ଶାସନ ସଚିବ ଉଦୟ ନାରାୟଣ ଦାସ, ବିଭାଗର ଇଭାନ୍‌ଜେଲିଷ୍ଟ ସୁଶ୍ରୀ ସଂଯୁକ୍ତା ବଡ଼ାଇ ଏହି ହସ୍ତଶିଳ୍ପ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିଥିଲେ ।

# ଦିନକରେ ୧୨୯ ନୂଆ କରୋନା ସଂକ୍ରମିତ

### ଦୁଇଦିନିଆ ଟିକାକରଣ ୨୭ରୁ

ବାଲେଶ୍ୱର,୨୫/୦୭ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୨୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ନଲମଗଞ୍ଜରୁ ୩ଜଣ, ମାନସିଂବଜାରରୁ ୨, ଅଙ୍ଗାରଗଡ଼ିଆରୁ ୨ଜଣଙ୍କ ସମେତ ଆଜିମାବାଦ ଓ ଶୋଭାରାମପୁର ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ରହିଛନ୍ତି। ଦିନକରେ ବାଲେଶ୍ୱର ପୌରାଞ୍ଚଳରେ ମୋଟ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିଭଳି ବାହାନଗା ବ୍ଲକରୁ ଜଣେ, ବାଲିଆପାଳରୁ ୧୩, ବସ୍ତାରୁ ୧୩, ଭୋଗରାଇରୁ ୨୧, ଜଳେଶ୍ୱରରୁ ୧୩, ଖଇରାରୁ ଜଣେ, ନୀଳଗିରିରୁ ୨୬, ରେମୁଣାରୁ ୧୧, ସଦରରୁ ୧୮ ଓ ସୋର ବ୍ଲକରୁ ଜଣେ ବ୍ୟକ୍ତି ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୭,୪୮୦ରେ ପହଞ୍ଚିଥିବା ବେଳେ ଏବେ ସୁଦ୍ଧା ୩୫,୯୧୧ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଏବେ ସକ୍ରିୟ ଥିବା ୧୩୮୪ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୧୨୫୧ଜଣ ଗୃହ ସଙ୍ଗରୋଧରେ ଏବଂ ୧୦୩ଜଣ କୋଭିଡ ଡାକ୍ତରଖାନା ଓ କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ଘଂଟା ମଧ୍ୟରେ କୌଣସି କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘୋଷଣା କରାଯାଇନଥିବା ବେଳେ ଜିଲାରେ ଏବେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୮୦ରେ ସ୍ଥିର ରହିଥିବା ସରକାରୀ ୱେବସାଇଟରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ବାଲେଶ୍ୱରରେ ସାମୁହିକ ଟିକାକାରଣ ପାଇଁ ପୁଣି ଥରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ୨୭ ଓ ୨୮ ଦୁଇ ଦିନ ପାଇଁ ହେବାକୁ ଥିବା ସ୍ୱତନ୍ତ୍ର ପର୍ଯ୍ୟାୟରେ ୪୫ରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କ ଦ୍ୱିତୀୟ ଡୋଜ ଓ ୧୮-୪୪ ବର୍ଷ ବର୍ଗର ବ୍ୟକ୍ତିଙ୍କ ପ୍ରଥମ ଡୋଜ ଟିକା ପ୍ରଦାନ କରାଯିବ। ଏଥିରେ ପ୍ରଥମ ଦିନରେ ୧୪,୯୦୦ ଓ ଦ୍ୱିତୀୟ ଦିନରେ ୭,୮୦୦ ଜଣ ୪୫ରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କୁ କେବଳ ଦ୍ୱିତୀୟ ଡୋଜ ଟିକା ଦିଆଯିବ । ସେହିପରି ଦୁଇ ଦିନରେ ଯଥାକ୍ରମରେ ୪୦୫୦ ଓ ୧୭୫୦ ଜଣଙ୍କୁ ୧୮-୪୪ ବର୍ଗର ବ୍ୟକ୍ତିଙ୍କୁ କେବଳ ପ୍ରଥମ ଡୋଜ ଟିକା ପ୍ରଦାନ ନେଇ ଲକ୍ଷ୍ୟ ରଖାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁଚନା ମିଳିଛି । ଏବେ ସୁଦ୍ଧା ବାଲେଶ୍ୱର ଜିଲାରେ ମୋଟ ୭,୬୩,୫୮୭ଜଣଙ୍କୁ ଟିକା ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବ୍ୟବଚ୍ଛେଦ ପରେ ପରିବାରକୁ ....

ଏକ୍ସ-ରେରୁ ଜଣାପଡ଼ିଛି। ପରେ ଜିଲା ଚିକିତ୍ସାଳୟର ବ୍ୟବଚ୍ଛେଦ ଗୃହରେ ଶବ ବ୍ୟବଚ୍ଛେଦ କରାଯାଇଥିଲା । ବ୍ୟବଚ୍ଛେଦ ପରେ ହାଇଦରର ଶବକୁ ପରିବାରକୁ ହସ୍ତାନ୍ତର କରାଯାଇଥିଲା । ତେବେ ଏନକାଉଣ୍ଟର କଥାକୁ ଅସ୍ୱୀକାର କରିଛନ୍ତି ହାଇଦରର ପରିବାର ଲୋକେ। ପୁଲିସ ହାଇଦରକୁ ହତ୍ୟା କରିଛି ବୋଲି ସେମାନେ ଆଭିଯୋଗ ଆଣିଛନ୍ତି । ପୋଲିସ ପୂର୍ବ ଯୋଜନା ଅନୁଯାୟୀ ଗୁଳିକରି ହତ୍ୟା କରାଯାଇଛି ବୋଲି ହାଇଦରର ପରିବାରବର୍ଗ ଗଣମାଧ୍ୟମ ଆଗରେ ଆରୋପ ଉଠାଇଥିଲେ । ଖସି ପଳାଉଥିବା ବ୍ୟକ୍ତିର ପିଠିରେ ଗୁଳି ନ ବାଜି କେମିତି ଛାତି ଓ ପେଟରେ ବାଜିଲା ବୋଲି ସେମାନେ ପ୍ରଶ୍ନ କରିଥିଲେ । ଅନ୍ୟପକ୍ଷରେ ସିମୁଳିଆ ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇଥିବା ବେଳେ ସ୍ୱତନ୍ତ୍ର ପୁଲିସ ଟିମ ଆଜି ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଛି। ଯାଞ୍ଚ ବେଳେ ପୁଲିସକୁ ଫୁଟିଥିବା ଗୁଳିର ଦୁଇଗୋଟି ଖୋଖା ମିଳିଛି। ଯାଞ୍ଚ ବେଳେ ବାଲେଶ୍ୱର ଏସପି ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ ଗତକାଲି ଚୌଦ୍ୱାରରୁ ବାରିପଦା ଜେଲ ସ୍ଥାନାନ୍ତର ବେଳେ ପରିଶ୍ରା କରିବା ଆଳରେ ଖସିଯିବାକୁ ଚେଷ୍ଟା କରୁଥିବା କୁଖ୍ୟାତ ଗ୍ୟାଙ୍ଗଷ୍ଟାର ଶେଖ୍ ହାଇଦରର ପୁଲିସ ଏନକାଉଣ୍ଟରରେ ମୃତ୍ୟୁ ବରଣ କରଥିଲା। ଜେଲରୁ ଏକ ପୁଲିସ ଭ୍ୟାନରେ ସୁରକ୍ଷା କର୍ମୀଙ୍କ କଡ଼ା ନିରାପତା ମଧ୍ୟରେ ଚୌଦ୍ୱାରରୁ ତାଙ୍କୁ ବାରିପଦା ଜେଲକୁ ନିଆଯାଉଥିଲା। ରାସ୍ତାରେ ଯାଉଥିବା ବେଳେ ହାଇଦର ହଠାତ ପରିଶ୍ରା ଯିବା ପାଇଁ ଅଡ଼ି ବସିବା ଯୋଗୁଁ ୧୬ ନଂ ଜାତୀୟ ରାଜପଥରେ ମାର୍କୋଣା ଛକର ୫ଶହ ମିଟର ପୂର୍ବରୁ ପୁଲିସ ଭ୍ୟାନକୁ ଅଟକି ଥିଲା। ଅପରାହ୍ନ ପ୍ରାୟ ୩ଟା ୨୦ ମିନିଟରେ ଭ୍ୟାନରୁ ଓହ୍ଲାଇ ହାଇଦର ପୁଲିସଠାରୁ ବନ୍ଧୁକ ଛଡ଼େଇ ଖସିଯିବା ପାଇଁ ଚେଷ୍ଟା କରିଥିଲା ଓ ଅନ୍ୟ ଉପାୟ ନଦେଖି ପୁଲିସ ପଛରୁ ୪ ରାଉଣ୍ଡ ଗୁଳି ଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ପ୍ରାୟ ୫ଟା ବେଳେ ହାଇଦରର ମୃତ୍ୟୁ ହୋଇଯାଇଥିଲା।

### ଆଜିଠୁ ଖୋଲିବ ....

ବିଶୋଧନ ସହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମାର୍ଗଦର୍ଶିକା ମାନିବାକୁ ଏସଓପିରେ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା, ହଷ୍ଟେଲ ପରିସରରେ ଗହଳି ଏଡାଇବାକୁ କୁହାଯାଇଛି। ଗତ ୧୭ ତାରିଖରେ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁ ସୂଚନା ଦେଇଥିଲେ ଯେ ଯେଉଁ ସ୍କୁଲରେ ମାଟ୍ରିକ ପରୀକ୍ଷା କେନ୍ଦ୍ର ହୋଇଛି ସେଠାରେ ପରୀକ୍ଷା ପରେ ଖୋଲାଯିବ । ତେବେ ସ୍କୁଲକୁ ଆସିବା ଛାତ୍ରଛାତ୍ରୀଙ୍କ ଇଚ୍ଛାଧୀନ ରହିବ। ଏଥିସହ ସମସ୍ତ ଶ୍ରେଣୀର ଅନଲାଇନ୍ କ୍ଲାସ୍ ଜାରି ରହିବ। ସ୍କୁଲ ସକାଳ ୧୦ଟାରୁ ଦିନ ୧ଟା ୩୦ ପର୍ଯ୍ୟନ୍ତ ଖୋଲିବ। ସ୍କୁଲରେ ଖେଳଛୁଟି ହେବନି। ରବିବାର ଓ ସମସ୍ତ ସରକାରୀ ଛୁଟି ଦିନ ମାନଙ୍କରେ ସ୍କୁଲ ବନ୍ଦ ରହିବ। ପିଲାମାନେ ଅଭିଭାବକମାନଙ୍କ ସହ ଆଲୋଚନା କରି ସ୍କୁଲ ଆସି ପାରିବେ। ସ୍କୁଲ ଖୋଲିବା ନେଇ ଜିଲ୍ଲାପାଳ ନିଷ୍ପତି ନେବେ।

### ହିମାଚଳ କିନ୍ନୋରରେ ବଡ ....

ସ୍ତରରେ କରାଯାଇଛି । କୁହାଯାଇଛି କି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକମାନଙ୍କର ପରିଚୟ ମିଳିପାରି ନାହିଁ । ସୂଚନା ଥାଉକି ମୌସୁମୀ ବର୍ଷା କାରଣରୁ ମହାରାଷ୍ଟ୍ର, କର୍ଣ୍ଣାଟକ , ହିମାଚଳ ପ୍ରଦେଶ ଆଦି ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିଛି । ଏହି କାରଣରୁ ଅଧା ମହାରାଷ୍ଟ୍ରରେ ଏବେ ବନ୍ୟା ପରିସ୍ଥିତି ଦେଖା ଦେଇଛି । ଅନେକ ସ୍ଥାନରେ ମାଟି ଅତଡା ଖସି ବହୁ ଲୋକଙ୍କର ଜୀବନ ଯାଇଛି । ଏହାସହ ବନ୍ୟାସ୍ଥଳରୁ ଲୋକଙ୍କୁ ଉଦ୍ଧାର କରିବାକୁ ବାୟୁସେନା, ସ୍ଥଳସେନା ସହ ରାଜ୍ୟମାନଙ୍କର ଉଦ୍ଧାରକାରୀ ଦଳ କାମରେ ଲାଗିଛନ୍ତି ।

# ଗଛ କଟାକୁ କେନ୍ଦ୍ରକରି ଯୁବକଙ୍କ ଉପରେ ମାରଣାନ୍ତକ ଆକ୍ରମଣ



ବାଲିଆପାଳ,୨୫/୦୭ (ନି.ପ୍ର): ବାଲିଆପାଳଥାନା ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତ ସାନତାଳପଦା ଗ୍ରାମରେ ଗଛକଟାକୁ କେନ୍ଦ୍ରକରି ଜନୈକ ଯୁବକ ଉପରେ ସଂଘବଧଭାବେ ମାରତ୍ମକ ଆକ୍ରମଣ ହୋଇଛି ।ଅଭିଯୋଗ ମୁତାବକ ସାନତାଳପଦା ଗ୍ରାମର ଜଳଧର ଜେନାଙ୍କ ଶୋଇବାଘରର ଝରକାଭିତରଦେଇ ପଡୋଶି ଅନୀଲ ପ୍ରଧାନଙ୍କ ବାଡିରେ ଥିବା ଏକ ମନ୍ଦାରଗଛର ଡାଳ ମାଡିଆସିଥିଲା । ଏନେଇ ଜଳଧରଙ୍କ ପୁଅ ଜୟନ୍ତ ଅନୀଲ ପ୍ରଧାନକୁ ଡାଳ କାଟିନେବାକୁ ବାରମ୍ବାର କହିଥିଲେ ମଧ ସେ ଏହାକୁ ଆଦୌ ଗୁରୁତ୍ୱ ନଦେଇ ଡାଳ କାଟିନଥିଲେ । ଶେଷରେ ବାଧହୋଇ ଜୟନ୍ତ ଡାଳଟିକୁ କାଟିଦେଇଥିଲେ ।ଏଥିରେ ଉତକ୍ଷୀପ୍ତ ହୋଇ ଅନୀଲ ପ୍ରଧାନ, ପ୍ରଦିମ୍ନୀ ପ୍ରଧାନ, ପୁଅ ଚିନ୍ମୟ ପ୍ରଧାନ, ସନ୍ଧ୍ୟାରାଣୀ ପ୍ରଧାନ ଏବଂ ସେମାନନଙ୍କ ସହେଯାଗୀ ଗ୍ରାମର ଟୁନାପ୍ରଧାନଙ୍କ ପୁଅ ରବି ପ୍ରଧାନ ଓ କାମନା ଦାସଙ୍କ ପୁଅ ତନୁ ଦାସ ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ଜଳଧରଙ୍କ ଘରକୁ ଆସି ଅଶ୍ଳୀଳଭାହାରେ ଗାଳିଗୁଲଜ କରିବା ସହ ତାଙ୍କ ସାନପୁଅ ଉପରେ ଆକ୍ରମଣକରିଥିଲେ। ବଡଭାଇ ଜୟନ୍ତ ଏଥିରେ ପ୍ରତିରୋଧ କରିବାରୁ ସେମାନେ ସାନଭାଇକୁ ଛାଡି ଏକ ଶାବଳରେ ଜୟନ୍ତଙ୍କ ଛାତିରେ ପ୍ରହାର କରିଥିଲେ। ଜୟନ୍ତ ତଳେ ପଡିଯିବାରୁ ତାଙ୍କୁ ବିଧା ଗୋଇଠା ମାରି ବେହୋସ କରିପକାଇଥିଲେ। ପରେ ତାଙ୍କୁ ଘୋଷାରିନେଇ ପାଖର୍ ଥିବା ନାଳକୁ ଫିଙ୍ଗିଦେଇ ପଳାଇଥିଲେ । ପରିବାର ଲୋକେ ଏବଂ ଗ୍ରାମବାସୀ ଜୟନ୍ତଙ୍କୁ ମୁମୁର୍ଷୁ ଅବସ୍ଥାରେ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ବାଲିଆପାଳ ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ତେବେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି । ଏନେଇ ଜୟନ୍ତଙ୍କ ମା ଅର୍ଣ୍ଣପୁର୍ଣ୍ଣା ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରଷଣ କରିବ ବୋଲି କହିଛି ।

## ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପୁନର୍ଗଠିତ

ଭୁବନେଶ୍ୱର,୨୫/୦୭ (ନି.ପ୍ର): ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଜିଲ୍ଲା କଂଗ୍ରେସର ନୂତନ କମିଟି ଘୋଷଣା କରିଛନ୍ତି। ଉପସଭାପତି ଭାବେ ତପନ କୁମାର ଚକ୍ରବର୍ତୀ, ବେଣୁଧର ଭୋଇ, ସଂଗ୍ରାମ କେଶରୀ ରାଉତରାୟ, ପ୍ରଦୀପ ସାହୁ, ମାନସ ମହାପାତ୍ର, ଶିଶିର ପରିଡ଼ା, ଶିଳାଦିତ୍ୟ କୁମାର ପଟ୍ଟନାୟକ, ପଦ୍ମଚରଣ ରାୟ, ପ୍ରଦୀପ ସ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସାଧାରଣ ସଂପାଦକ ଭାବେ ପ୍ରତାପ ବଳିଆରସିଂ, ରାକେଶ ସିଂ, ଅଭୟ ସାମନ୍ତରାୟ, ଜ୍ୟୋତିର୍ମୟୀ ଛୋଟରାୟ, ଲୁସେନ ରାୟ, ବିଜୟ କିଶୋର ପଟ୍ଟନାୟକ, ପ୍ରଶାନ୍ତ କୁମାର ସାହୁ, ବିଷ୍ଣୁ ସାହୁ, ମନୋରଞ୍ଜନ ବଡ଼ଜେନା, ଜଟାଧାରୀ ପ୍ରଧାନ, ଅର୍ନ୍ତଯ୍ୟାମୀ ସାହୁ, ପଦ୍ମଲୋଚନ ରାଉତରାୟ, ଫକୀର ସାହୁ, ଅଶୋକ କୁମାର ପାତ୍ର, ହୁଲାସ ସାହୁ ଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି କୋଷାଧକ୍ଷ ଭାବେ କମଳାକାନ୍ତ ପଟ୍ଟନାୟକ, ମୁଖପାତ୍ର ଭାବେ ଅମିତ ମହାନ୍ତି, ସଂପାଦକ ଭାବେ ଉମାକାନ୍ତ ମହାପାତ୍ର, ଉଲ୍ଲାସ ମଲ୍ଲିକ, ତ୍ରିଲୋଚନ ପ୍ରଧାନ, ଆଲୋକ ମହାନ୍ତି, ପ୍ଲାବନ ପଟ୍ଟନାୟକ, ରମେଶ ଷଡ଼ଙ୍ଗୀ, ଗଗନ ପ୍ରଧାନ, ନିରଞ୍ଜନ ନାୟକ, ବିଷ୍ଣୁ ମଲ୍ଲିକ, ମୁସୋଲିନ ବସ୍କ ଖାନ ପ୍ରମୁଖ । ଏହା ବ୍ୟତୀତ ୨୪ ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ , ୨୧ ଜଣ କାର୍ଯ୍ୟକାରୀ ସଦସ୍ୟ ଓ ୨୦ ଜଣ ସ୍ଥାୟୀ ନିମନ୍ତ୍ରିତ ସଭ୍ୟଙ୍କୁ ନିଯୁକ୍ତି ଦିଆଯାଇଛି।

# ୨୪ ଘଂଟାରେ ସୁସ୍ଥ ହେଲେ ୨୧୦୮ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୨୫/୦୭ (ନି.ପ୍ର): ରାଜ୍ୟରେ ଆଜି କରୋନା ଭାଇରସ ସଂକ୍ରମଣରୁ ୨ ହଜାର ୧୦୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୯ ଲକ୍ଷ ୪୫ ହଜାର ୧୭୭ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୪୩୨ ଜଣ ଓ କଟକ ଜିଲ୍ଲାରୁ ଆଜି ୩୩୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବାଲେଶ୍ୱରରୁ ୧୬୮, ଯାଜପୁରରୁ ୧୫୦, ଜଗତସିଂହପୁରରୁ ୯୬, କେନ୍ଦ୍ରାପଡ଼ାରୁ ୯୫, ମୟୂରଭଂଜ ଏବଂ ପୁରୀରୁ ୮୯ ଜଣ ଲେଖାଏଁ, ଅନୁଗୁଳରୁ ୭୧, ଭଦ୍ରକରୁ ୬୪ ଏବଂ ନୟାଗଡ଼ରୁ ୬୧ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି । ସେହିପରି ସୁନ୍ଦରଗଡ଼ରୁ ୬୧, ଢେଙ୍କାନାଳରୁ ୫୫, ସମ୍ବଲପୁରରୁ ୪୧, କୋରାପୁଟରୁ ୩୨, ରାୟଗଡ଼ାରୁ ୩୦, କେନ୍ଦୁଝରରୁ ୨୭, ନବରଂଗପୁରରୁ ୧୯, ମାଲକାନଗିରିରୁ ୧୬, ବରଗଡ଼, ଗଜପତିରୁ ୧୫ ଜଣ ଲେଖାଏଁ, ବୌଦ୍ଧ, କଳାହାଣ୍ଡିରୁ ୧୨ ଜଣ ଲେଖାଏଁ, ଝାରସୁଗୁଡ଼ାରୁ ୧୦, ସୁବର୍ଣ୍ଣପୁରରୁ ୯, କନ୍ଧମାଳରୁ ୮, ଗଂଜାମରୁ ୭, ନୂଆପଡ଼ାରୁ ୪, ବଲାଙ୍ଗୀରରୁ ୩ ଓ ରାଜ୍ୟପୁଲରୁ ୮୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

# ତାରବାଡରେ ବେଆଇନ ବିଦ୍ୟୁତ ଚାର୍ଜ, ସଂସ୍ପର୍ଶରେ ଆସି ଯୁବକ ମୃତ



ବାଲିଆପାଳ,୨୫/୦୭ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ଡଗରା ଗ୍ରାମରେ ଆଜି ଏକ ଚାଷ ଜମିକୁ ହୋଇଥିବା ତାର ବାଡକୁ ବେଆଇନଭାବେ ବିଦ୍ୟୁତ ସଂଯୋଗ କରାଯାଇ ଚାର୍ଜ କରାଯାଇଥିବା ବେଳେ ଏହି ତାର ସଂସ୍ପର୍ଶରେ ଆସି ଜନୈକ ଯୁବକର ମୃତ୍ୟୁ ହୋଇଛି ।ଏହି ଘଟଣାକୁ କେନ୍ଦ୍ରକରି ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା ।ମୃତ ଯୁବକ ଜଣଙ୍କ ହେଲେ ଗ୍ରାମର ବେଣୁଧର ନାଗଙ୍କ ପୁଆ ବିଶ୍ୱଜିତ ନାଗ । ମିଳିଥିବା ସୂଚନା ମୂତାବକ ବିଶ୍ୱଜିତ ଶନିବାର ସଂନ୍ଧ୍ୟାରେ ନିଜର ଟ୍ରାକ୍ଟର ନହେଇ ବିଲକୁ ହଳ କରିବାକୁ ଯାଇଥିଲେ ।ମାତ୍ର ବିଳମ୍ୱିତ ରାତ୍ରୀପର୍ଯ୍ୟନ୍ତ ସେ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ ।ତେବେ ବିଶ୍ୱଜିତ ବିଲ ଗ୍ରାମର ଶମ୍ଭୁନାଥ ପ୍ରଧାନ ଏବଂ ଜୟନ୍ତ ମଣ୍ଡଳ ନିଜ ବିଲରେ କରିଥିବା ଚାର୍ଜ ତାରବାଡ ସଂଶ୍ପର୍ସରେ ଆସି ମରିପଡିଥିବା ।ଦେଖିବାକୁ ମିଳିଥିଲା ।ଏହି ଖବର ପ୍ରଚାରିତ ହେବା ପରେ ଶହ ଶହ ଗ୍ରାମବାସୀ ରୁଣ୍ଡ ହୋଇଯାଇଥିଲେ ।ପରିବାର ଲୋକେ ଶମ୍ଭୁନାଥ ଏବଂ ଜୟନ୍ତ ଉଭୟ ତାଙ୍କ ପୁଅକୁ ଆକ୍ରୋଶମୂଳକ ଭାବେ ମାରିଦେଇଥିବା ଅଭିଯୋଗ କରିଥିଲେ । ଉତ୍ୟକ୍ତ ଗ୍ରାମବାସୀ ଏଭଳି କାଣ୍ଡ ଘଟାଇଥିବା ଶମ୍ଭୁନାଥ ଏବଂ ଜୟନ୍ତ ଙ୍କ ଘରକୁ ଯାଇ ପ୍ରବଳ ପାଟିତୁଣ୍ଡ କରିଥିଲେ ।ଖବର ପାଇ ଆଜି ସକାଳେ ଜାମକୁଣ୍ଡା ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଂଚି ଘଟଣାର ତଦନ୍ତ କରିବା ସହ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ।ପରେ ଶବକୁ ଜବଦକରି ବ୍ୟବେଚ୍ଛଦ କରାଯାଇଛି । ଏହି ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ଦେଶର ଶ୍ରେଷ୍ଠ ୧୦୦ ମଧ୍ୟରେ ଓଡ଼ିଶାର ୨ ଷ୍ଟାର୍ଟଅପ୍

ଭୁବନେଶ୍ୱର,୨୫/୦୭(ନି.ପ୍ର): ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଷ୍ଟାର୍ଟଅପ୍ କନେକ୍ଟ କାର୍ଯ୍ୟକ୍ରମରେ ଟାସ୍କଫୋର୍ସ ବୈଠକ ବସି ବହୁ ସଂଖ୍ୟକ ଅଭିନବ ଷ୍ଟାର୍ଟଅପ୍ କୁ ସୁପାରିଶ କରାଯାଇଛି। ପ୍ରତି ଶନିବାର ଆୟୋଜନ ହେଉଥିବା ଏହି କାର୍ଯ୍ୟକ୍ରମରେ ଷ୍ଟାର୍ଟଅପ୍ ଗୁଡ଼ିକର କାର୍ଯ୍ୟଧାରା ସମୀକ୍ଷା ସହିତ ସେଗୁଡ଼ିକର ଯଥାର୍ଥତା ଏବଂ ବଜାର ଚାହିଦା ଉପରେ ତର୍ଜମା କରାଯାଇ ଟାସ୍କଫୋର୍ସ ଦ୍ୱାରା ଆର୍ଥିକ ସହାୟତା, ବ୍ୟାଙ୍କ ଲିଙ୍କେଜ୍ ଆଦି ପାଇଁ ସୁପାରିଶ କରାଯାଇଥାଏ । ସେହି କ୍ରମରେ ଆଜି ୧୭ଟି ଷ୍ଟାର୍ଟଅପ୍ ର ସମୀକ୍ଷା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଓ ମାର୍ଗଦର୍ଶନରେ ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ଚଳଚଂଚଳ କରିବା ଏବଂ ଷ୍ଟାର୍ଟଅପ୍ ଗୁଡ଼ିକ ଦ୍ୱାରା ରାଜ୍ୟରେ ଉତ୍ପାଦନ କରିବା ପାଇଁ ସମସ୍ତ ଭିତିଭୂମି ଓ ସୁଯୋଗ ସୃଷ୍ଟି କରାଯାଉଛି । ଗତବର୍ଷ ଜାତୀୟ ସ୍ତରରେ ଓଡ଼ିଶା ଷ୍ଟାର୍ଟଅପ୍ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଏଥର ଏହାକୁ ନମ୍ବର-୧ କରିବାକୁ ପ୍ରୟାସ କରାଯାଉଛି । ଷ୍ଟାର୍ଟଅପ୍ ଗୁଡ଼ିକୁ କମ୍ପାନୀରେ ପରିଣତ କରିବା ଦିଗରେ ବିଭାଗ ଯନିବାନ ରହିଛି। ଏଥି ସହିତ ସମସ୍ତ ଷ୍ଟାର୍ଟଅପ୍ ଗୁଡ଼ିକୁ ଉନ୍ନୀତ କରିବା ବ୍ୟାଙ୍କ ଲିଙ୍କେଜ୍ ଏବଂ ର୍ୟାଙ୍କିଂ କରିବା ଆଦି କାର୍ଯ୍ୟ କରାଯାଉଛି। ଦେଶର ଶ୍ରେଷ୍ଠ ୧୦୦ ଜଣ ମଧ୍ୟରେ ଓଡ଼ିଶାର ୨ ଜଣ ଷ୍ଟାର୍ଟଅପ୍ ରହିଥିବା ଗୌରବର ବିଷୟ ବୋଲି ସଚିବ ସୂଚିତ କରିଛନ୍ତି । ସେଗୁଡ଼ିକ ହେଲା ଗ୍ରୋଜିପ୍ ଓ ନେଗୋଟ୍ରିପ୍ ପ୍ରା. ଲିଃ। ଓଡ଼ିଆ ଯୁବକ ଆନନ୍ଦ କୁମାର ମିଶ୍ରଙ୍କ ଦ୍ୱାରା ବିକଶିତ ଅନ୍‌ଲାଇନ୍ ଡେଲିଭରୀ ଟେକ୍‌ନୋଲୋଜି ମାଧ୍ୟମରେ ସେ ଆଜି ଦେଶର ବହୁ ସହରରେ ତାଙ୍କର ଉପସ୍ଥିତି ଜାହିର କରିପାରିଛନ୍ତି। ବିଶେଷ ଭାବେ ଏମ୍ଏସ୍ଏମ୍ଇ ଉତ୍ପାଦଗୁଡ଼ିକର ଡେଲିଭରୀ ଉପରେ ସେ ଦୃଷ୍ଟି ନିକ୍ଷେପ କରିବେ ବୋଲି କହିଛନ୍ତି। ଗତ ୪ ବର୍ଷ ମଧ୍ୟରେ ସେ ୫୦ ହଜାର ଅର୍ଡର ପାଇଥିବା ଏବଂ ୪୦୦ ଉଦ୍ୟୋଗ ଏହାର ଉପଯୋଗ କରି ଲାଭାନ୍ୱିତ ହୋଇଥିବା ଜଣାପଡ଼ିଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ନିର୍ଦ୍ଦେଶକ ସାଦ୍ଦିକ ଆଲାମ୍, ଅତିରିକ୍ତ ଶାସନ ସଚିବ ଉଦୟ ନାରାୟଣ ଦାସ, ଇଡ୍‌କୋର ନିର୍ବାହୀ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ,ଏସ୍‌ଟିପିଆଇ ନିର୍ଦ୍ଦେଶକ ମାନସ ପଣ୍ଡା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାର ନିର୍ଦ୍ଦେଶକ ରେଘୁ ଜି., ଟିଆଇଇ, ଭୁବନେଶ୍ୱରର ଦେବାଶିଷ ପଟ୍ଟନାୟକ, ଲୁମିନସ୍ ଇନ୍‌ଫୋୱେଜ୍ ର ଜୟଶ୍ରୀ ମହାନ୍ତି, ତତ୍ୱ ଟେକ୍‌ନୋଲୋଜିର ଅୟସ୍‌କାନ୍ତ ମହାନ୍ତି, ଆଇଏମ୍ଏମ୍‌ଟିର ଅଶୋକ ସାହୁ, ଆଇଆଇଟି, ଭୁବନେଶ୍ୱରର ପ୍ରଫେସର ଡ. ଏମ୍. ସବାରିମଲାଇ ମାଣିକନ୍ଦନ, ରଶ୍ମିରଞ୍ଜନ ସାହୁ, ଆଲୋକ ଚନ୍ଦ୍ର ଦାସ, ଇଭାନ୍‌ଜେଲିଷ୍ଟ ସଂଯୁକ୍ତ ବଡ଼ାଇ ପ୍ରମୁଖ ଯୋଗଦେଇଥିଲେ ।

# ଭାବ ଉତ୍ତରଣ ସାହିତ୍ୟ ପରିଷଦର ବିଶେଷ ଅତିଥି ଆସରରେ ନାଟ୍ୟ ସାହିତ୍ୟ ଉପରେ ଚର୍ଚ୍ଚା

ଭୁବନେଶ୍ୱର,୨୫/୦୭ (ନି.ପ୍ର): ଅଦ୍ୟ ତା ୨୫/୦୭/୨୦୨୧ ରିଖ ରବିବାର ଅପରାହ୍ନ ୩ଟାରୁ ୫ ଘଟିକା ପର୍ଯ୍ୟନ୍ତ ଭାବ ଉତ୍ତରଣ ସାହିତ୍ୟ ପରିଷଦ, ଭୁବନେଶ୍ୱର (ରେ.ନଂ:-୪୧୧୩୨୧୦୨୫୯୯) ର ମାସାନ୍ତ ବିଶେଷ ସାହିତ୍ୟ ଆସର ଗୁଗୁଲ୍‌ମିଟର ଭର୍ଚୁଆଲ ପ୍ଲାଟଫର୍ମ ଜରିଆରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଆସରରେ ଏଥର 'ଓଡ଼ିଆ ସାହିତ୍ୟରେ ନାଟ୍ୟ ଚେତନା' ଶୀର୍ଷକ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଆସନ ଅଳଙ୍କୃତ କରିଥିଲେ ସୁନାମଧନ୍ୟ ଆଗ ଧାଡ଼ିର ସଂଳାପ ଲେଖକ, ନାଟ୍ୟକାର, ଶିଶୁ ସାହିତ୍ୟିକ ଓ ପ୍ରବକ୍ତା ଶ୍ରୀଯୁକ୍ତ ରଜନୀ ରଞ୍ଜନ ଦାଶ । ଭାବ ଉତ୍ତରଣ ସାହିତ୍ୟ ପରିଷଦର ପ୍ରତିଷ୍ଠାତା ଓ ପରିଚାଳକ ଦୀପକ ରଞ୍ଜନ ଗ୍ରହାଚାର୍ଯ୍ୟ ମହୋଦୟ ଆସରଟିକୁ ପରିଚାଳନା କରିଥିଲେ। ସର୍ବ ପ୍ରଥମେ ଶ୍ରୀବତ୍ସ ଖଡିରତ୍ନଙ୍କ ଦ୍ୱାରା ଗୁରୁ ବନ୍ଦନା ଓ ବେଦପାଠ ଦ୍ୱାରା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ତତ୍ ସଙ୍ଗେ ସଙ୍ଗେ ଉପଦେଷ୍ଟା ମଣ୍ଡଳୀର ଆର୍ଥିକ ପରାମର୍ଶ ଦାତା ମୀନ କେତନ ବର୍ଲେବଡିଆ ମୁଖ୍ୟ ଅତିଥିଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ପୂର୍ବକ ଆମନ୍ତ୍ରିତ କରିଥିଲେ। ସମ୍ପାଦକ ପ୍ରଜ୍ଞାସୁ ମହାନ୍ତି ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଉପ ସଭାପତି ଅଭିରାମ ମଣ୍ଡଳ ମହୋଦୟ ଅତିଥିଙ୍କୁ 'ଭାବ ଉତ୍ତରଣ ସାହିତ୍ୟ ପରିଷଦର ମୂଳ ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବିଷଦ ଭାବେ ଅବଗତ କରାଇ ଥିଲେ । ଏହା ପରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଦାଶ ତାଙ୍କର ସ୍ୱଭାବ ସୁଲଭ ଶୈଳୀରେ ପ୍ରାୟ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବ୍ୟାପୀ ଓଡ଼ିଆ ସାହିତ୍ୟରେ ନାଟ୍ୟ ସାହିତ୍ୟ ଭୂମିକା ସମ୍ପର୍କିତ ସାରଗର୍ଭକ ବିସ୍ତୃତ ଅଭିଭାଷଣ ରଖିଥିଲେ। ଏଥିରେ ସେ ପ୍ରାକ୍ ଓଡ଼ିଆ ସାହିତ୍ୟର ସୃଷ୍ଟି, ସଂଜ୍ଞା, ଉଦ୍ଦେଶ୍ୟ ଓ ଗୀତି କବିତା ଓ କବିତା ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟ, ମାର୍କସଙ୍କ ଠାରୁ ଆରମ୍ଭ କରି ସଚ୍ଚି ରାଉତରାୟଙ୍କ ପର୍ଯ୍ୟନ୍ତ ସାହିତ୍ୟର ଧାରା ତଥା ଓଡ଼ିଆ ସିନେମାରେ ସଙ୍ଗୀତ, ସଂଳାପର ପୃଷ୍ଠଭୂମି ଆଦି ଅନେକ ଉପାଦେୟ ଜ୍ଞାନ ବର୍ଦ୍ଧକ ତଥ୍ୟ ଉପସ୍ଥାପନ କରିଥିଲେ । ବକ୍ତବ୍ୟ ଶେଷରେ ସ୍ୱରଚିତ ମିନି କବିତା ଉପସ୍ଥାପନ କରି ସେ ଆସରରେ ଯୋଗଦାନ କରିଥିବା ପ୍ରତିଟି ବ୍ୟକ୍ତିଙ୍କ ହୃଦୟକୁ ଭାବ ଆବେଗରେ ପ୍ଲାବିତ କରି ରଖିଥିଲେ। ଦୁଇ ଘଣ୍ଟା ଧରି ଚାଲିଥିବା ଏହି ୱେବ୍ ଆସର ର ଶେଷ ପର୍ଯ୍ୟାୟରେ ଏକ ପ୍ରଶ୍ନୋତ୍ତର ପର୍ବ ଅନୁଷ୍ଠିତ ହୋଇଥିଲା ।ବିଭିନ୍ନ ଶ୍ରୋତା ବନ୍ଧୁ ଓ ବାନ୍ଧବୀମାନଙ୍କ ଦ୍ୱାରା ଆନୀତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖି ଅତିଥି କବି ସେମାନଙ୍କ ଜିଜ୍ଞାସାକୁ ଶାନ୍ତ କରାଇ ଥିଲେ। ସର୍ବ ଶେଷରେ ପରିଷଦର ସଭାପତି ଶ୍ରୀମତୀ ଆରତି ପଟ୍ଟଯୋଶି ମହୋଦୟାଙ୍କ ଦ୍ୱାରା ଧନ୍ୟବାଦ୍ ଅର୍ପଣ କରାଯାଇଥିଲା।

# ନିର୍ବାଚନ ପାଇଁ ପ୍ରସ୍ତୁତ ଅଛୁ : ବିଜେଡି

ଭୁବନେଶ୍ୱର,୨୫/୦୭ (ନି.ପ୍ର): ପଂଚାୟତ, ପୌର କିମ୍ବା ସାଧାରଣ ନିର୍ବାଚନ ହେଉ ବିଜୁ ଜନତା ଦଳ ସବୁବେଳେ ନିର୍ବାଚନ ପାଇଁ ପ୍ରସ୍ତୁତ ଅଛି। ଆମେ ନିର୍ବାଚନ ପାଇଁ ନୁହେଁ, ଲୋକଙ୍କ ପାଇଁ କାମ କରୁ ଏବଂ ଓଡିଶାବାସୀ ଆମ ଭଲ କାମ ପାଇଁ ଆମକୁ ପ୍ରତ୍ୟେକଟି ନିର୍ବାଚନରେ ଆର୍ଶୀବାଦ କରି ଜୟଯୁକ୍ତ କରାଉଛନ୍ତି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି । ରାଜ୍ୟ ନିର୍ବାଚନ କମିଶନ ଭଳି ଏକ ସାମ୍ବିଧାନିକ ପଦ ମର୍ଯ୍ୟାଦା ଥିବା ଅନୁଷ୍ଠାନକୁ ଓଡିଶା ବିଜେପି ଅସମ୍ମାନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ । ବିଜେପିର ଏଭଳି ମନ୍ତବ୍ୟ ଯୋଗୁଁ ଆଜି ଆଉଥରେ ଓଡିଶାବାସୀଙ୍କ ସମ୍ମୁଖରେ ଲୋକହସା ହୋଇଛି। ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ କ୍ରମାଗତ ଭାବରେ ନିଜର ଅହଂକାର ଯୋଗୁଁ ଉଭୟ ପଂଚାୟତ ଓ ପୌର ନିର୍ବାଚନରେ ବିଜେପି ଓଡିଶାବାସୀଙ୍କ ଦ୍ୱାରା ପରାସ୍ତ ପରେ ମଧ କିଛି ଶିଖିପାରିଲା ନାହିଁ । ୨୦୧୯ରୁ ଯେତେସବୁ ଉପନିର୍ବାଚନ ହୋଇଛି ସେଥିରେ ଓଡିଶାବାସୀ ବିଜେଡିକୁ ଜୟଯୁକ୍ତ କରିଛନ୍ତି। ଓଡିଶା ବିଜେପି ସର୍ବୋଚ୍ଚ ନ୍ୟାୟାଳୟ, ଉଚ୍ଚ ନ୍ୟାୟାଳୟ, ଜାତୀୟ ନିର୍ବାଚନ କମିଶନ ଓ ରାଜ୍ୟ ନିର୍ବାଚନ କମିଶନ ଭଳି ସାମ୍ବିଧାନିକ ଅନୁଷ୍ଠାନଗୁଡିକୁ ସମ୍ମାନ ଦେବା ଶିଖୁ। ଯଦି ସେମାନଙ୍କର କୌଣସି ଅଭିଯୋଗ ଅଛି ତେବେ ସେମାନେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ନିଜର ମତ ରଖିପାରିବେ । ତାହା ନକରି ରାଜ୍ୟ ନିର୍ବାଚନ କମିଶନ ଭଳି ଏକ ସାମ୍ବିଧାନିକ ଅନୁଷ୍ଠାନକୁ ଅସମ୍ମାନ କରିବା ଓ ଓଡିଶାବାସୀଙ୍କୁ ବିଭ୍ରାନ୍ତ କରିବା ଉଚିତ ନୁହେଁ ବୋଲି ବିଜେଡି ମୁଖପାତ୍ର କହିଛନ୍ତି ।

# ରାଜ୍ୟସ୍ତରୀୟ ଶ୍ରୀଜଗନ୍ନାଥ ଅଷ୍ଟକମ୍ ଆବୃତ୍ତି ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ

ଭୁବନେଶ୍ୱର,୨୫/୦୭ (ନି.ପ୍ର): ହିନ୍ଦୁ ଜାଗରଣ ମଂଚ, ଓଡ଼ିଶା ତରଫରୁ ରାଜ୍ୟସ୍ତରୀୟ ଶ୍ରୀ ଜଗନ୍ନାଥ ଅଷ୍ଟକମ ଆବୃତି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଜଗନ୍ନାଥ ଅଷ୍ଟକମ୍ ଆବୃତି କରି ଭିଡ଼ିଓ ପଠାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା। ସାରା ରାଜ୍ୟରୁ ପାଂଚଟି ବର୍ଗରେ ଶତାଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। କୋଟି ଓଡ଼ିଆଙ୍କ ଆରାଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରାକୁ ଓଡ଼ିଶାର ପୁର ପଲ୍ଲୀରେ ପହଂଚାଇବାଏହି କାର୍ଯ୍ୟକ୍ରମର ମୁଳଲକ୍ଷ୍ୟ ବୋଲି ହିନ୍ଦୁ ଜାଗରଣ ମଂଚର ରାଜ୍ୟ ସଂଗଠନ ସମ୍ପାଦକ ତନ୍ମୟ ଦାଶ କହିଛନ୍ତି। ହିନ୍ଦୁ ଜାଗରଣ ମଂଚର ରାଜ୍ୟ ସଭାପତି ଅଧିବକ୍ତା ଅଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହ ମୁଖ୍ୟ ଅତିଥି ରୂପେ ଆର୍ନ୍ତଜାତୀୟ ଖ୍ୟାତିସମ୍ପନ୍ନ ସଂଗୀତଜ୍ଞ ଆଚାର୍ଯ୍ୟ ଅଭିମନ୍ୟୁ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହିକାର୍ଯ୍ୟକ୍ରମରେ ଶତାଧିକ ପ୍ରତିଯୋଗୀଭର୍ଚୁଆଲ ମାଧ୍ୟମରେ ଅନେକ କାର୍ଯ୍ୟକର୍ତା ଯୋଡ଼ିହେବା ସହିତ କଣ୍ଠଶିଳ୍ପୀ ସୌଦାମିନି ସାମନ୍ତରାୟ, ସ୍ୱପ୍ନାରାଣୀ ରାଉତ, ଦିଗାମ୍ବର ନାୟକ ସଂଗୀତ ପରିବେଷଣ କରି ପ୍ରତିଯୋଗୀ ମାନଙ୍କ ମନରେ ଆଧାତ୍ମିକ ଚେତନା ଉଦ୍ଦିପନା କରିବା ସହ ଉତ୍ସାହିତ କରିଥିଲେ। ଆଗାମୀ ଦିନ ମାନଙ୍କରେଏହିଭଳି କାର୍ଯ୍ୟକ୍ରମ ମାଧ୍ୟମରେ ହିନ୍ଦୁମାନଙ୍କର ଜାଗରଣ କାର୍ଯ୍ୟ ଜାରି ରହିବ ବୋଲି ହିନ୍ଦୁ ଜାଗରଣ ମଂଚ ପକ୍ଷରୁ ପ୍ରକାଶ।

ବାଲେଶ୍ୱର ସୋମବାର, ୨୬ ଜୁଲାଇ, ୨୦୨୧
ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ୮

# ଇସାକ ମୁଣ୍ଡା ଓଡିଶାର ଯୁବପିଢିଙ୍କ ପାଇଁ ପ୍ରେରଣା ସାଜିଛନ୍ତି : ସମୀର ମହାନ୍ତି

ଭୁବନେଶ୍ୱର,୨୫/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ୍' କାର୍ଯ୍ୟକ୍ରମ ଦେଶବାସୀଙ୍କ ହୃଦୟକୁ ଛୁଇଁ ପାରିଛି । ପ୍ରତ୍ୟେକ ଦେଶବାସୀ ଆଜି ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ୍' କାର୍ଯ୍ୟକ୍ରମକୁ ଶୁଣିବା ପାଇଁ ବ୍ୟାକୁଳତାର ସହ ଅପେକ୍ଷାରତ ଥାନ୍ତି । ଏହି କାର୍ଯ୍ୟକ୍ରମ ଦ୍ୱାରା ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଯେଉଁ ଭଳି ଭାବେ ସାଧାରଣ ଦେଶବାସୀଙ୍କ ମନର କଥାକୁ ବାଖ୍ୟା କରୁଛନ୍ତି, ତାହା ଅତ୍ୟନ୍ତ ପ୍ରଶଂସନୀୟ । ଏହା ଦ୍ୱାରା ଅନ୍ୟମାନେ ନିଶ୍ଚିତ ଭାବେ ପ୍ରୋତ୍ସାହିତ ହେବେ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ଦୃଢ ଆଶା ବ୍ୟକ୍ତ କରିଛନ୍ତି । ଓଡିଶାର ସମ୍ବଲପୁର ଜିଲ୍ଲା ଜୁଜୁମରା ବ୍ଲକର ଆଦିବାସୀ ଯୁବକ ଇସାକ ମୁଣ୍ଡାଙ୍କୁ ଆଜି ମନ୍ କି ବାତ୍ ରେ ପ୍ରଧାନମନ୍ତ୍ରୀ ପ୍ରଂଶସା କରିଛନ୍ତି । ଦିନ ମଜୁରିଆ ଭାବେ କାମ କରୁଥିବା ଇସାକ ଏବେ ୟୁଟ୍ୟୁବରେ ଭିଡିଓ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି । ତାଙ୍କର ଏଭଳି ନିଆରା ଚିନ୍ତାଧାରା ଓ କାର୍ଯ୍ୟଶୈଳୀ ପାଇଁ ସେ ଆଜି ଓଡିଶାର ଯୁବପିଢୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ପଖାଳ ଖାଦ୍ୟ ଖାଇବା ଏବଂ ଗ୍ରାମୀଣ ଜୀବନ ଶୈଳୀକୁ ଭିଡିଓ କରି ସମସ୍ତଙ୍କ ପାଖରେ ପହଂଚାଇବାରେ ସେ ସଫଳ ହୋଇପାରିଛନ୍ତି । ଏହା ଆତ୍ମ ନିର୍ଭର ଭାରତର ଏକ ଜ୍ୱଳନ୍ତ ଉଦାହରଣ । ଦୃଢ ଇଚ୍ଛା ଶକ୍ତିଥିଲେ ସବୁ ସମ୍ଭବ ହୋଇପାରେ ବୋଲି ମନ୍ କି ବାତ୍ ଶୁଣିବା ପରେ ଶ୍ରୀ ମହାନ୍ତି କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଅଲମ୍ପିକ ଖେଳାଳିମାନଙ୍କୁ ସୋସିଆଲ ମିଡିଆରେ ପ୍ରଂଶସା କରିବା ପାଇଁ ଶ୍ରୀ ମହାନ୍ତି ଓଡିଶାର ଯୁବପିଢୀଙ୍କୁ ପରାମର୍ଶ ଦେଇଛନ୍ତି । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଭୁବନେଶ୍ୱରର ୪୧ ନମ୍ବର ୱାର୍ଡ ଉତ୍କଳ ଦୃଷ୍ଟିହୀନ ସଂଘ ଠାରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ । ଏହି ଅବସରରେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ ଆଚାର୍ଯ୍ୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧକ୍ଷା ଅର୍ପିତା ଅପରାଜିତା ବଡଜେନାଙ୍କ ସମେତ ଦଳୀୟ କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀଙ୍କ ୭୯ ତମ ମନ୍ କି ବାତ୍ କାର୍ଯ୍ୟକ୍ରମକୁ ରାଜ୍ୟର ବିଭିନ୍ନ ଅଂଚଳରେ ଦଳର ବରିଷ୍ଠ ନେତୃବୃନ୍ଦ, ପଦାଧିକାରୀ ଏବଂ କାର୍ଯ୍ୟକର୍ତାମାନେ ନିଜ ନିଜ ଅଂଚଳରେ ରହି ଶୁଣିଥିଲେ ।

## କରୋନା କଟକଣା, ଶ୍ରାବଣୀବ୍ରତଧାରୀ ନିରାଶ

ପୁରୀ,୨୫/୦୭ (ନି.ପ୍ର): ଆରମ୍ଭ ହୋଇଛି ଶ୍ରାବଣମାସ । ଶ୍ରାବଣୀବ୍ରତଧାରୀ କାଉଡିଆମାନେ ମାସର ପ୍ରତି ସୋମବାର ବିଭିନ୍ନ ଶିବାଳୟରେ ଦେବ ଦେବ ମହାଦେବଙ୍କୁ କରିଥାନ୍ତି ଜଳାଭିଷେକ । ଶିବାଳୟଗୁଡିକ ହୋଇଉଠିଥାଏ ଉତ୍ସବ ମୁଖର । ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ଶ୍ରୀଲୋକନାଥଙ୍କପୀଠକୁ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଆସିଥାନ୍ତି ହଜାର ହଜାର କାଉଡିଆ । କାନ୍ଧରେ ବାହୁଙ୍ଗିଧରି ବିଭିନ୍ନ ନଦୀର ଜଳନେଇ କାଉଡିଆମାନେ ବୋଲବମ୍, ହରହରବମ୍, ଜଟିଆବାବା ପାର୍ କରେଗା, ପାର୍ବତୀପତି ପାର କରେଗା ପ୍ରଭୃତି ଧ୍ୱନିରେ ମୁଖରିତ ହୋଇଉଠିଥାଏ ରାସ୍ତାଘାଟ । ତେବେ ମହାମାରୀ କରୋନା ସଂକ୍ରମଣକୁ ଆଖିଆଗରେରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା କଟକଣା ଯୋଗୁଁ ଚଳିତ ବର୍ଷ ଫିକା ପଡ଼ିଛି ଶ୍ରାବଣୀ ବ୍ରତ । ନିରାଶ ହୋଇଛନ୍ତି ବ୍ରତଧାରୀ କାଉଡିଆମାନେ । ଶ୍ରବଣୀବ୍ରତ ପାଇଁ ସହରର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଦୋକାନ ଖୋଲୁଥିବା କାଉଡିଆ ସାମଗ୍ରୀ ବ୍ୟବସାୟୀ ହାତବାନ୍ଧି ବସିଛନ୍ତି । ବୁଡ଼ିଛି ସେମାନଙ୍କ ବେପାର ।

# ପାରାଦୀପରେ ୧୦୭ଜଣ ଗର୍ଭବତୀ ମହିଳାଙ୍କୁ ପ୍ରଥମ ପର୍ଯ୍ୟାୟ କୋଭିଡ୍ ଟିକାକରଣ



ପାରାଦୀପ,୨୫/୦୭ (ନି.ପ୍ର): ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ରାଜ୍ୟରେ ଗର୍ଭବତୀ ମହିଳାଙ୍କୁ ପ୍ରଥମ ପର୍ଯ୍ୟାୟ କୋଭିଡ୍-୧୯ ଟିକାକରଣ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଜୁଲାଇ ୨୪ତାରିଖ ଶନିବାର ଦିନ ବନ୍ଦର ସହର ପାରାଦୀପର ଦୁଇଟି ଟୀକାଦାନ କେନ୍ଦ୍ର ବନ୍ଦର ଚିକିତ୍ସାଳୟ ଓ ଅଠରବାଙ୍କୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଗର୍ଭବତୀ ମହିଳାଙ୍କୁ ପ୍ରଥମ ପର୍ଯ୍ୟାୟ ଟୀକା ଗ୍ରହଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ବନ୍ଦର ଚିକିତ୍ସାଳୟରେ ୫୨ଜଣ ଗର୍ଭବତୀ ମହିଳା ଟୀକା ଗ୍ରହଣ କରିଥିବା ବେଳେ ୫୫ଜଣ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ସର୍ବମୋଟ ୧୦୭ଜଣ ଗର୍ଭବତୀ ମହିଳା ଟୀକା ଗ୍ରହଣ କରିଥିବା ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହଲ୍ଲାଦ ଚନ୍ଦ୍ର ପଣ୍ଡା ଓ ଅଠରବାଙ୍କୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡା. ବସନ୍ତ ରାଉତ ସୂଚନା ଦେଇଛନ୍ତି ।

## ସିଲିଣ୍ଡର ଚୋରି ଅଭିଯୋଗରେ ୩ଗିରଫ

ପୁରୀ,୨୫/୦୭ (ନି.ପ୍ର): ଗ୍ୟାସ୍ ସିଲିଣ୍ଡର ଚୋରି କରିଥିବା ଅଭିଯୋଗରେ ଟାଉନ୍‌ଥାନା ପୁଲିସ ତିନିଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେହେଲେ ବାସେଳୀସାହି ଥାନା ଅନ୍ତର୍ଗତ ଲୋକନାଥ ରୋଡ଼ ଛପନଛକର ଜିତୁ ଓରଫ ସ୍ମୃତି ରଞ୍ଜନ ଦ୍ୱିବେଦୀ(୨୭),ଜଗନ୍ନାଥବସ୍ତିର ବୁଲୁ ଓରଫ ହୃସିକେଷ ସାହୁ(୨୮) ଓ ମାର୍କଣ୍ଡେଶ୍ୱରସାହିର କୁନୁ ଓରଫ ରଘୁନାଥ ନନ୍ଦ(୩୦) । ଅଭିଯୁକ୍ତମାନଙ୍କ ନିକଟରୁ ଚୋରି ଯାଇଥିବା ଇଣ୍ଡେନ୍ ଗ୍ୟାସ ଟାଙ୍କି ଓ ଓଡ଼ି୧୩ବି୯୮୮୬ନମ୍ବର ବିଶିଷ୍ଟ ଏକ ହିରୋଇଗ୍ରେଟର ବାଇକ୍ ଜବତ କରାଯାଇଛି । ଗ୍ୟାସ୍ ଟାଙ୍କି ପରିବହନ ଗାଡ଼ିରୁ ଏକ ସିଲିଣ୍ଡର ଚୋରି ହୋଇଥିବା ସମ୍ପର୍କରେ ପ୍ରମୋଦ ପ୍ରଧାନ ଗତ ୧୬ ତାରିଖରେ ଅଭିଯୋଗ କରିଥିଲେ । ଘଟଣାର ତଦନ୍ତ କରି ଟାଉନ୍ ଥାନା ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ।

# ଜିଲ୍ଲାର ୨୭ଜଣ ଶିକ୍ଷକଙ୍କୁ ପଦନ୍ନୋତି

## ଦୀର୍ଘବର୍ଷ ପରେ ପଦନ୍ନୋତି ପାଇଁ ସରକାରଙ୍କୁ କୃତଜ୍ଞତା ଜଣାଇଲେ ଶିକ୍ଷକ

ବାରିପଦା,୨୫/୦୭ (ନି.ପ୍ର): ଓଡିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଚିଠି ନଂ ୫୨୧ ତା ୭.୧.୨୧ ରିଖର ଗାଇଡଲାଇନ ତ ଥା ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ନଂ ୭୭୮୨ ତା ୨୩.୭.୨୧ ରିଖ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାର ୪୨ ଟି ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ତାଲିମ ପ୍ରାପ୍ତ ଶିକ୍ଷକ ମାନଙ୍କ ମଧ୍ୟରୁ ବରିଷ୍ଠତା ଭିତିରେ ୨୭ ଜଣଙ୍କୁ ପ୍ରଧାନ ଶିକ୍ଷକ ପଦକୁ ପଦନ୍ନୋତି ଦିଆଯାଇଛି । ପ୍ରକାଶ ଥାଉକି ଗତ ୧୦ ବର୍ଷ ତଳେ ତା ୧୧.୨.୧୧ ରିଖରେ ତ ତ୍କାଳୀନ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାମଣ୍ଡଳାଧିଶ ଙ୍କ ପକ୍ଷରୁ ୨୬ ଜଣ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଭାବରେ ପଦନ୍ନୋତି ଦିଆଯାଇଥିଲା । ମାତ୍ର ପଦନ୍ନୋତିରେ କୌଣସି ତ୍ରୃଟି ଥିବାର ଦର୍ଶାଇ ଓଡିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ତାଙ୍କର ଚିଠି ନଂ ୪୭୫୭୨ ତା ୧୦.୧୦.୧୧ ରିଖ ମୂଳେ ଜିଲ୍ଲା ଶିକ୍ଷାମଣ୍ଡଳାଧିଶ ରଦ୍ଦ କରିଥିଲେ । ଅନ୍ୟ ଜିଲ୍ଲାରେ ଏହି ପଦନ୍ନତି କାର୍ଯ୍ୟ ସରିଥିଲେ ମଧ ମୟୂରଭଞ୍ଜ ଜିଲ୍ଲାରେ ଏହା ହୋଇ ପାରି ନଥିଲା । ତେବେ ବର୍ତ୍ତମାନ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ମାନଙ୍କୁ ଜିଲ୍ଲାରେ ପଦନ୍ନୋତି ମିଳି ଥିବାରୁ ଶିକ୍ଷକ ମାନେ ଓଡିଶା ସରକାର , ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ତଥା ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଗଛରେ ଚଢି ଯୁବକ ସଂଜ୍ଞାହୀନ

ଜଳେଶ୍ୱର, ୨୫/୭(ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ନେତୁଆ ପଂଚାୟତର ବାଉଁଶବଣି ଗାଁରେ ଆଜି ରବିବାର ମଧ୍ୟାହ୍ନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଘଟଣାରୁ ପ୍ରକାଶ ଗାଁ ଉଦୟ ନାରାୟଣ ଚନ୍ଦଙ୍କ ବାଡିରେ ଏକ ସିରିଶା ଗଛ ଘର ଉପରକୁ ଓହଳି ଥିଲା । ଦୈନିକ ମଜୁରୀରେ ସେହି ଗାଁର ବଂଶୀଧର ହୁଇଙ୍କ ପୁଅ ଦେବେନ୍ଦ୍ର ହୁଇ(୪୪) ଗଛର ଡାଳ ଗୁଡିକୁ କାଟିବା ପାଇଁ ଉପରକୁ ଉଠିଥିଲେ । ପ୍ରାୟ ୪୦ଫୁଟ ଉଚ୍ଚତାରେ ଥିବା ବେଳେ ଦେବେନ୍ଦ୍ରର ମୁଣ୍ଡ ବୁଲାଇ ଦେଇଥିଲା । ଫଳରେ ସେ ଗଛର ଡାଳକୁ ଜାବୁଡି ଧରି ସଂଜ୍ଞାହୀନ ହୋଇ ଯାଇଥିଲା । ଏହି ଖବର ପ୍ରଚାରିତ ହେବାପରେ ଗାଁ ଲୋକେ ରୁଣ୍ଡ ହୋଇ ଦମକଳ ବିଭାଗକୁ ଖବର ଦେଇଥିଲେ । କମାରଶାଳିଆ ଗାଁ ଠାରୁ ବାଉଁବଣି ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ସୂଚନୀୟ ଥିବାରୁ ଦମକଳ ବାହାନୀ ଗାଡି ଘଟଣାସ୍ଥଳକୁ ଯାଇପାରିନଥିଲା । ଦମକଳ ବାହିନୀ ସେମାନଙ୍କ ଜିନିଷପତ୍ର ଓ ଯନ୍ତ୍ରପାତି ଇତ୍ୟାଦି ଧରି ପ୍ରାୟ ୨ କି.ମି. ଦୂର ଚାଲିଚାଲି ଯିବାପରେ ତାଙ୍କର ଲମ୍ବା ସିଡି ଓ ଦଉଡି ସାହାଯ୍ୟରେ ତାଙ୍କୁ ତଳକୁ ଓହ୍ଲାଇବାରେ ସଫଳ ହୋଇଥିବାରୁ ତାର ଜୀବନ ଅଳ୍ପକେ ବର୍ତ୍ତୀ ଯାଇଛି । କଥାରେ ଅଛି ରାଖେ ହରି ମାରେ କିଏ ?

# ଅସହାୟ, ବେସାହାରା ଅନାଥର ଶବ ସତ୍କାର କଲେ ହେଲ୍ପ ଫର ୟୁ ଫାଉଣ୍ଡେସନ



ଜଳେଶ୍ୱର ୨୫/୭(ନି.ପ୍ର) : ବାରିପଦାରୁ ଆସି ଜଳେଶ୍ୱରର ପଥରପୁରା ସାହୁଗଳି ନିକଟରେ କଟିଆପାତ୍ର ନାମକ ଜନୈକ ବ୍ୟକ୍ତି ରିକ୍ସା ଟାଣି ଜୀବନ ଜୀବିକା ଚଳାଇ ଆସୁଥିଲେ । ତାଙ୍କ ନିକଟରେ କେହି ନଥିଲେ ମଧ୍ୟ ସେ ଏକା ରହି ଆସୁଥିଲେ । ମାତ୍ର ୪୫ବର୍ଷ ହୋଇଥିଲେ ମଧ୍ୟ ହୃଦ୍‌ଘାତରେ ଆଜି ରାତିରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ କରୋନାମହାମାରୀ ସମୟରେ ତାଙ୍କୁ କାନ୍ଧ ଦେବାକୁ କେହି ଆସିନଥିଲେ । ଏ ସମ୍ପର୍କରେ ହେଲ୍ପଫରୟୁ ଫାଉଣ୍ଡେସନର ସଭାପତି ମାନସ ଧଳ ଖବର ପାଇ ସେଠାରେ ପହଞ୍ଚି ଏପରି ମହତ୍‌କାର୍ଯ୍ୟରେ ଯୋଗ ଦେବାକୁ ସଦସ୍ୟମାନଙ୍କୁ ପ୍ରବର୍ତ୍ତାଇଥିଲେ । ସଂସ୍ଥାର ସଦସ୍ୟ ଚିନ୍ମୟ ପ୍ରମାଣିକ, ହେମନ୍ତ ପାତ୍ର, ପ୍ରଦୀପ ପାତ୍ର, ସୌମ୍ୟରଂଜନ ଘଡାଇ, ତରୁଣ ନାଥ, ତପନ ଦେ, କାଳିଚରଣ ଦାସ, ନିତ୍ୟାନନ୍ଦ ଦାସ, ବଳରାମ ପ୍ରଧାନ ପ୍ରମୁଖ ଶବକୁ ଶ୍ମାଶାନ ନେଇ ଦହ କରିଥିଲେ । ଏପରି କାର୍ଯ୍ୟକୁ ଜଳେଶ୍ୱର ଅଂଚଳବାସୀ ଭୟସୀ ପ୍ରଶଂସା କରିକରିଛନ୍ତି ।

# ପଞ୍ଚାୟତ ନିର୍ବାଚନ ପାଇଁ କଂଗ୍ରେସର ରଣନୀତି ପ୍ରସ୍ତୁତି ବୈଠକ

## ୩ ବିଧାନସଭା ନେତାଙ୍କୁ ଗୁରୁମନ୍ତ୍ର ଦେଲେ ସଭାପତି



ଭଦ୍ରକ,୨୫/୦୭ (ନି.ପ୍ର): ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ କଂଗ୍ରେସ ଏବେଠାରୁ ରଣନୀତି ପ୍ରସ୍ତୁତି ଆରମ୍ଭ କରିଛି । ଏ ନେଇ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଭଦ୍ରକ, ଭଣ୍ଡାରିପୋଖରୀ ଓ ଧାମନଗର ନିର୍ବାଚନ ମଣ୍ଡଳୀର ନେତୃବୃନ୍ଦଙ୍କୁ ନେଇ ଅନୁଷ୍ଠିତ ହୋଇଛି । ଦଳ ଆଗାମୀ ପଞ୍ଚାୟତ ନିର୍ବାଚନ ବୈତରଣୀ କିପରି ଅତିକ୍ରମ କରିବ ସେ ନେଇ ଜିଲ୍ଲା ସଭାପତି ସୁବ୍ରତ ଦାସ ବିଧାନସଭା ନେତୃମଣ୍ଡଳୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି । ଶ୍ରୀ ଦାସ ତାଙ୍କ ଯୋଜନାରେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ସମ୍ମୁଖୀନ ହେବା ପାଇଁ ବୁଥ୍ ସ୍ତରରୁ ଏବେଠାରୁ ସଂଗଠନକୁ ଦଳୀୟ ଆଦର୍ଶରେ ଆଗେଇବାକୁ ବୁଥ୍ ଓ ୱାର୍ଡ ସ୍ତରରେ କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ । ଶାସକ ଦଳର ଦୁର୍ନୀତି, ବାହାସ୍ଫୋଟକୁ ଲୋକମାନଙ୍କ ପାଖରେ ପ୍ରମାଣିତ କରି ଭୋଟରଙ୍କୁ କଂଗ୍ରେସ ଦଳର ନୀତି ଆଦର୍ଶ ସମ୍ପର୍କରେ ଅବଗତ କରାଇବାକୁ ଭରପୁର ପ୍ରୟାସ କରିବାକୁ କହିଥିଲେ । ଘରକୁ ଘର କର୍ମୀ, ନେତା ବୁଲିବା ସହ ଲୋକଙ୍କ ଅଭାବ, ଅସୁବିଧା, ନିର୍ଯାତନାର କାହାଣୀ ଶୁଣି ସେ ସବୁର ସମାଧାନ ଦିଗରେ ପଦକ୍ଷେପ ନେବାକୁ ମଧ କହିଥିଲେ । କଂଗ୍ରେସ ଦଳ କଥାରେ ନୁହେଁ, କାମରେ ବିଶ୍ୱାସ କରେ । ଏହି ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଶ୍ରୀ ଦାସ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଏ. ଚେଲା କୁମାର ଓ ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଭଦ୍ରକ ବିଧାନସଭା ନେତା ନଳିନୀକାନ୍ତ ମହାନ୍ତି ଓ ଧାମନଗର ନେତା ବିଦ୍ୟାଧର ଯେନା ସେମାନଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ସେହିପରି ଭଦ୍ରକ ବ୍ଲକ ସଭାପତି ଆଡ୍‌ଭୋକେଟ ପ୍ରଫୁଲ୍ଲ ସାମଲ, ଟାଉନ ସଭାପତି ଅବଦୁଲ ମୁକିତ ଖାଁ, ଭଣ୍ଡାରିପୋଖରୀ ବ୍ଲକ ସଭାପତି ରଜନୀକାନ୍ତ ଚାନ୍ଦ, ବନ୍ତ ବ୍ଲକ ସଭାପତି ରାଜେନ୍ଦ୍ର ସ୍ୱାଇଁ, ଧାମନଗର ବ୍ଲକ ସଭାପତି ଅଭିଷେକ ରାଉତ, ଧାମନଗର ବିଜ୍ଞାପିତ ପରିଷଦ ସଭାପତି ପ୍ରସନ୍ନ ଧଳ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ପରବର୍ତ୍ତୀ ସମୟରେ ବାସୁଦେବପୁର ଓ ଚାନ୍ଦବାଲି ନିର୍ବାଚନମଣ୍ଡଳୀ ସ୍ତରୀୟ ପ୍ରସ୍ତୁତି ବୈଠକ କରାଯାଇ ଉକ୍ତ ୨ ନିର୍ବାଚନ ମଣ୍ଡଳୀ ନିମନ୍ତେ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଶ୍ରୀ ଦାସ କହିଥିଲେ ।

## ଆଇସିଏସ୍‌ଇ ପରୀକ୍ଷାରେ ଦୀପାଞ୍ଜଳୀଙ୍କ ସଫଳତା



ଭଦ୍ରକ,୨୫/୦୭ (ନି.ପ୍ର): ଭଦ୍ରକ ଚରମ୍ପା ସ୍ଥିତ ବ୍ୟାପୀ ହୋମ ସ୍କୁଲର ଛାତ୍ରୀ ଦିବ୍ୟାଞ୍ଜଳୀ ପଣ୍ଡା ଚଳିତ ଆଇସିଏସ୍‌ଇ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ୯୧.୬ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯିବା ସହିତ ଜେଜେବାପା ଶିକ୍ଷାବିତ୍ ପର୍ଶୁରାମ ପଣ୍ଡା, ଅଜା କୈଳାସ ଚନ୍ଦ୍ର ମହାପାତ୍ର, ଜେଜେମ. ଆଇ, ବାପା ହେମକାନ୍ତ, ମାଆ ଦେବସ୍ମିତା, କାକା, ଖୁଡି ଶୁଭେଚ୍ଛା ସହ ଆଶୀର୍ବାଦ ପ୍ରଦାନ କରିଛନ୍ତି । ତାଙ୍କର ଏହି ସଫଳତାର ଶ୍ରେୟ ସେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିବାର ଏବଂ ଅଜା ଆଇଙ୍କୁ ଅର୍ପଣ କରିଛନ୍ତି । ଆଗାମୀ ଦିନରେ ସେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

# ବିବେକାନନ୍ଦ କେନ୍ଦ୍ର ବାରିପଦା ଶାଖା ଆନୁକୂଲ୍ୟରେ ଗୁରୁପୂର୍ଣ୍ଣିମା ପାଳିତ

ବାରିପଦା,୨୫/୦୭ (ନି.ପ୍ର): ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ବାରିପଦା ଶାଖା ଆନୁକୂଲ୍ୟରେ ଦୂରଭାଷ ମାଧ୍ୟମରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି । ବାରିପଦା ଶାଖାର ନଗର ସଞ୍ଚାଳିକା ସୁଶ୍ରୀ ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକଙ୍କ ପୌରହିତ୍ୟରେ ଏବଂ ନଗର ପ୍ରମୁଖ ପ୍ରାଧ୍ୟାପକ ସନ୍ଦୀପ କୁମାର ଚାନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଦୂରଭାଷ ସଭା କାର୍ଯ୍ୟକ୍ରମରେ ରାମକଥା ପ୍ରବଚକ ପ୍ରଫେସର ବିଦ୍ୟୁତପ୍ରଭା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । ଆଦି ଗୁରୁ ବ୍ୟାସଦେବଙ୍କ ଦ୍ୱାରା ସୃଷ୍ଟ ଗୁରୁଶିଷ୍ୟ ପରମ୍ପରା ମାଧ୍ୟମରେ ସନାତନ ବୈଦିକ ଧର୍ମର ଏକାତ୍ମ ଶିକ୍ଷା ପିଢ଼ି ପରେ ପିଢ଼ି ନିରବଚ୍ଛିନ୍ନ ଭାବେ ଗତିକରି ସମଗ୍ର ବିଶ୍ୱରେ ଆଦର୍ଶ ଭିତ୍ତିକ ଅମୃତ ପରିବାର, ସମାଜ ଓ ରାଷ୍ଟ ଗଠନ କରିବାରେ ସହାୟକ ହେଉ ବୋଲି ମୁଖ୍ୟବକ୍ତା ତାଙ୍କ ଅଭିଭାଷଣରେ ପରିପ୍ରକାଶ କରିଥିଲେ । ପ୍ରାରମ୍ଭରେ ଶ୍ରୀ ଦୀପକ କୁମାର ଦାଶ ତ୍ରିଓଁକାର, ଶାନ୍ତିମନ୍ତ୍ର ଉଚ୍ଚାରଣ କରିବାପରେ ଶ୍ରୀମତୀ ଦୀପାଳି କର ଗୁରୁ ସ୍ତୋତ୍ର ଗାନ କରିଥିଲେ । ସର୍ବଶେଷରେ ଡକ୍ଟର ସନ୍ଦୀପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ ସହିତ ବିଶ୍ୱ ଶାନ୍ତି ମନ୍ତ୍ର ଉଚ୍ଚାରଣ କରିବା ପରେ ଉତ୍ସବର ପରିସମାପ୍ତି ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ପଚସ୍ତରୀରୁ ଅଧିକ ପରିବାରର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ ।

# ଯୁବ ଶକ୍ତିଙ୍କ ପାଇଁ କିଛି ନୂଆ କରିବାର ସଂକଳ୍ପର ପ୍ରତୀକ ହୋଇଛନ୍ତି ଇସାକ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୨୫/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ କି ବାତରେ ଉଲ୍ଲେଖ ପରେ ଇସାକ ମୁଣ୍ଡାଙ୍କୁ ଟ୍ୱିଟରେ ପ୍ରଶଂସା କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ ଟ୍ୱିଟ କରି କହିଛନ୍ତି ଯେ - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ କି ବାତ କାର୍ଯ୍ୟକ୍ରମକୁ ଶୁଣିବା ଅବସରରେ ପ୍ରଧାନମନ୍ତ୍ରୀଜୀଙ୍କ ଦ୍ୱାରା ଓଡ଼ିଶାର ସମ୍ବଲପୁର ଜିଲ୍ଲା ଯୁଜୁମୁରା ବାବୁପାଲି ଅଂଚଳର ଜନଜାତି ସମ୍ପ୍ରଦାୟର ଇସାକ ମୁଣ୍ଡାଜୀଙ୍କର ଇଂଟରନେଟ୍ ମାଧ୍ୟମରେ ପରବର୍ତ୍ତିତ ଜୀବନଶୈଳିର ଉଦାହରଣ ଆମ ପାଇଁ ଏକ ନୂଆ ଅନୁଭବ ଦିନ ମଜୁରିଆରୁ ଇଂଟରନେଟ୍ ସେନସ୍ୱେସନ ପାଲଟିଥିବା ଇସାକ ମୁଣ୍ଡାଜୀ ଓଡ଼ିଆଙ୍କ ସାମାଜିକ ଜୀବନର ଦୈନିକ ଖାଦ୍ୟ 'ପଖାଳ' ଖାଇବାର ଭିଡ଼ିଓ ପ୍ରସ୍ତୁତ କରି ଆଜି ଜଣେ ସଫଳ ୟୁଟ୍ୟୁବର ହେବା ସହ ଲକ୍ଷାଧିକ ଟଙ୍କା ଉପାର୍ଜନ କରି ପାରୁଛନ୍ତି । ତାଙ୍କର ଏହି ପ୍ରୟାସ ସବୁଠାରୁ ଅନନ୍ୟ । ଇସାକ ମୁଣ୍ଡା ନିଜର ୟୁଟ୍ୟୁବ୍ ଚ୍ୟାନେଲରେ ସ୍ଥାନୀୟ ପାରମ୍ପାରିକ ବ୍ୟଞ୍ଜନ ପ୍ରସ୍ତୁତ କରିବାର ପଦ୍ଧତି, ସାମାଜିକ ଜୀବନଶୈଳିର ଭିଡ଼ିଓ ପ୍ରସ୍ତୁତ କରିବା ତଥା ସଂସ୍କୃତି ଏବଂ ବ୍ୟଞ୍ଜନର ପ୍ରଚାରପ୍ରସାର କରି ଆମକୁ ପ୍ରେରଣା ଦେବା ସହ ଯୁବ ଶକ୍ତିଙ୍କ ପାଇଁ କିଛି ନୂଆ କରିବାର ସଂକଳ୍ପର ପ୍ରତୀକ ହୋଇଛନ୍ତି ବୋଲି ସେ କହିଛନ୍ତି ।

# ମୋ ସରକାର ଓ ଜୀବନବିନ୍ଦୁର ରକ୍ତଦାନ ଶିବିର



ଜଳେଶ୍ୱର ୨୫/୭(ନି.ପ୍ର) : ଆଜି ମୋ ସରକାର ଓ ଜୀବନବିନ୍ଦୁ କାର୍ଯ୍ୟକ୍ରମର ଜଳେଶ୍ୱର ନିର୍ବାଚନଦ ମଣ୍ଡଳୀର ପଶ୍ଚିମବାର୍ଡ ପଂଚାୟତର ପାଳସାହିସ୍ଥିତ ସୁରେନ୍ଦ୍ରନାଥ ହାଇସ୍କୁଲ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଦେବକୁମାରର ଚଣ୍ଡିମାତା କ୍ଲବର ଯୁବକ ମାନଙ୍କ ସହାୟତାରେ ଆଜି ଏପରି କାର୍ଯ୍ୟକ୍ରମକୁ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଓ ଥାନା ଆଇଆଇସି ପର୍ଶୁରାମ ସାହୁ ମିଳିତଭାବେ ଉଦ୍‌ଘାଟନ କରି ସଂସାରରେ ରକ୍ତର ବିକଳ୍ପ ନ ଥିବାରୁ ଥାଲାସେମିଆ, ଗର୍ଭବତୀ ନାରି ଓ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଜୀବନରକ୍ଷା ଲାଗି ଯୁବ ସମାଜ ରକ୍ତଦାନ କରିବାକୁ ଆଗେଇ ଆସିବା ଉଚିତ୍‌ବୋଲି ସେମାନେ କହିଥିଲେ । ଜୀବନବିନ୍ଦୁ କାର୍ଯ୍ୟକ୍ରମର ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସଂଯୋଜକ ମଧୁସୂଦନ ସେନାପତି, ଓଷ୍ଟା ଜଳେଶ୍ୱରର ସଭାପତି ସୁକୁମାର ମିଶ୍ରଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ କ୍ଲବର ସଭାପତି ଅଶୋକ ବେହେରା, ସଂପାଦକ ରବିନ୍ଦ୍ର ଦଳେଇ, ସଚିନ୍ଦ୍ର ଦଳେଇ, ସନ୍ତୋଷ ବେହେରା, ମନୋଜ ବେହେରା, ଜଗବଂଧୁ ଜେନା, ବଂଶୀଧର ଜେନା, କାର୍ତ୍ତିକ ଜେନା, ବଂଶୀଧର ପ୍ରମାଣିକ, ଜୈନୁଲ ଆବେଦିନ, ଲକ୍ଷ୍ମଣ ଗିରି, ପଦ୍ମଲୋଚନ ବେହେରା, ମନ୍ମଥ ବେହେରା, ବରେନ୍ଦ୍ର ଦଳେଇ, ବୁଧଦେବ ମାଝି, ସୁକୁମାର ଦଳେଇ, ରଂଜନ ଦଳାଇ, ରାଜେନ୍ଦ୍ର ବେହେରା, ସୁରଥ ବେହେରା, ରଂଜନ ବେହେରା, ଜୟଦେବ ମିର୍ଦ୍ଧା, ହୃଦୟରଂଜନ ଦଳାଇ, ସୁକୁମାର ଦଳାଇ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ରକ୍ତଭଣ୍ଡାରର ଡାକ୍ତର ମହେଶ ବିଶ୍ୱାଳ, ସହାୟକ ଦେବାଶିଷ ଦତ୍ତ, ଅକ୍ଷୟ ଜେନା, ସ୍ୱାତି ସୁଚରିତା ଜେନା, ବିନୋଦବିହାରି ଦାସ ପ୍ରମୁଖ ରକ୍ତସଂଗ୍ରହରେ ସହାୟତା କରିଥିଲେ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୯ ଗିରଫ

ଭୁବନେଶ୍ୱର,୨୫/୦୭ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୯ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୧୭ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୨,୧୫,୯୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ରାଜଧାନୀରେ ୨୪ ଘଂଟାରେ ୩୭୧ ପଜିଟିଭ୍

ଭୁବନେଶ୍ୱର,୨୫/୦୭ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ରବିବାର ଦିନ ଆଉ ୩୭୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୧୦୮ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୨୬୩ ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୨୩୧ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ନୟାପଲ୍ଲୀ ଓ ପଟିଆରୁ ସର୍ବାଧିକ ୧୫ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖଣ୍ଡଗିରିରୁ ୧୪ ଜଣ ,ଓଲ୍ଡଟାଉନ୍ ରୁ ୧୨ ଜଣ, ନିଳାଦ୍ରୀବିହାରରୁ ୧୧ ଜଣ , ସାମନ୍ତରାପୁରରୁ ୧୦ ଜଣ, ଡୁମଡୁମାରୁ ୯ ଜଣ, ଚନ୍ଦ୍ରଶେଖରପୁର, ପାତ୍ରପଡା ଓ ସହୀଦନଗରରୁ ୮ ଜଣ ଲେଖାଏଁ , ସୁନ୍ଦରପଦା ଓ ୟୁନିଟ୍ ୭ରୁ ୭ ଜଣ ଲେଖାଏଁ , ଭିଏସଏସ୍ ନଗର, ଲକ୍ଷ୍ମୀସାଗର, ଝାରପଡା ଓ ବରମୁଣ୍ଡାରୁ ୬ ଜଣ ଲେଖାଏଁ, ଘାଟିକିଆରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୮୦୬୬ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୯୫୩୦୬ କୁ ବୃଦ୍ଧି ପାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo